
ରୁଦ୍ର ମହାଭିଷେକରେ ସାମିଲ ହେଲେ ବିଷ୍ଣୁଦେବ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store


ଛାଡ଼ପତ୍ର ନେବେ ହଂସିକା ! |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୨୮ Vol. 22 No-128 7 AUGUST 2025 THURSDAY, BHUBANESWAR ଗୁରୁବାର, ୭ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ରେପୋ ରେଟ୍ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୬।୮: ଅପରିବର୍ତ୍ତିତ ରହିଲା ରେପୋ ରେଟ୍ । ରେପୋ ରେଟକୁ ୫.୫୦ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି ଆରବିଆଇ। ବିଶେଷଜ୍ଞ ଅନୁମାନ କରୁଥିଲେ ଏଥର ଆରବିଆଇ ରେପୋ ରେଟ୍‌ରେ କୌଣସି ପରିବର୍ତ୍ତନ ଆଣିବ ନାହିଁ । କାରଣ, ପୂର୍ବରୁ ହୋଇଥିବା ରେଟ୍ କଟ୍ ଏବଂ ବର୍ତ୍ତମାନ ବିଶ୍ୱ ବାଣିଜ୍ୟରେ ଅସ୍ଥିରତାର ପ୍ରଭାବ କଣ, ତାହା ଜାଣିବାକୁ ନୀତି ନିର୍ଦ୍ଧାରକଙ୍କ ପାଇଁ ଆଉ କିଛି ସମୟ ଲାଗିବ । ତେଣୁ ତା ପୂର୍ବରୁ ସୁଧ ହାରରେ ହାତ ମାରିବାକୁ ଚାହିଁନାହାଁନ୍ତି ଆରବିଆଇ ଗଭର୍ଣ୍ଣର । ସୁଧ ହାର ନିର୍ଦ୍ଧାରଣ କରୁଥିବା ଆରବିଆଇର ୬ ଜଣିଆ ପ୍ୟାନେଲ, ସର୍ବସମ୍ମତିରେ ରେଟ୍ ପରିବର୍ତ୍ତନ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଗତ ଜୁନ ମାସରେ ଆରବିଆଇ ସମସ୍ତଙ୍କୁ ଚକିତ କରି ରେପୋ ରେଟ୍ ୫୦ ବେସିସ୍ ପଏଣ୍ଟ କାମାଇଥିଲା । ଏହାସହ ସିଆରଆରକୁ ଶହେ ବେସିସ ପଏଣ୍ଟ କମାଇଥିଲା ଆରବିଆଇ ।

### ଟ୍ରକ୍ ଧକ୍କାରେ ୩ ମୃତ

କେନ୍ଦୁଝର/ତେଲକୋଇ,୬।୮ (ଭାସ୍କର ନ୍ୟୁଜ): ବୁଧବାର ସକାଳେ କେନ୍ଦୁଝର ଜିଲ୍ଲା ଜାତୀୟ ରାଜପଥ ୪୯ର ଜଗମୋହନପୁର ଛକରେ ଏକ ବାଇକକୁ ଟ୍ରକ୍ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ସ୍ୱାମୀ, ସ୍ତ୍ରୀ ଓ ଝିଅର ମୃତ୍ୟୁ ଘଟିଛି। ସମସ୍ତ ମୃତକ ବାରକୋଟ ଥାନା ବାହାଡାପଶି ଗାଁର ବୋଲି ସୂଚନା ମିଳିଛି। ତେବେ ଟ୍ରକ୍ ଡ୍ରାଇଭର ଗାଡ଼ି ଧରି ଫେରାର ହେଉଥିବାବେଳେ ପୋଲିସ ତାକୁ ଜନସନପୁର ଟୋଲଗେଟ୍ ପାଖରୁ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ୩ଜଣଙ୍କ ମୃତଦେହ ବ୍ୟବଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି।

ସେନ୍‌ସେକ୍ସ: ୮୦,୫୪୩.୯୯
ସର୍ବାଧିକ: ୩୩ ଡିଗ୍ରୀ
ସର୍ବନିମ୍ନ: ୨୭ ଡିଗ୍ରୀ

**୬।୮।୨୦୨୫ ର ମତାମତ**

ଶ୍ରୀମନ୍ଦିର ଆଇନ ବଦଳିଲେ ସୁରକ୍ଷା ପଦ୍ଧତି ବଦଳିବ କି ?




**ଆଜିର ପ୍ରସଙ୍ଗ**

ମୋଦୀଙ୍କ ଚୀନ୍ ଗସ୍ତ ଉଭୟ ରାଷ୍ଟ୍ର ମଧ୍ୟରେ ଉତ୍ତମ ସଂପର୍କ ଯୋଡ଼ିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଅଘଟଣ ପରେ ଅଘଟଣ

# ଜଳିଗଲେ ଆଉ ଜଣେ ଛାତ୍ରୀ





- ଘର ଭିତରେ ଛାତ୍ରୀ ଜୀବନ୍ତ ଦଗ୍ଧ
- ଜଣେ ଯୁବକ ବ୍ଲାକମେଲ କରୁଥିବା ଅଭିଯୋଗ
- ୬ମାସ ପୂର୍ବେ ଥାନାରେ ଏତଲା
- ଅପମୃତ୍ୟୁ ମାମଲା ରୁଜୁ
- ଘଟଣାସ୍ଥଳରେ ଏସ୍‌ପି ଓ ବରିଷ୍ଠ ଅଧିକାରୀ
- ମୁଁ ନିଜେ ତଦନ୍ତ କରିବି: ଏସ୍‌ପି
- ଗାଁରେ ବ୍ୟାପକ ପୋଲିସ ମୁତୟନ

ପଟ୍ଟାମୁଣ୍ଡାଇ/କଟକ,୬।୮ (ଭାସ୍କର ନ୍ୟୁଜ): ପୋଲିସରେ ଅଭିଯୋଗ ସତ୍ତ୍ୱେ ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପ୍ରତିବାଦରେ ଜଣେ ୨୦ବର୍ଷୀୟ ଛାତ୍ରୀ କିରାସିନି ଢାଳି ନିଜକୁ ଜାଳି ଦେଇଥିବା ଅଭିଯୋଗ ହୋଇଛି। ତେବେ ସେ ନିଜେ ଜଳିଛନ୍ତି ନା ତାଙ୍କୁ ଜାଳି ଦିଆଯାଇଛି ସେ ନେଇ ବିଭିନ୍ନ ମହଲରେ ସଂଶୟ ପ୍ରକାଶ ପାଇଛି। ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ, ବଲଙ୍ଗା ନାବାଳିକା ଏବଂ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ଛାତ୍ରୀ ନିଜ ଦେହରେ ନିଆଁ ଲଗାଇ ଜୀବନ୍ତ ଦଗ୍ଧ ହେବା ଘଟଣା ରାଜ୍ୟରେ ପୋଲିସ ପ୍ରଶାସନ ଓ ବ୍ୟବସ୍ଥାଗତ ବିଫଳତାକୁ ପୁଣିଥରେ ପ୍ରମାଣିତ କରିଛି। ତେବେ ପଟ୍ଟାମୁଣ୍ଡାଇ ଛାତ୍ରୀଙ୍କ ମାମଲା ପୋଲିସ ବ୍ୟବସ୍ଥାର ବିଫଳତା ଓ ବେପରୁଆ ଚିତ୍ର ଚରିତ୍ରକୁ ମଧ୍ୟ ପଦାରେ ପକାଇ ଦେଇଛି। କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗାଁର ଜଣେ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରୀ ନିଜ ଘରେ ନିଆଁରେ ପୋଡ଼ି ଆତ୍ମହତ୍ୟା କରିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ମୃତା ଛାତ୍ରୀଙ୍କ ପିତା ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅକୁ ଜଣେ ଯୁବକ ବ୍ଲାକମେଲ୍ କରୁଥିଲେ। ଛାତ୍ରୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ରଖି ବ୍ଲାକମେଲ କରୁଥିବାବେଳେ ଏ ନେଇ ପୀଡ଼ିତାଙ୍କ ପରିବାର ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ୬ ମାସ ଧରି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲା। ଓଲଟା ଅଭିଯୁକ୍ତଙ୍କ ମୋବାଇଲ ନମ୍ବର ବ୍ଲକ କରିଦେବାକୁ ପରାମର୍ଶ ଦେଇଥିଲା। ଯେଉଁଥିରେ ତାଙ୍କ ଝିଅ ମାନସିକ ସ୍ତରରେ ଚାପଗ୍ରସ୍ତ ହୋଇ ଜୀବନ ହାରିଥିବା ତାଙ୍କ ବାପା କହିଛନ୍ତି। • ପୃଷ୍ଠା ୫ ଦେଖନ୍ତୁ

## କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଆଲୋଚନା



ନୂଆଦିଲ୍ଲୀ,୬।୮: ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରିବା ସହ କେନ୍ଦ୍ରର ବିଭିନ୍ନ ମନ୍ତ୍ରୀଙ୍କୁ ମଧ୍ୟ ଭେଟି ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଶ୍ରୀ ମାଝୀ ପ୍ରଥମେ ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ରାଜ୍ୟର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଓ କେନ୍ଦ୍ର-ରାଜ୍ୟ ସମନ୍ୱୟ ସଂପର୍କିତ ବିଷୟ ଉପରେ ଆଲୋଚନା କରିଥିଲେ। ଏଥିସହ ନକ୍ସଲ ନିୟନ୍ତ୍ରଣ ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳର ବିକାଶ ଉପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏଥିସହ ପୋଲିସ ଆଧୁନିକୀକରଣ ଉପରେ ଶ୍ରୀ ମାଝୀ ବିଶେଷ ଗୁରୁତ୍ୱ ଦେଇଥିଲେ। ଏଥିସହ ଶ୍ରୀ ମାଝୀ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲଙ୍କୁ ସାକ୍ଷାତ କରି ମହାନଦୀ ଜଳ ସମସ୍ୟା ଓ ଏହାର ନିରପେକ୍ଷ ଓ ନ୍ୟାୟସଂଗତ ସମାଧାନ ଉପରେ ଆଲୋଚନା କରିଥିବା ସୂଚନା ମିଳିଛି। ସେହିପରି ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ କେନ୍ଦ୍ର ଭାରିଶିଳ୍ପ ଓ ସାର୍ବଜନୀନ ଉଦ୍ୟୋଗ ଏବଂ ଇସ୍ପାତ

**ବିଭିନ୍ନ ବିଭାଗର ମନ୍ତ୍ରୀଙ୍କୁ ବି ଭେଟିଲେ**

ମନ୍ତ୍ରୀ ଏଚ.ଡି.କୁମାରସ୍ୱାମୀଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଓଡ଼ିଶାରେ ଇସ୍ପାତ କ୍ଷେତ୍ରର ବିକାଶ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ ଏବଂ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଉପରେ ମଧ୍ୟ ଆଲୋଚନା କରିଥିଲେ। ଏହାସହ ଶ୍ରୀ ମାଝୀ କେନ୍ଦ୍ରମନ୍ତ୍ରୀଙ୍କୁ ଭିଜନ ଓଡ଼ିଶା-୨୦୩୬ ଓ ୨୦୪୭ ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଶ୍ରୀ ମାଝୀ କେନ୍ଦ୍ର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କୁ ମଧ୍ୟ ସାକ୍ଷାତ କରିଥିବା ସୂଚନା ମିଳିଛି। ଆଲୋଚନା ସମୟରେ ରାଜ୍ୟରେ ଆଶା କରାଯାଇଥିବା ବଳକା ଧାନକୁ ଦୃଷ୍ଟିରେ ରଖି ଆଗାମୀ ଋତୁ ପାଇଁ ଧାନସଂଗ୍ରହ ଲକ୍ଷ୍ୟ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଏଥିସହ ସମୟସୀମା ମଧ୍ୟରେ ସ୍ଥାନାନ୍ତର ସୁନିଶ୍ଚିତ କରିବା ପାଇଁ, ଏଫସିଆଇ ଦ୍ୱାରା ମାସିକ ଚାଉଳ ଉଠାଣ ବୃଦ୍ଧି କରିବାକୁ ମଧ୍ୟ ଅନୁରୋଧ କରିଥିଲେ। ଖାଦ୍ୟ ସୁରକ୍ଷାକୁ ସୁଦୃଢ କରିବା ଏବଂ କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଓଡ଼ିଶା ସରକାରଙ୍କ • ପୃଷ୍ଠା ୫ ଦେଖନ୍ତୁ

# ଜାପାନ-ଚୀନ୍ ଗସ୍ତରେ ଯିବେ ମୋଦୀ



ନୂଆଦିଲ୍ଲୀ,୬।୮: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତମାସ ଶେଷରେ ଜାପାନ ଓ ଚୀନ୍ ଗସ୍ତରେ ଯିବା ନେଇ କାର୍ଯ୍ୟକ୍ରମ ସ୍ଥିର ହୋଇଛି। ତାଙ୍କର ଜାପାନ ଗସ୍ତ କାର୍ଯ୍ୟକ୍ରମ ଦ୍ୱିପାକ୍ଷିକ ସଂପର୍କକୁ ମଜବୁତ କରିବା ଉଦ୍ଦେଶ୍ୟରେ ହୋଇଥିବାବେଳେ ଚୀନ୍ ଗସ୍ତ କାର୍ଯ୍ୟକ୍ରମ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ସମ୍ମିଳନୀରେ ଯୋଗ ଦେବାପାଇଁ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଯାତ୍ରା ଏପରି ଏକ ସମୟରେ ହେଉଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ରିକ୍ସ ଦେଶଙ୍କୁ ରୁଷିଆ ତୈଳ ନେଇ ଟାର୍ଗେଟ କରୁଛନ୍ତି। ଏଣୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଗସ୍ତକୁ ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି। ଏହାପୂର୍ବରୁ ଜୁନ୍ ମାସରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଚୀନ୍‌ର କିଙ୍ଗଦାଓରେ ଅନୁଷ୍ଠିତ ଏସ୍‌ସିଓ ରକ୍ଷାମନ୍ତ୍ରୀଙ୍କ ସମ୍ମିଳନୀରେ ଯୋଗ ଦେଇଥିଲେ। ତେବେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ କାର୍ଯ୍ୟକ୍ରମ ଚଳିତମାସ ୩୦ ତାରିଖରୁ ଆରମ୍ଭ ହେବ। ପ୍ରଥମେ ସେ ଜାପାନ ଗସ୍ତରେ ଯିବେ। ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିସିଦାଙ୍କ ସହିତ ଜାପାନ-ଭାରତ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗଦେବେ । ଏଥିସହ ଉଭୟ ରାଷ୍ଟ୍ରଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା ହେବା ମଧ୍ୟ କାର୍ଯ୍ୟକ୍ରମ ରହିଛି। ଏହାପରେ ପ୍ରଧାନମନ୍ତ୍ରୀ ୩୧ ତାରିଖରେ ଚୀନ୍ ଗସ୍ତରେ ଯିବେ। ଚୀନ୍‌ର ତିଆନଜିନ୍ ସହରରେ ଅନୁଷ୍ଠିତ ହେଉଥିବା ଏସସିଓ ସମ୍ମିଳନୀରେ ଭାଗ ନେବେ । ୨୦୧୯ ମସିହା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦ୍ୱିତୀୟ ଥର ଚୀନ ଯାତ୍ରା ହେବ। ଏସସିଓ ବୈଠକରେ ଆତଙ୍କବାଦ, ଆଞ୍ଚଳିକ ସୁରକ୍ଷା, ବ୍ୟାପାର ସହଯୋଗ ଓ ବହୁପକ୍ଷୀୟ ସହଯୋଗ ଭଳି ପ୍ରମୁଖ ପ୍ରସଙ୍ଗରେ ଆଲୋଚନା କରାଯିବ। ସୂଚନାଯୋଗ୍ୟ ଯେ ଆସନ୍ତା ୩୧ ତାରିଖରୁ ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଏସସିଓ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ୨୦ରୁ ଅଧିକ ଦେଶର ନେତା ଏବଂ ୧୦ଟି ଅନ୍ତର୍ଜାତୀୟ ସଂଗଠନର ମୁଖ୍ୟ ପ୍ରଧାନମନ୍ତ୍ରୀ ସମ୍ମିଳନୀ ଏବଂ ସମ୍ବନ୍ଧିତ କାର୍ଯ୍ୟକ୍ରମରେ ସାମିଲ ହେବେ। ପ୍ରଧାନମନ୍ତ୍ରୀ ଏବଂ ଚୀନ୍ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଶେଷଥର ପାଇଁ ୨୦୨୪ ଅକ୍ଟୋବରରେ ରୁଷରେ ଆୟୋଜିତ ବ୍ରିକ୍ସ ସମ୍ମିଳନୀରେ ଭେଟ ହୋଇଥିଲେ।

## ଧରାଲି ଧରାଶାୟୀ

# କେରଳର ୨୮ ପର୍ଯ୍ୟଟକ ନିଖୋଜ

- ୧୯୦ଜଣ ସୁରକ୍ଷିତ ଉଦ୍ଧାର
- ଉଚ୍ଚସ୍ତରୀୟ ବୈଠକ ଡାକିଲେ ଧାମି
- ସେନା ହେଲିକପ୍ଟର ସହାୟତା ଲୋଡ଼ିଲେ
- ସରସ୍ୱତୀ,ମନ୍ଦାକିନୀ ନଦୀର ଜଳସ୍ତର ବୃଦ୍ଧି
- କେଦାରନାଥ ଯାତ୍ରା ସାମୟିକ ସ୍ଥଗିତ



ଡେରାଡୁନ୍,୬।୮: ଗତ ମଙ୍ଗଳବାର ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମ ପ୍ରକୃତିର ତାଣ୍ଡବରେ ଧରାଶାୟୀ ହୋଇଛି। ଧରାଲି ଗାଁ ସଂପୂର୍ଣ୍ଣ ଭାସିଯିବା ସହ ବହୁ ହୋଟେଲ ଭାସିଯାଇଛି। ଏଥିସହ ଶତାଧିକ ଲୋକ ନିଖୋଜ ରହିଛନ୍ତି। ସେଥିମଧ୍ୟରେ କେରଳର ୨୮ଜଣ ପର୍ଯ୍ୟଟକ ନିଖୋଜ ହୋଇଥିବା ସୂଚନା ମିଳିଛି। ପର୍ଯ୍ୟଟକ ଦଳରେ ସାମିଲ ଥିବା ପରିବାରର ଜଣେ ସଂପର୍କୀୟ କହିଛନ୍ତି, ୨୮ ପର୍ଯ୍ୟଟକଙ୍କ ମଧ୍ୟରୁ କେରଳର ୨୦ଜଣ ଓ ବାକି ୮ଜଣ ମହାରାଷ୍ଟ୍ରରେ ରହୁଥିଲେ ମଧ୍ୟ କେରଳର ବିଭିନ୍ନ ଜିଲ୍ଲାରେ ରହି କାମ କରୁଛନ୍ତି। ମଙ୍ଗଳବାର ସକାଳ ୮.୩୦ରେ ଉତ୍ତରକାଶୀରୁ ଗଙ୍ଗୋତ୍ରୀ ଯାଉଥିବାବେଳେ ଅପରାହ୍ନରେ ସେମାନଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା। ଅନ୍ୟପକ୍ଷରେ ଧରାଲିରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ବିଭିନ୍ନ ସ୍ଥାନରେ ଫସିଥିବା ୧୯୦ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡକୁ ସମସ୍ତ ସାହାଯ୍ୟର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସ୍ଥିତିର ମୁକାବିଲା ପାଇଁ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଆଲୋଚନା କରିଛନ୍ତି। ଏପରିକି ସେନା ହେଲିକପ୍ଟର ଉଦ୍ଧାର ପାଇଁ ଯୋଗାଇ ଦେବାପାଇଁ କେନ୍ଦ୍ର ସରକାରଙ୍କୁ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

**ଅର୍ଚ୍ଚିତ ଅନିର୍ବାଣ**



ପୁଣି ଏବେ ଗୋଟେ ପୋଡ଼ାପୋଡି କେସ୍
ବୁଡ଼ାଇ ଦେଲାଣି ହୋସ୍,
ବୁଝି ହେଉନାହିଁ କାହିଁକି କେଜାଣି
ବଢୁଛି ପିଲାଙ୍କ ଜୋସ୍ ?
ନିଆଁ, ପାଣି ଡ୍ୟାସ୍ ଡ୍ୟାସ୍,
ବ୍ୟାନ୍ ହୋଇଯାନ୍ତା ଯଦି ଏ ରାଜ୍ୟରେ
ହୁଅନ୍ତା କି ଆଉ ଲସ୍ ??

## ସାଇନବୋର୍ଡରେ ଓଡ଼ିଆ ଭାଷା ବାଧ୍ୟତାମୂଳକ

# ଅନୁପାଳନ ନ କଲେ ପ୍ରତିଦିନ ଜରିମାନା ୫୦୦ଟଙ୍କା

ଭୁବନେଶ୍ୱର,୬।୮ (ଭାସ୍କର ନ୍ୟୁଜ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଓ ଭାଷାଗତ ଐତିହ୍ୟକୁ ପ୍ରୋତ୍ସାହନ ଓ ସଂରକ୍ଷଣ କରିବା ପାଇଁ ରାଜ୍ୟ ସରକାର ଦୃଢ ପ୍ରତିବଦ୍ଧତାକୁ ଅନୁସରଣ କରି ତଥା ଜନସାଧାରଣଙ୍କ ସୁବିଧା ପାଇଁ ଓଡ଼ିଆ ଭାଷା ଲିପିର ବ୍ୟବହାର ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ବ୍ୟବସାୟିକ ପ୍ରତିଷ୍ଠାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖିବା ବାଧ୍ୟତାମୂଳକ କରିଛନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଚିଠି ଲେଖିଛନ୍ତି। ପ୍ରମୁଖ ଶାସନସଚିବ ଉଷା ପାଢୀଙ୍କ ପକ୍ଷରୁ ଜାରି ଚିଠିରେ ଉଲ୍ଲେଖ କରାଯାଇଛି ଯେ ମହାନଗର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ସମସ୍ତ ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଓଡ଼ିଆ ଭାଷାଲିପିକୁ ପ୍ରାଧାନ୍ୟ ଦେଇ ନିଜ ଫଳକରେ ଓଡ଼ିଆ ଲେଖିବା ନିଶ୍ଚିତ କରିବେ। ନାମ ଫଳକର ମୋଟ କ୍ଷେତ୍ରଫଳର ଅନ୍ୟୂନ ୬୦ ପ୍ରତିଶତ ଓଡ଼ିଆ ଲିପିରେ ଆବଶ୍ୟକ। ଏହା ଆମ ରାଜ୍ୟର ଭାଷା ଦୃଶ୍ୟମାନତା ବୃଦ୍ଧି କରିବା ସହ ଜନସାଧାରଣଙ୍କ ପାଇଁ ସୁବିଧାଜନକ ହୋଇପାରିବ । ରାଜ୍ୟ ସରକାରଙ୍କ ନିୟମ ପାଳନ କରୁଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଟ୍ରେଡ ଲାଇସେନ୍ସ ନବୀକରଣ • ପୃଷ୍ଠା ୫ ଦେଖନ୍ତୁ

## ବଢ଼ିବ ଗିରଫଦାରୀ ସଂଖ୍ୟା

# ଅଭିଯୁକ୍ତଙ୍କ ଛାତି ଧଡ଼ଧଡ଼ !


ଫାଇଲ ଫଟୋ

ବାଲେଶ୍ୱର,୬।୮ (ଭାସ୍କର ନ୍ୟୁଜ): ବହୁଚର୍ଚ୍ଚିତ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଶିକ୍ଷା ବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୂତି ମାମଲାରେ କ୍ରାଇମବ୍ରାଞ୍ଚ ତା'ର ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି। କ୍ରାଇମବ୍ରାଞ୍ଚ ହାତରେ ଲାଗିଛି ଗିରଫ ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ଭିଡିଓ। ତେଣୁ ଗିରଫଦାରୀ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି। କେତେବେଳେ କାହାପାଳି ପଡ଼ିବ କହିବା ମୁସ୍କିଲ। ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କ ଛାତି ଧଡ଼ଧଡ଼। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପୂର୍ବରୁ ଏହି ଘଟଣାରେ ଜ୍ୟୋତିପ୍ରକାଶ ଗଣମାଧ୍ୟମକୁ ମିଛ କହି ଭ୍ରମିତ କରିଥିଲେ। ବାସ୍ତବିକ ଚିତ୍ର କିନ୍ତୁ ଭିନ୍ନ

**ସୌମ୍ୟାଶ୍ରୀ ଆତ୍ମାହୂତି ମାମଲା**

ଥିଲା। ଘଟଣା ଘଟିବା ପୂର୍ବରୁ ପୀଡ଼ିତାଙ୍କୁ ଦୁଇଜଣ ଛାତ୍ରନେତା ପେଟ୍ରୋଲ ଆଣିବାକୁ ବାଧ୍ୟ କରିଥିଲେ ବୋଲି କୁହାଯାଉଛି। ଏମିତିକି ନିଜ ଦେହରେ ପେଟ୍ରୋଲ ଢାଳି ଅଭିନୟ ନ କଲେ ଅନ୍ୟ ଛାତ୍ରଛାତ୍ରୀଙ୍କୁ ଆନ୍ଦୋଳନରୁ ଦୂରେଇ ନେବେ • ପୃଷ୍ଠା ୫ ଦେଖନ୍ତୁ

## ଭାରତ ଉପରେ ଆଉ ୨୫%

# ଟାରିଫ ଲଗାଇଲେ ଟ୍ରମ୍ପ



ନୂଆଦିଲ୍ଲୀ,୬।୮: ଭାରତ ଉପରେ ଅତିରିକ୍ତ ଟାରିଫ ଲଗାଇଲା ଆମେରିକା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଆଉ ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କ ଭାରତ ଉପରେ ଲାଗୁ କରିଛନ୍ତି। ଏବେ ଭାରତ ଉପରେ ମୋଟ ୫୦ ପ୍ରତିଶତ ଶୁଳ୍କ ଲାଗୁ ହୋଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଥମେ ଭାରତ ଉପରେ ୨୫ ପ୍ରତିଶତ ଟାରିଫ ଲଗାଇଥିଲେ। ତେବେ ଭାରତ ରୁଷ ସହ ସଂପର୍କ ଯୋଡ଼ିବା ତଥା ରୁଷରୁ ତେଲ କିଣିବାକୁ ବିରୋଧ କରି ପୁଣି ଅଧିକ ଟାରିଫ ଲଗାଇବେ ବୋଲି ଟ୍ରମ୍ପ ପୂର୍ବରୁ ଘୋଷଣା କରିଥିଲେ। ତାଙ୍କ ଘୋଷଣାର ୨୪ଘଣ୍ଟା ନ ପୂରୁଣୁ ଟ୍ରମ୍ପ ଏହି ଟାରିଫ ବୃଦ୍ଧି କରିଛନ୍ତି। ଟ୍ରମ୍ପ ଦାବି କରିଥିଲେ ଯେ ଭାରତ ରୁଷିଆରୁ ତୈଳ ଓ ସାମରିକ ସାମଗ୍ରୀ କ୍ରୟ କରୁଥିବା ଯୋଗୁ ଏହି ନିଷ୍ପତ୍ତି ନିଆଯାଇଛି। ଏହାସହିତ ଟ୍ରମ୍ପ ଭାରତ ଉପରେ ଉଚ୍ଚ ଟାରିଫ ନୀତି ଲଗାଇ ପାରନ୍ତି ବୋଲି ସଙ୍କେତ ମଧ୍ୟ ଦେଇଥିଲେ। ଆଉ ଏବେ ଟ୍ରମ୍ପ ତାଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିଛନ୍ତି। କିଛିଦିନ ପୂର୍ବେ କେନ୍ଦ୍ର ବାଣିଜ୍ୟମନ୍ତ୍ରୀ ପୀୟୁଷ ଗୋଏଲ କହିଥିଲେ ଯେ ଦେଶର ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର • ପୃଷ୍ଠା ୫ ଦେଖନ୍ତୁ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କେନ୍ଦୁଝରର ମାସିକ ସାଧାରଣ ବୈଠକ ସଂଘର ନିଜସ୍ୱ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଦସ୍ୟମାନଙ୍କ ଉପସ୍ଥିତିରେ ସଂଘର ଉପସଭାପତି ଡାକ୍ତର ପ୍ରଣୟ କୁମାର ସାହୁଙ୍କ ସଭାପତିତ୍ୱରେ ସର୍ବପ୍ରଥମେ ଜାତୀୟ ସଂଗୀତ ଗାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସଭାପତିଙ୍କ ଅନୁରୋଧକ୍ରମେ ଦିବଂଗତ ସଦସ୍ୟମାନଙ୍କର ଅମର ଆତ୍ମାର ସଦ୍ଗତି କାମନା କରାଯାଇ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ସଂଘର ସଂପାଦକ କୃଷ୍ଣଚନ୍ଦ୍ର ପରିଡ଼ା ପୂର୍ବ ବୈଠକର ବିବରଣୀ ପାଠ କରି ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ ଏବଂ ତାହା ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା । ଉପସଭାପତି ରାମମନୋହର ଦ୍ୱିବେଦୀ ସଂଘ କାର୍ଯ୍ୟାଳୟର ଉନ୍ନତିକରଣ ସମ୍ବନ୍ଧୀୟ କାର୍ଯ୍ୟାନ୍ୱୟନର ସୂଚନା ସଭାରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ତପରେ ଅଗଷ୍ଟ ୧୫ ତାରିଖରେ ସଂଘ କାର୍ଯ୍ୟାଳୟରେ ୭୯ତମ ସ୍ୱାଧୀନତା ଦିବସ ସକାଳ ୮ ଘଟିକା ସମୟରେ ପାଳନ କରାଯିବା ପାଇଁ ଧାର୍ଯ୍ୟ କରାଗଲା ବୋଲି ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା । ଏହାପରେ କେନ୍ଦୁଝର ଜିଲ୍ଲାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅଧିକାରୀ ବିପ୍ଳବ ସାମନ୍ତରାୟ ଉପସ୍ଥିତ ରହି ବରିଷ୍ଠ ନାଗରିକ ମାନଙ୍କର ସୁରକ୍ଷା ଓ ସେମାନଙ୍କ ସାମ୍ବିଧାନିକ ଅଧିକାର ବାବଦରେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଏସ୍‌ବିଆଇ ଲାଇଫ୍ ର ଶାଖା ପରିଚାଳକ ମାନସ ରଞ୍ଜନ ଦାଶ ବରିଷ୍ଠ ନାଗରିକମାନଙ୍କର ତାଙ୍କ କାର୍ଯ୍ୟଧାରାରେ ମିଳିତ ହେବା ପାଇଁ ସଦସ୍ୟମାନଙ୍କୁ ଅନୁରୋଧାତ୍ମକ ଆହ୍ୱାନ ଦେଇଥିଲେ । ଶେଷରେ ସହ ସଂପାଦକ କେଶବ ଚନ୍ଦ୍ର ମହାନ୍ତି ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତି ଘୋଷଣା କରିଥିଲେ । ଏହି ସଭାକୁ ସଫଳ କରିବାରେ ସଦସ୍ୟ ବାବାଜି ରାଧାରମଣ ମହାନ୍ତି,ଜନ୍ମେଜୟ ମିଶ୍ର,ଡାକ୍ତର ମଦନ ମୋହନ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।



# ବିକାଶର ଅପହଞ୍ଚରେ ଉପାନ୍ତ କାଶୀପୁର ବ୍ଲକ



ରାୟଗଡା (ଭାସ୍କର ନ୍ୟୁଜ୍): କେବଳ ନିର୍ବାଚନୀ ସମୟରେ ଭୋଟ ଭିକ୍ଷା ପାଇଁ ରାଜନେତାମାନେ ଏହି ଅଞ୍ଚଳରେ ଜନ ବସତି ଥିବା ଜାଣି ଲୋକଙ୍କ ନିକଟକୁ ପହଞ୍ଚନ୍ତି । ଅତି ଲଜ୍ଜାର ବିଷୟ ସ୍ୱାଧୀନତାର ସତସ୍ତରୀ ବର୍ଷ ପୂର୍ତ୍ତି ଉତ୍ସବ ଦେଶ ପାଳନ କରୁଥିବା ବେଳେ ଆମ ଗଣତନ୍ତ୍ରର ସ୍ୱାଦ ଏହିଭଳି ଅନେକ ଗ୍ରାମାଞ୍ଚଳକୁ ପହଞ୍ଚି ପାରିନାହିଁ । ବିକାଶଶୀଳ ଦେଶରେ ବିକାଶୋନ୍ମୁଖୀ ରାଜ୍ୟ ଓଡିଶା ସମଗ୍ର ଦେଶରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେବ ପ୍ରଥମ ସ୍ଥାନ ଅଧିକାର କରି ବିଭିନ୍ନ ମହଲରେ ପ୍ରଶଂସାର ପାତ୍ର ହୋଇ ବଡ ବଡ଼ ସମ୍ମାନ ମୁଣ୍ଡେଇଛି କିନ୍ତୁ ବାସ୍ତବିକତାରେ ରାୟଗଡ଼ା ଜିଲ୍ଲା ଏକ ଖଣିଜ ସମ୍ପଦ ପରିପୂର୍ଣ୍ଣ ଶିଳ୍ପାୟନ ଜିଲ୍ଲା ଏଥିରୁ କାଶୀପୁର ବ୍ଲକ ସମଗ୍ର ରାଜ୍ୟରେ ଉଦୀୟମାନ । କିନ୍ତୁ ପରିତାପର ବିଷୟ କାଶୀପୁର ବ୍ଲକ ଅନ୍ତର୍ଗତ ଗୋଡ଼ିବାଲି ପଞ୍ଚାୟତର ପଣସଗୁଡ଼ା ଗ୍ରାମ କିଛି ଦିନ ପରେ ଏହି ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯିବ । ଉକ୍ତ ଗ୍ରାମ ଡେଇ ପୁଣି ପାଞ୍ଚଖଣ୍ଡ ଗ୍ରାମର ଲୋକ ମଧ୍ୟ ସେହି ଦିଗରେ । ପୂର୍ବ ବିଭାଗ ମୁଖ୍ୟ ରାସ୍ତାରୁ ଗ୍ରାମକୁ ମାତ୍ର ଅଢେଇରୁ ଦୁଇ କିଲୋମିଟର ବ୍ୟବଧାନ, ବର୍ଷା ଜଳ ପ୍ରବାହିତ ନଦୀଟିଏ ଅଞ୍ଚଳବାସୀଙ୍କ ଧନ ଜୀବନ ଓ ଶିକ୍ଷା ସ୍ୱାସ୍ଥ୍ୟ ପ୍ରତି ପ୍ରତିବନ୍ଧକ ସାଜିଛି । ଗ୍ରାମକୁ ଆମ୍ବୁଲାନ୍ସ ଯିବାର ସୁବିଧା ନାହିଁ ଲୋକେ ବିଭିନ୍ନ ସମୟରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ ଠପ୍ ହୋଇ ଯାଉଛି । ସରକାରୀ ପ୍ରଶାସନ ଅଞ୍ଚଳବାସୀଙ୍କ ଗୁହାରି ନ ଶୁଣିବା ପରେ ଜଣେ ଗ୍ରାମ ରୋଜଗାର ସେବକ ଶ୍ୟାମଧର ମାଝୀ ନାମକ ଯୁବକ ଓ ଲୋକେ ମିଳିତ ଉଦ୍ୟମରେ ନଦୀ ଉପରେ ଏକ କାଠ ପୋଲ ନିର୍ମାଣ କରିଥିଲେ । କିନ୍ତୁ ଆଜକୁ ତିନି ବର୍ଷ ପରେ ସମୟର ସ୍ରୋତରେ କାଠ ପୋଲ ଜରାଜୀର୍ଣ୍ଣ ପରିସ୍ଥିତିରେ । ତେଣୁ ଅଞ୍ଚଳବାସୀ ପ୍ରଶାସନକୁ ପୋଲ ଓ ରାସ୍ତା ନିର୍ମାଣ ପାଇଁ ଗୁହାରି କରିଛନ୍ତି । ନଚେତ ପାଞ୍ଚଖଣ୍ଡ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହେବେ ଓ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ମୁଖ୍ୟ ପ୍ରସଙ୍ଗ ହେଲା କାଶୀପୁର ବ୍ଲକର ପ୍ରାୟ ୩୦ ଶତକଡା ରୁ ଅଧିକ ଅଞ୍ଚଳକୁ ଆଜି ପର୍ଯ୍ୟନ୍ତ ସଡ଼କଟିଏ ନିର୍ମାଣ ହୋଇ ନାହିଁ । ହାତ ପାହନ୍ତାରେ ବିକାଶର ବିକଳ୍ପ ଥାଇ ମଧ୍ୟ ଲୋକେ ବର୍ଷ ବର୍ଷ ପ୍ରଶାସନର ଦ୍ୱାରସ୍ଥ ହେଉଛନ୍ତି । ଶେଷରେ ଲୋକଙ୍କ ଆଶା ଆକାଂକ୍ଷା କ୍ଷୁର୍ଣ୍ଣ ହୋଇ ମଉଳି ପଡୁଛି । ଏଣୁ ସେମାନେ ଏହିଭଳି ସଂକଳ୍ପ ନେଉଛନ୍ତି । ଗ୍ରାମବାସୀଙ୍କ ମୌଳିକ ଅଧିକାର ପୂରଣ ଦିଗରେ ଆଗେଇ ଆସି କେଉଁଠି ସଡକ ନିର୍ମାଣ,କେଉଁଠି ପାନୀୟ ଜଳ ଯୋଗାଣର ବ୍ୟବସ୍ଥା,ଗମନା ଗମନ,ସ୍ୱାସ୍ଥ୍ୟ ଭଳି ଅନେକ କାର୍ଯ୍ୟ ଅଭାବ ଅନାଟନରେ ରହି ମଧ୍ୟ ନିଜସ୍ୱ ଅର୍ଥରେ ଅତ୍ୟାବଶ୍ୟକ କାର୍ଯ୍ୟ କରୁଥିବା ଦେଖାଦେଇଛି ଯାହା କି ସରକାରୀ କ୍ଷେତ୍ରରେ ପ୍ରଶାସନ ଦ୍ୱାରା ପୂରଣ ହେବା ଅନିର୍ବାଯ୍ୟ ।

## ପ୍ରେସର ଆଇଇଡି ବିସ୍ଫୋରଣରେ ଜଣେ ଗୁରୁତର

ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ଉସୁର ଅଞ୍ଚଳର ଗୁଞ୍ଜେପର୍ତି ଗାଁରେ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ ବିଛାଯାଇଥିବା ଏକ ପ୍ରେସର ଆଇଇଡି ବିସ୍ଫୋରଣରେ ପ୍ରମୋଦ



କାମେଲ ନାମକ ଜଣେ ନିରୀହ ଗ୍ରାମବାସୀ ଗୁରୁତର ଆହତ ହୋଇଛନ୍ତି । ଦୁଇ ହାତରେ ଗୁରୁତର ଆଘାତ ଲାଗିଛି । ସୂଚନା ଅନୁଯାୟୀ ସେ ଜଣେ ସମ୍ପର୍କୀୟଙ୍କୁ ଭେଟିବାକୁ ଆସିଥିଲେ ଏବଂ ସକାଳେ ଗାଧୋଇବା ପାଇଁ ନାଳକୁ ଯାଇଥିଲେ । ସେତେବେଳେ ଏକ ପ୍ରେସର ଆଇଇଡି ବିସ୍ଫୋରଣ ଘଟିଥିଲା । ତାଙ୍କର ଦୁଇ ହାତର ପାପୁଲିରେ ଗୁରୁତର ଆଘାତ ଲାଗିଛି । ଆହତଙ୍କୁ ଚିକିତ୍ସା ପାଇଁ ଉସୁର ହସ୍ପିଟାଲକୁ ପଠାଯାଇଛି । ପୋଲିସ ସାଧାରଣ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରିଛି ।

# ନାରୀ ନିର୍ଯାତନା ବିରୁଦ୍ଧରେ ଛାତ୍ର ବିଜେଡି ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଜଳେଶ୍ୱର (ଭାସ୍କର ନ୍ୟୁଜ୍): ସମଗ୍ର ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ଉପରେ ନିର୍ଯାତନା ଓ ଅପରାଧ ବଢ଼ି ଚାଲିଛି । ଏହାର ପ୍ରତିବାଦରେ ଜଳେଶ୍ୱର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜଳେଶ୍ୱର ଥାନାରେ ଉପସ୍ଥିତ ହୋଇ ଏକ ସ୍ମାରକପତ୍ର ଡିଜିଙ୍କ ଉଦ୍ଦେଶ୍ୟ ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ସମ୍ପ୍ରତି ଓଡିଶାରେ ନାରୀ ଓ ଛାତ୍ରୀମାନଙ୍କ ପ୍ରତି ଅସଦାଚରଣ, ଅପହରଣ, ଦୁଷ୍କର୍ମ, ଗଣ ଦୁଷ୍କର୍ମ, ହତ୍ୟା, ପର୍ଯ୍ୟଟନ ସ୍ଥଳୀରେ ଆସଦାଚରଣ ବଢ଼ିବା ସହ ଆଇନ ଶୃଙ୍ଖଳା ବ୍ୟାହତ ହୋଇଥିବାର ଉକ୍ତ ସ୍ମାରକପତ୍ରରେ ଦର୍ଶାଇ ଥିଲେ । ଏହା ସହିତ ଅନୁସୂଚିତ ଜାତି ଓ ଜନଜାତି ସ୍କୁଲ ଓ ନିବାସରେ ନାବାଳିକା ଛାତ୍ରୀ ଗର୍ଭବତୀ ହେବା ପରିତାପର ବିଷୟ । ରାଜ୍ୟରେ ଛାତ୍ରୀ ଓ



ନାରୀମାନଙ୍କ ଉପରେ ଘଟିଥିବା ସମସ୍ତ ଦୁର୍ଘଟଣାର ନିରପେକ୍ଷ ତ୍ୱରିତ ତଦନ୍ତ କରାଯାଇ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଦୋଷୀ ମାନଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କ ଲାଗି ସେମାନେ ସୁରକ୍ଷା ବୃଦ୍ଧି କରିବା ପାଇଁ ଦାବି କରିଛି ଛାତ୍ର ବିଜେଡି । ମହିଳା ଓ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ଶାସନ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ପାରଦର୍ଶୀ କରିବା, ଆଇନ୍ ଶାସନ ଉପରେ ଲୋକଙ୍କ ଆସ୍ଥା ବିଶ୍ୱାସ ପୁନଃ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ପୋଲିସ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ବିଜେଡି ଛାତ୍ର ନେତା, ଗୌରବ ଦାସ, ଗୌତମ ପାତ୍ର, ସୁରଜ୍ କୁମାର ଚୌରାସିଆ, ଆନନ୍ଦ କର, ଗଣେଶ ଦଲାଇଙ୍କ ନେତୃତ୍ୱରେ ସ୍ନେହ ରଞ୍ଜନ ସାହୁ, ଶୁଭମ୍ ଦାସ, ସ୍ୱାଧନ ଜେନା, ପ୍ରବୀର ପାତ୍ର, ଅଜିତ କୁମାର ରାଉତ, ସୁନିତା ମାଝି, ଗୌରବ ଦାସ ଅଧିକାରୀ, ବିକ୍ରମ ପରିଡ଼ା, ଦେବାଶିଷ ପାତ୍ର, ଗୌରୀ ସୋରେନ୍, ସୁମୀ ହାତୀ, ମାମା ପାତ୍ର, ବର୍ଷା ରଣା, ତପନ ଚାନ୍ଦ, ରଶ୍ମିରଞ୍ଜନ ପରିଡ଼ା, ଶୁଭେନ୍ଦୁ ପାତ୍ର ପ୍ରମୁଖ ବହୁ କଲେଜ ଛାତ୍ରୀଛାତ୍ରୀ ଜଳେଶ୍ୱର ଥାନା ପରିସରରେ ପ୍ରତିବାଦ କରିବା ସହିତ ଥାନାଧିକାରୀ ଜୟନ୍ତ କୁମାର ବେହେରାଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବେଆଇନ ଟ୍ରକ୍ ପାର୍କିଂ ପାଇଁ ବଢୁଛି ଦୁର୍ଘଟଣା

କୋଇଡା(ଭାସ୍କର ନ୍ୟୁଜ୍): ସୁନ୍ଦରଗଡ ଜିଲ୍ଲା କୋଇଡା ବ୍ଲକ ୫୨୦ ନମ୍ବର ଜାତୀୟ ରାଜପଥ ରେଙ୍ଗାଲବେଡ଼ା ଛକ ନିକଟରେ ବେଆଇନ ଭାବେ ଟ୍ରକ ପାର୍କି ପାଇଁ ଦୁର୍ଘଟଣା ବଢୁଥବବା ଅଭିଯୋଗ ହେଉଛି । ଚାଳକମାନେ ରାସ୍ତା ଉପରେ ଟ୍ରକ ପାର୍କି କରୁଛନ୍ତି ଯାହାଫଳରେ ରାତିରେ ପଛରୁ ଆସୁଥିବା ଗାଡ଼ି ଗୁଡିକ ଜାଣି ନ ପାରିବାରୁ ଦୁର୍ଘଟଣା ବଢୁଛି । ପାର୍କିଂ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବା ବେଳେ ଭୟଙ୍କର ଜାମ ଯୋଗୁ ଆମ୍ବୁଲାନ୍ସ ଏବଂ ସ୍କୁଲ ବସ ଘଣ୍ଟା ଘଣ୍ଟା ଜାମ ରେ ଫସି ରହୁଥିବା ଦେଖିବାକୁ ମିଳିଛି । ରୋଗୀ ନେଇ ଯାଇଥିବା ଆମ୍ବୁଲାନ୍ସ,ପାଠ ପଢିବାକୁ ଯାଉଥିବା ବସରେ ଛାତ୍ରଛାତ୍ରୀ, ମାନେ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ଜାମରେ ଫସି ରହୁଛନ୍ତି । ବାଇକ ଆରୋହୀ ଓ ପଥଯାତ୍ରୀରେ ଯିବା ଆସିବା ବହୁ କଷ୍ଟକର ହୋଇ ପଡୁଥିବା ବେଳେ ଅଧିକାଂଶ ସମୟରେ ଦୁର୍ଘଟଣାରେ ନିରୀହ ଜୀବନ ଯାଉଥିବା ଦେଖିବାକୁ ମିଳିଛି । କୋଇଡା ଖଣି ଅଞ୍ଚଳର କୋଇଡା , କାଶିରା , ପାଟମୁଣ୍ଡା ଡେଙ୍ଗୁଲା, ମାଲଦା , ଟେନସା ପଞ୍ଚାୟତରେ ଥିବା ୩୦ରୁ ଊର୍ଦ୍ଧ୍ୱ ଖଣିରୁ ପ୍ରତ୍ୟେକ ଦିନ ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ଶିଳ୍ପାନୁଷ୍ଠାନ ଗୁଡିକୁ ଖଣିଜ ପଦାର୍ଥ ପରିବହନ ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ବଡ ବଡ ଟ୍ରକ୍ ଗୁଡ଼ିକ ଖଣି ପରିବହନ ପାଇଁ ଆସୁଛନ୍ତି । ଖଣି କମ୍ପାନୀ ଗୁଡ଼ିକର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନଥିବାରୁ ୫୨୦ ନମ୍ବର ଜାତୀୟ ରାଜପଥ ଓ କୋଇଡା ବଡ଼ବିଲ ରାଜପଥରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଟ୍ରକ୍ ରାସ୍ତାର ଉଭୟ ପାର୍ଶ୍ୱରେ ଠିଆ ରହୁଛନ୍ତି । ଏପରିକି ପରିବହନ ସଂସ୍ଥାମାନେ ରୋଡ ଉପରେ ଟ୍ରକ ଗୁଡିକୁ ଲୋଡ଼ିଂ ସ୍ଲିପ ଏବଂ ଚାଲାଣ ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି । ଖଣି ମାଲିକ ଏବଂ ପରିବହନ ସଂସ୍ଥାମାନଙ୍କ ପାଇଁ କୋଇଡା ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି । ଏବେ ଜନସାଧାରଣ ମଧ୍ୟରେ ଗୋଟିଏ ବଡ଼ ପ୍ରଶ୍ନ ଯଦି ରାସ୍ତା ଉପରେ ବେଆଇନ ପାର୍କିଂ କରାଗଲେ ଜୋରିମାନାର ବ୍ୟବସ୍ଥା ଥିଲା ବେଳେ ଏହା କୋଇଡା ରେ କାର୍ଯ୍ୟକାରୀ ହେବା ପରି ଦେଖା ଯାଉନାହିଁ । ଯଦି ରାସ୍ତା ଉପରେ ବେଆଇନ ପାର୍କିଂ କରୁଥିବା ଗାଡି ଗୁଡିକୁ ଫାଇନ କଟା ହୁଅନ୍ତା ତେବେ ଏହାର ବାସ୍ତବ ଚିତ୍ର ଅଲଗା ହୋଇଥାନ୍ତା । ଏଭଳି ସ୍ଥିତିରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଖଣି ପାଇ ନିୟମ ଅଲଗା ଏବଂ ଆୟକର ଦେଉଥିବା ଜନସାଧାରଣ ପାଇ ଅଲଗା । ଖଣି ଲିଜ ଧାରିମାନଙ୍କ ପାଇଁ ନିଜର ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ରଖିବାର ନିୟମ ଥିଲା ବେଳେ କାହିଁକି ଖଣି ମାଲିକ ଏବଂ ପ୍ଲାଣ୍ଟ ମାଲିକ ମାନେ ନିଜର ପାର୍କିଂରେ ସୁବିଧା ନରଖି ସରକାର ନିୟମକୁ ବେଖାତିର କରି ହଜାର ହଜାର ଗାଡ଼ି ଗୁଡ଼ିକୁ ରାଜରାସ୍ତା ଉପରେ ବେଆଇନ ପାର୍କିଂ କରୁଛନ୍ତି । ଯଦି କେହି ଜନସାଧାରଣ ଏହା ଉପରେ ସ୍ୱର ଉଠାଉଛନ୍ତି ସେତେବେଳକୁ କମ୍ପାନୀ ତାଙ୍କୁ ନାଲି ଆଖି ଦେଖାଇବା ସହିତ ଥାନାର ଧମକ ଦେବା ମଧ୍ୟ ଦେଖାଯାଇଛି । ତେବେ ଏଠି ପ୍ରଶ୍ନ ଉଠୁଛି କମ୍ପାନୀ ମାଲିକମାନେ କୋଇଡା ପ୍ରଶାସନକୁ ଖେଳନା କରି ଖେଳୁ ନାହାନ୍ତି ତ ? ଯଦି ନୁହେଁ ତେବେ କାହିଁକି କୋଇଡା ପ୍ରଶାସନ ଚୁପ ବସିଛି ? ଏବେ ଦେଖିବାକୁ ବାକି ରହିଲା କୋଇଡା ପ୍ରଶାସନ କିଛି ପଦକ୍ଷେପ ନେଉଛି କି ସବୁ ଦେଖି ନ ଦେଖିଲା ପରି ରହୁଛି ତାହା ଉପରେ କୋଇଡାବାସୀଙ୍କ ନଜର ।

# କାହାସ୍ୱାର୍ଥରେ ବାଲି ଉତ୍ତୋଳନ ବନ୍ଦ ଅଭିଯୋଗ

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ସୁବର୍ଣ୍ଣରେଖା ନଦୀର ସେକସରାଇ (କ) ବାଲି ସୌରାତରୁ ୭ ବର୍ଷ ପରେ ପୁନଃ ଉତ୍ତୋଳନ ଲାଗି ମଞ୍ଜୁରୀ ମିଳିବାକୁ ଯାଉଥିବା ବେଳେ ଏହାକୁ ବନ୍ଦ କରାଯାଇଛି କାହା ସ୍ୱାର୍ଥରେ ବୋଲି ଗ୍ରାମବାସୀମାନେ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଅତିରିକ୍ତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଗ୍ରାମର ବହୁ ଜନସାଧାରଣଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସୁବର୍ଣ୍ଣରେଖା ନଦୀର ୨୬ଟି ସୌରାତରୁ ବାଲି ଉତ୍ତୋଳନ ହେଉଥିବାବେଳେ ୨୦୧୮ ମସିହାରେ ଏନ୍‌ଜିଟି ଛାଟପରେ ବେଆଇନ୍ ବାଲି ଉତ୍ତୋଳନ ଉପରେ ଲଗାମ ଲଗାଯାଇ ସରକାରୀ ସୈରାତ ଗୁଡିକୁ ବନ୍ଦ କରାଯାଇଥିଲା । ଏହାପରେ ବାଲି ମାଫିଆମାନେ ଚୋରାରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ପଠାଇବା ମାଲେମାଲ ହେଉଥିବା ବେଳେ ସରକାରଙ୍କ କୋଟି କୋଟି ଟଙ୍କା କ୍ଷତି ହୋଇଥିଲା । ଜଳେଶ୍ୱର ବ୍ଲକର ମହମ୍ମଦନଗରପାଟଣା ପଞ୍ଚାୟତର ସେକ ସରାଇ(କ)ବାଲି ଉତ୍ସରୁ ବାଲି ଉତ୍ତୋଳନ ଲାଗି ଟେଣ୍ଡର ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ବନ୍ଦ ହୋଇଯାଇଥିଲା । ଲିଜ୍‌ଧାରୀ ୨୦୧୫-୧୬ ମସିହାରୁ ୨୦୨୦-୨୧ ମସିହା ପର୍ଯ୍ୟନ୍ତ ୫ବର୍ଷ ଲାଗି ବାଲି ଉତ୍ତୋଳନ କରିବାକୁ ଜଳେଶ୍ୱର ତହସିଲ କାର୍ଯ୍ୟାଳୟରୁ କାର୍ଯ୍ୟାଦେଶ ପାଇ ବିଡ ବାବଦ ଟଙ୍କା ଜମା କରିଥିଲେ । ପରବର୍ତ୍ତୀ ସମୟରେ ଏନ୍‌ଜିଟିରେ ମାମଲା ରୁଜୁ ହେବାରୁ ବାଲି ଉତ୍ତୋଳନ ବନ୍ଦ ହୋଇ ଯାଇଥିଲା । ଏବେ ପୁଣି ଉକ୍ତ ବିବାଦୀୟ ସେକସରାଇ (କ) ବାଲି ସୈରାତକୁ ଚାଲୁ କରିବାଲାଗି ସରକାର ପ୍ରୟାସ ଆରମ୍ଭ କରିଥିଲେ । ମନ୍ତ୍ରଣାୟର ନିୟମ ଅନୁଯାୟୀ ମହମ୍ମଦନଗରପାଟଣା ପଞ୍ଚାୟତରେ କାର୍ଯ୍ୟାଳୟରେ ଅଗଷ୍ଟ ୫ତାରିଖରେ ଗ୍ରାମସଭା ଆୟୋଜନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ବାଲି ସୈରାତ ଚାଲୁ ହେଲେ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ଦର୍ଶାଇ କେତେକ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଏହି ଜନଶୁଣାଣିକୁ ବନ୍ଦ କରିବା ଲାଗି ଆଞ୍ଚଳିକ ରାଜ୍ୟ ପଲ୍ୟୁସନ ବୋର୍ଡକୁ ନିର୍ଦ୍ଦେଶ ଦେବା ଫଳରେ ଗ୍ରାମସଭା ବନ୍ଦ କରାଯାଇଛି । ଏହି ଗ୍ରାମସଭା ବନ୍ଦ ହୋଇଥିବା ବିରୋଧରେ ବହୁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ସମବେତ ହୋଇ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ । ସରପଞ୍ଚ ଅରୁଣ ସେନାପତିଙ୍କ ନେତୃତ୍ୱରେ ବାବୁଲି ଭୂୟାଁ, ଦୀନବନ୍ଧୁ ସାହୁ, ଅକ୍ଷୟ ସେନାପତି, ରବୀନ୍ଦ୍ର ପ୍ରଧାନ, ପରେଶ ଦାସ, ପୁକୁଲା ପଲେଇ ପ୍ରମୁଖ ଯୋଗଦେଇ ସେକସରାଇ(କ)ବାଲି ସୈରାତ ପୁନଃ ଚାଲୁ ହେଲେ ଗ୍ରାମବାସୀମାନେ ଉପକୃତ ହେବା ସହିତ କମ୍‌ମୂଲ୍ୟରେ ବାଲି ପାଇପାରିବେ ବୋଲି କହିଥିଲେ । ଫଳରେ ଉନ୍ନୟନ କାର୍ଯ୍ୟ ସୁରୁଖୁରୁରେ ହେବା ଓ ବାଲିଚୋରି ରୋକାଯିବା ସହିତ ଆବାସ ଯୋଜନାରେ ଗରିବ ଲୋକେ ସହଜରେ ଘର ତିଆରି କରି ପାରିବେ ବୋଲି କହିଥିଲେ । ଏଥିରେ ଗ୍ରାମର ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

# ଭଙ୍ଗାଦଦରା ଘରେ ନକୁଳଙ୍କ ଜୀବନ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବଣ ପାହାଡ଼ ଅଞ୍ଚଳରେ ସେତେବେଳର ଶିକ୍ଷାଗତ ଉଚ୍ଚ ପ୍ରତିଭା ଯୋଗ ଧ୍ୟାନରତ । ପାହାଡ଼ ଉପରେ ଭଙ୍ଗା ଦଦରା ଚାଳ ଛପର ରେ ଈଶ୍ୱର ପ୍ରାପ୍ତି ଜ୍ଞାନ ନେଇ ଏକୁଟିଆ ଧ୍ୟାନ ମଗ୍ନ । ନିଜ ପାଖରେ କଣ ଘଟେ ଜାଣି ପାରନ୍ତିନି । ହିଂସ୍ର ଜଙ୍ଗଲ ଜନ୍ତୁ, ସରୀସୃପ, ବିଷାକ୍ତ ସର୍ପ ସାଥିରେ ଜୀବନ ଯାପନ କରୁଥିବା ବୌଦ୍ଧ ଜିଲ୍ଲା ଉପାନ୍ତ କୁସଙ୍ଗ ପଂଚାୟତର ତୀରଡ଼ ଗ୍ରାମ ନକୁଳ ବେହେରା, ବୟସର ଅପରାହ୍ନ ଅର୍ଥାତ ୬୫ବର୍ଷରେ ପଦାର୍ପଣ କରିଛନ୍ତି । ପିତା, ବିଶ୍ୱନାଥ ବେହେରା ଓ ମା ବହୁତ ବର୍ଷରୁ ଆରପାରିକୁ ଚାଲି ଗଲେଣି । ନକୁଳ ଗ୍ରାଜୁଏସନ ସାରିବା ପରେ ପ୍ରଭୁଙ୍କ ପାଖରେ ନିଜକୁ ସମର୍ପିତ କରିଦେଇଛନ୍ତି । ପାହାଡ଼ ଉପରେ ଭଙ୍ଗା ଦଦରା ଘର ଖଣ୍ଡେ ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ତାରା



ଦେଖାଯାଉଛନ୍ତି । ପ୍ରଭୁ ଆଶ୍ରିତରେ ଶିକ୍ଷିତ ନକୁଳ ଯୋଗ ଧ୍ୟାନରେ ଭଙ୍ଗା ଘରେ । ନିଜ ଚତୁର୍ପାର୍ଶ୍ୱରେ କଣ ଘଟେ ତାଙ୍କୁ ଜଣା ନ ଥାଏ କି ସଂସାର ପ୍ରତି ମାୟା ନାହିଁ ଯାହା ଗ୍ରାମବାସୀ ମତ ଦିଅନ୍ତି । ସରକାରୀ ସହାୟତାରୁ ବାର୍ଦ୍ଧକ୍ୟ ଭତ୍ତା ହଜାରେ ଚାଉଳ ୫କେଜି । ତୀରଡ଼ ଗ୍ରାମବାସୀ ଅଭିଯୋଗ ନେଇ ବର୍ତମାନ ର ଦୁଃଖ ବୁଝୁଥିବା ନୂତନ ସରକାର ମୋହନ ମାଝୀ ସରକାର,ଲୋକଙ୍କ ସରକାର ଉକ୍ତ ତିରଡ଼ ଗ୍ରାମର ମୁଣ୍ଡିଆ ପାହାଡ଼ ବା ଶିକ୍ଷିତ ନକୁଳ ରହୁଥିବା ଭଙ୍ଗା ଚାଳିଆରେ ବିକଶିତ ଓଡିଶା ବିକଶିତ ଗାଁ ଯୋଜନାରୁ ଏକ ମଠ କିମ୍ବା ମନ୍ଦିର ନିର୍ମିତ କଲେ ଏହି ପାହାଡ଼ ସହିତ ଗ୍ରାମ ଓ ବଣରେ ଫୁଟି ବଣରେ ଝଡି ଯାଉଥିବା ସେ ସମୟର ଶିକ୍ଷିତ ପ୍ରତିଭାକୁ ଅଂଚଳରେ ମନେ ରୁହନ୍ତେ । ଶିକ୍ଷିତ ନକୁଳଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରଥମରୁ ତୃତୀୟ କୁଶଶିଙ୍ଗା ବିଦ୍ୟାଳୟ,ତୃତୀୟରୁ ସପ୍ତମ କୁମାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଅଷ୍ଟମରୁ ଦଶମ, ହରଭଙ୍ଗା ହାଇସ୍କୁଲ,MABA କଳିଙ୍ଗ ମହାବିଦ୍ୟାଳୟ ଜି.ଉଦୟଗିରିରୁ ପାଠ ସାରିବା ପରେ ନିଜକୁ ପ୍ରଭୁଙ୍କ ପାଖରେ ସମର୍ପିତ କରି ଆଜିପର୍ଯ୍ୟନ୍ତ ଯୋଗଧ୍ୟାନ କରିବା ଦେଖିବାକୁ ମିଳିଛି ।

# ଚାରାରୋପଣ କାର୍ଯ୍ୟକ୍ରମ



ପୁରୁଷୋତ୍ତମପୁର(ଭାସ୍କର ନ୍ୟୁଜ୍): ବୃକ୍ଷ ହିଁ ଜୀବନ ବର୍ତ୍ତମାନର ପରିବର୍ତ୍ତନଶୀଳ ଜଳବାୟୁ ପରିସ୍ଥିତିରେ ପରିବେଶ ସନ୍ତୁଳନ ରକ୍ଷା କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ । ବୃକ୍ଷ ଆମ ଜୀବନର ଆଧାର, ଏହାର ସୁରକ୍ଷା ଆମର କର୍ତ୍ତବ୍ୟ । ପ୍ରାୟ ୧୦୦ ରୁ ଊର୍ଦ୍ଧ ବିଭିନ୍ନ ଚାରାଗଛ ଲଗାଇ ଦୁଇ ବର୍ଷ ପର୍ଯ୍ୟନ୍ତ ଗଛର ଯତ୍ନ ପାଇଁ ନିଷ୍ପତି ନେଇଛନ୍ତି । ଗଞ୍ଜାମ ଜିଲ୍ଲା ଭାଟକୁମରଡା ଗ୍ରାମର ନୂତନ ଭାବେ ଗଢି ଉଠିଥିବା କମିଟି ନିଖିଳ ଉତ୍କଳ ବ୍ରାହ୍ମଣ ସମାଜର ସଭାପତି ସୁରେନ୍ଦ୍ର ଚନ୍ଦ୍ର ଦାଶ । ତାଙ୍କ ସହ ଯୋଗ ଦେଇଥିବା ସମାଜର କୋଷାଧ୍ୟକ୍ଷ ସୁନିଲ କୁମାର ଦାଶ , ସମ୍ପାଦକ ବିମଳ କୁମାର ଦାଶ , ସୁବଳ ସାମନ୍ତରା , ଗୋପାଳ କୃଷ୍ଣ ପଣ୍ଡା , ନାରାୟଣ ପଣ୍ଡା , ସରୋଜ କୁମାର ପଣ୍ଡା , କୃଷ୍ଣଚନ୍ଦ୍ର ପଣ୍ଡା , ପ୍ରସନ୍ନ ଦାଶ , ଦିଲ୍ଲୀପ ଦାଶଙ୍କ ସମେତ ବହୁ ସମାଜର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ବିଭିନ୍ନ ଚାରା ରୋପଣ କରିଥିଲେ । ଆଗାମୀ ଦିନରେ ଏହି ଭଳି ବହୁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରି ଚାଲିବା ପାଇଁ ଦୃଢ଼ ନିଷ୍ପତି ନେଇଥିଲେ ।

## ଝରିଗାଁର ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମର ଉଦ୍‌ଘାଟିତ

ଝରିଗାଁ (ଭାସ୍କର ନ୍ୟୁଜ୍): ଝରିଗାଁ ନିର୍ବାଚନ ମଣ୍ଡଳୀର ଉପାନ୍ତ ଅଞ୍ଚଳ ଭାବେ ପରିଚିତ କଟନାପାଣି, ଦଶରୀକଚା, ଢେପୁ ଭଟ୍ଟା, ବନୁଗୁଡ଼ା, ଟିପାପାଣି ଓ ଜାମପାଣି ଗ୍ରାମରେ ବିଧାୟକଙ୍କ ଦ୍ୱାରା ନୂତନ ଟ୍ରାନ୍ସଫର୍ମର ଉଦ୍‌ଘାଟିତ ହୋଇଯାଇଛି । ପ୍ରକାଶ ଥାଉ କି, ଦୀର୍ଘ ବର୍ଷ ହେବ ଉପରୋକ୍ତ ଗ୍ରାମ ଗୁଡିକର ଗ୍ରାମବାସୀ ବିଜୁଳି ଆଲୁଅରୁ ବଞ୍ଚିତ ରହି ନାନା ଦୁର୍ଦ୍ଦଶା ଭୋଗ କରୁଥିଲେ । ବିଧାୟକ ନରସିଂ ଭତ୍ରା ଏହି ଗ୍ରାମ ଗୁଡିକରେ ବସବାସ କରୁଥିବା ଜନସାଧାରଣ ମାନଙ୍କ ଦୁଃଖକୁ ହୃଦୟଙ୍ଗମ କରି ଟ୍ରାନ୍ସଫର୍ମର ବ୍ୟବସ୍ଥା କରିଦେବା ପରେ ସମସ୍ତ ଗ୍ରାମବାସୀ ବେଶ ଖୁସି ହେବା ସହିତ ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସମସ୍ତେ ବାଜା ବଜେଇ ନାଚିଗାଇ ବିଧାୟକଙ୍କୁ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି । ଏହି ଉଦ୍‌ଘାଟନ ସମୟରେ ଅନ୍ୟ କର୍ମକର୍ତ୍ତାମାନଙ୍କ ମଧ୍ୟରେ ସାଂସଦ ପ୍ରତିନିଧି ଚନ୍ଦ୍ରଭାନୁ ନାୟକ, ସମାଜସେବୀ ପ୍ରଫୁଲ୍ଲ ପ୍ରଧାନୀ, ପୂର୍ବତନ ମଣ୍ଡଳ ସଭାପତି ଗଣପତି ସାହୁ, ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଜିତ କୁମାର ପୃଷ୍ଟି ଓ ବିଦ୍ୟୁତ ବିଭାଗର ସମସ୍ତ କର୍ମଚାରୀ, ବିଜେପିର ବରିଷ୍ଠ ଓ କନିଷ୍ଠ କର୍ମକର୍ତ୍ତା, ଗ୍ରାମର ଜନସାଧାରଣ ଉପସ୍ଥିତ ରହିଥିଲେ ।

## ଘର ଭିତରୁ ମହିଳା ମୃତଦେହ ଉଦ୍ଧାର

ରେଢ଼ାଖୋଲ(ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ବଡବାହାଲ ପଞ୍ଚାୟତ କେନ୍ଦୁମୁଣ୍ଡା ଗ୍ରାମ ବାସିନ୍ଦା ବ୍ରଜବନ୍ଧୁ ବେହେରାଙ୍କ ପତ୍ନୀ ସୁବାସିନୀ ବେହେରା ମୃତଦେହ ଘର ଭିତରେ ତଳେ ପଡ଼ିଥିଲା ଓ କବାଟ ଖୋଲା ହୋଇଥିଲା । ସୂଚନା ଯୋଗ୍ୟ ଯେ ଉକ୍ତ ମହିଳାଙ୍କ ସ୍ୱାମୀ ବ୍ରଜବନ୍ଧୁ ବେହେରା ଢେଙ୍କାନାଳ ସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଦୁଇ ଛୋଟ ପୁଅ(୨)ଝିଅ (୭) ବର୍ଷ ସହିତ ପତ୍ନୀ ସୁବାସିନୀ ଏକୁଟିଆ ଘରେ ରହୁଥିଲେ । ଗ୍ରାମରେ ସେ ସମସ୍ତଙ୍କ ସହ ଭଲ ମିଶୁଥିଲେ । ଆତ୍ମହତ୍ୟା କରିବାର କୌଣସି କାରଣ ନଥିବା ବେଳେ, କିଏ ମୋ ପତ୍ନୀକୁ ହତ୍ୟା କଲା ବୋଲି ସ୍ୱାମୀ ଅଭିଯୋଗ କରିଛନ୍ତି । ଏଥିରେ ରେଢ଼ାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ମହିଳାଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

କନ୍ଧମାଳ(ଭାସ୍କର ନ୍ୟୁଜ୍): କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍ ଭାବନା ସଭାଗୃହଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ-୨୦୨୫ ପାଳନ ପାଇଁ ଜିଲ୍ଲାପାଳ, କନ୍ଧମାଳ ବେଦ ଭୂଷଣଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଯାଇଛି । ସବୁ ବର୍ଷପରି ଏହି ବର୍ଷ ମଧ୍ୟ ସ୍ୱାଧୀନତା ଦିବସ ସମାରୋହ ସ୍ଥାନୀୟ ରିଜର୍ଭ ପୋଲିସ୍ ପଡ଼ିଆଠାରେ ଆୟୋଜନ ହେବ । ଏହି ବୈଠକରେ ସ୍ୱାଧୀନତା ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା । ଅଗଷ୍ଟ ୧୫ ଦିନ ପ୍ରତ୍ୟୁଷ ଘ. ୦୪.୩୦ ମି. ସମୟରେ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମଧୂନ୍ ପରିବେଷଣ କରାଯିବା ସହିତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବ । ଉକ୍ତ ଦିନ ପୂର୍ବାହ୍ନ ଘ. ୦୭.୧୫ ମି. ସମୟରେ ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ଘ. ୦୭.୩୦ ମି. ସମୟରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବାର ନିଷ୍ପତ୍ତି ନିଆଯାଇଛି । ପୂର୍ବାହ୍ନ ଘ. ୦୯.୦୦ ମି ସମୟରେ ଦିବସର ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ୍ ରେ ଅଭିବାଦନ ଗ୍ରହଣ କରିବେ । ଏହି ଦିବସ ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ, ସ୍ୱଚ୍ଛତା ପ୍ରତିଯୋଗିତା, ରକ୍ତଦାନ ଶିବିର,ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜିଲ୍ଲା ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବିତରଣ ଆଦି ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବାର ବ୍ୟବସ୍ଥା କରାଯାଇଛି । ଯାନବାହାନ ନିୟନ୍ତ୍ରଣ ଓ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ୍ ବିଭାଗକୁ ଅନୁରୋଧ କରାଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ ସରୋଇ ଗଦାଧର ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ସୌମ୍ୟରଂଜନ ପାତ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ସଂଗଠନର ସଭାପତି/ସମ୍ପାଦକ, ବରିଷ୍ଠ ନାଗରିକ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ । ଶେଷରେ ଅଧକ୍ଷ ଓ ସଭ୍ୟସଭ୍ୟାମାନଙ୍କୁ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବର୍ଷା ଅଭାବ, ମରୁଡି ଆଶଙ୍କା

ବୋଲଗଡ(ଭାସ୍କର ନ୍ୟୁଜ୍): ରାଜ୍ୟରେ କେତେକ ସ୍ଥାନରେ ଅତ୍ୟଧିକ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ଆଉ କେତେକ ସ୍ଥାନରେ ସ୍ୱଳ୍ପ ବର୍ଷାହେତୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ବର୍ଷାର ଦେଖାନାହିଁ । ନିଅଣ୍ଟିଆ ବର୍ଷା ଯୋଗୁଁ କୃଷି ଉପରେ ନିର୍ଭର କରି ଚଳୁଥିବା ଚାଷୀ କିଭଳି ବର୍ଷସାରା ଚଳିବ ସେନେଇ ଚିନ୍ତାରେ ପଡିଛି ଚାଷୀ । କେତେକ ସ୍ଥାନରେ ଧାନ ତଳି ପଡିଛି ହେଲେ ରୁଆ ହୋଇ ପାରୁନି । ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀ ମୁଣ୍ଡରେ ପଡିଛି ଚଡକ । ବର୍ଷା ଅଭାବରୁ ଅଧିକାଂଶ ସ୍ଥାନରେ ଧାନ ରୁଆ ହୋଇ ନଥିବାବେଳେ ତଳି ବଞ୍ଚାଇବାକୁ ମଧ୍ୟ ପାଣିର ଅଭାବ ଦେଖା ଦେଇଥିବା ବେଳେ ଧାନ ରୋଇ ସାରିଥିବା ଚାଷୀ ପାଣି ପାଇଁ ମୁଣ୍ଡରେ ହାତ ଦେଇ ବସିଛି । ମେଘ ଆସୁଛି ହେଲେ ବର୍ଷା ନାହିଁ । ଏଠାରେ ଜଳସେଚନର ଆଦୌ ସୁବିଧା ନଥିବାବେଳେ ଚାଷୀ ବର୍ଷା ଉପରେ ଭରସା କରି ଧାନ ଚାଷ କରିଥାଏ । ବୋଲଗଡ଼ ବ୍ଲକରେ ଏକ ଶହରୁ ଊର୍ଦ୍ଧ୍ୱେ ଚେକଡ୍ୟାମ ନିର୍ମାଣ ହୋଇ ଥିବାବେଳେ ସେଗୁଡିକ ଉପଯୁକ୍ତ ସ୍ଥାନରେ ନିର୍ମାଣ ହୋଇ ନଥିବା ଯୋଗୁଁ କୌଣସି ଚେକ ଡ୍ୟାମରେ ପାଣି ରହୁନାହିଁ । ପାଣି ଅଭାବରୁ ଧାନ ରୁଆ ସରିଥିବା ଅଧିକାଂଶ ଜମି ଏବେ ଫାଟି ଆଁ କରିଥିବାବେଳେ



ଧାନଗଛ ମଧ୍ୟ ପୋଡିଯିବାର ଦେଖାଦେଲାଣି । ଆଉ କେତକ ସ୍ଥାନରେ ପମ୍ପଦ୍ୱାରା ପାଣିଉଠାଇ ଧାନ ତଳି ରୋଉଥିବାର ଦେଖିବାକୁ ମିଳିଛି । ଚଳିତବର୍ଷ ଖରିଫ ଋତୁରେ ଭଲ ଅମଳ କରିବାକୁ ଚାଷୀ ଆଶା ରଖିଥିବାବେଳେ ଏବେ ହତାଶ ହୋଇପଡିଛି । ଚାଷ କରିବାତ ଦୂରର କଥା ବୁଣିଥିବା ତଳିକୁ ବଞ୍ଚାଇବାକୁ ଚାଷୀ ଉଦ୍ୟମ କରୁଛି । କିଛି ତଳିଆ ଜମିରେ ରୁଆ ପୋତା ଚାଲିଥିବାବେଳେ ଢିପ ଜମି ଗୁଡିକ ପାଣିଅଭାବରୁ ପଡିଆ ପଡିଛି । ଖରିଫରେ ଧାନ ଚାଷ କରିବାକୁ ଲକ୍ଷ ରଖିଥିବା ଚାଷୀ ମୁହଁରୁ ହସ ଲିଭିଯାଇଛି । ବର୍ଷାକୁ ଚାତକ ପରି ଚାହିଁ ରହିଛି ଚାଷୀ । ତଳି ବଞ୍ଚାଇବାକୁ ପୋଖରୀରୁ ପାଣି ଆଣି ପକାଉଛି । ଜଳସେଚନର ସୁବିଧା ନଥିବା କାରଣ ରୁ ଚାଷୀ ଏଭଳି ଦଶା ଭୋଗୁଛି । ବୋଲଗଡ଼ ଅଞ୍ଚଳର ଚାଷୀ ମୁଖ୍ୟତଃ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି । ମୌସୁମୀ ଆସିଲେ ଧାନ ବୁଣିବା ସହ ବର୍ଷା ହେଲେ ପାଗ ଦେଖି ଧାନ ରୋଇଥାନ୍ତି । ଅଗଷ୍ଟ ମାସ ଶେଷ ଯାଏଁ ଧାନ ରୁଆ ଚାଲିଥାଏ । ତେବେ ବର୍ତ୍ତମାନସୁଦ୍ଧା ଅଧା ଜମିରେ ଧାନରୁଆ ହୋଇନଥିବା ଚିନ୍ତାର ବିଷୟ ପାଲଟିଛି । ଯାହା ବି ହୋଇଛି ସେଗୁଡିକୁ ବଞ୍ଚାଇବାକୁ ଯାଇ ଚାଷୀ ଅତ୍ୟଧିକ ଖର୍ଚ୍ଚାନ୍ତ ହେବାର ଦେଖିବାକୁ ମିଳିଛି ।

# ୬୬୨ ବର୍ଗ ମହାବିଦ୍ୟାଳୟ ସଂଘର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ଦାବିପତ୍ର ପ୍ରଦାନ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ବୁଧବାର କେନ୍ଦୁଝର ଜିଲ୍ଲା ୬୬୨ ବର୍ଗ (ଯୁକ୍ତ ୨ ଓ ଯୁକ୍ତ ୩) ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର ଅଧ୍ୟାପକ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ ସମ୍ମୁଖରେ ଧାରଣା ଦେଇ ପ୍ରଧାନମନ୍ତ୍ରୀ,ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀମାନେ ରାଜ୍ୟର ପ୍ରାୟ ୭୦ ଭାଗ ବିଦ୍ୟାର୍ଥୀଙ୍କୁ ଉଚ୍ଚ ଶିକ୍ଷା ପ୍ରଦାନ କରିଥାନ୍ତି । ମାତ୍ର ପରିତାପର ବିଷୟ ଯେ ବିଭିନ୍ନ ସମୟରେ ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାର ଅବହେଳା କରି ଆସୁଛନ୍ତି । ପେନସନ୍ ଓ ଚାକିରୀ ସର୍ତ୍ତାବଳୀ ବିହୀନ ଏହି କର୍ମଚାରୀମାନେ ୩୦/୩୫ ବର୍ଷ ସେବା କରି ଖାଲି ହାତରେ ଅବସର ଗ୍ରହଣ କରୁଛନ୍ତି । ଏହି ବର୍ଗର ଅଧ୍ୟାପକ ଓ କର୍ମଚାରୀଙ୍କ ମୁଖ୍ୟ ଦାବୀ ହେଉଛି ସମସ୍ତ ଚାକିରୀ ସର୍ତ୍ତାବଳୀ ସହିତ ପେନସନ ପ୍ରଦାନ କରିବା । ଗତ ସରକାର ଏମାନଙ୍କ ଦାବୀକୁ ବିଚାର କରି ବାରମ୍ବାର ସମାଧାନର ପ୍ରତିଶ୍ରୁତି ଦେଇ ପ୍ରବଞ୍ଚନା କରିଥିଲେ । ବର୍ତ୍ତମାନର ସରକାରଙ୍କୁ ମଧ୍ୟ ଏକ ବର୍ଷ ଧରି ସଂଘ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ତେଣୁ କରି ରାଜ୍ୟ ସଂଗଠନର ଆହ୍ୱାନକ୍ରମେ କେନ୍ଦୁଝର ଜିଲ୍ଲା ସଭାପତି ସତ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ନରେନ୍ଦ୍ର ଶତପଥି,ସଂଗ୍ରାମ କେଶରୀ ବେହେରା, ଅଶୋକ କୁମାର ସାହୁ,ପ୍ରକାଶ କୁମାର ଆଚାର୍ଯ୍ୟ,ନାରାୟଣ ସାହୁ,ହିମାଂଶୁ ଶେଖର ମହାନ୍ତ,ତୁଳସୀ ଚରଣ ମହାନ୍ତ,ସ୍ମୃତି ବାନାର୍ଜୀ,ନିରୁପମା ଦାସ,ଏଲିନା ନାୟକ,ଅମୀୟ ସାମନ୍ତରା,ପରେଶ ଧର,ସନ୍ତୋଷ କୁମାର ସେଠୀ ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ଦେଇଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର





କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୨ ତାରିଖରେ କୃମିନାଶକ ବଟିକା ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଚଳିତ ବର୍ଷ କଟକ ସହରାଂଚଳରେ ୧,୨୧,୮୬୨ ଜଣ ୧ରୁ ୧୯ ବର୍ଷ ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ସହରାଂଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡିକରେ ଛାତ୍ରଛାତ୍ରୀମାନଙ୍କୁ ଏହି ବଟିକା ସେବନ ସୁନିଶ୍ଚିତ କରାଯିବ ।ଆସନ୍ତା ୧୨ ତାରିଖରେ ରେଭେନ୍ସା ବିଶ୍ୱବିଦ୍ୟାଳୟଠାରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯିବ । ୧୨ ତାରିଖରେ ଯେଉଁ ପିଲାମାନେ ଔଷଧ ସେବନ କରି ନ ପାରିବେ ସେମାନେ ୧୯ ତାରିଖରେ ଔଷଧ ସେବନ କରିପାରିବେ । କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ କଳ୍ପତରୁ ବେହେରାଙ୍କ ଅଧକ୍ଷତାରେ ଆଜି କଟକ ମହାନଗର ନିଗମ ବିଜୁ ଭବନଠାରେ ଅନୁଷ୍ଠିତ ସହରାଞ୍ଚଳ ସମନ୍ୱୟ କମିଟି ବୈଠକରେ ସହରାଞ୍ଚଳ ଜନସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ସତ୍ୟବ୍ରତ ମହାପାତ୍ର ଏହି ସୂଚନା ଦେଇଛନ୍ତି ।

### ରାଜ୍ୟ ମହିଳା ଆୟୋଗ କାର୍ଯ୍ୟାଳୟରେ ଶିଶୁ ସ୍ତନ୍ୟପାନ କକ୍ଷ ପ୍ରତିଷ୍ଠା

# ସ୍ତନ୍ୟପାନ ଯୋଗୁଁ ମା' ହୃଦୟର ନିକଟତର ହୋଇପାରିବ ଶିଶୁ: ପ୍ରଭାତୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ତନ୍ୟପାନ ଯୋଗୁଁ ଶିଶୁ ମା'ର କ୍ଲୋଜ୍ ଟୁ ହାର୍ଟ ଅର୍ଥାତ ମା' ହୃଦୟର ଆହୁରି ନିକଟତର ହୋଇପାରିବ ବୋଲି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ଅବସରରେ ମତବ୍ୟକ୍ତ କରିଛନ୍ତି । ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ କନଭେନସେନ ସେଂଟରରେ ରାଜ୍ୟସ୍ତରୀୟ ବିଶ୍ୱ ସ୍ତନ୍ୟପାନ ସପ୍ତାହ ୨୦୨୫ ପାଳିତ ହୋଇଯାଇଛି । ଏହି ଅବସରରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ




ଅତିଥି ଭାବେ ଯୋଗ ଦେଇ ସ୍ତନ୍ୟପାନ ଦ୍ୱାରା ଉଭୟ ମାଆ ଓ ଶିଶୁର ସ୍ୱାସ୍ଥ୍ୟ ଭଲ ରହିବ ବୋଲି ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସହକାରୀ ନିର୍ଦ୍ଦେଶିକ ଡ. ଆଦିତ୍ୟ ମହାପାତ୍ର, ୟୁନିସେଫର ପୋଷଣ ବିଶେଷଜ୍ଞ ଶ୍ରୀ ସୌରଭ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ନିର୍ଦ୍ଦେଶିକ ଡ. ଆଦିତ୍ୟ ମହାପାତ୍ର ଆଧୁନିକ ମା'ମାନେ ସ୍ତନ୍ୟପାନ କରେଇବା ପାଇଁ ନିରୁତ୍ସାହିତ ହେବାର କାରଣ ଗୁଡିକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗର୍ଭବତୀ, ପ୍ରସୂତି ମା'ମାନଙ୍କ ପାଇଁ ତଥା ଶିଶୁମାନଙ୍କ ପାଇଁ ଉପଲବ୍ଧ ଥିବା ରାଜ୍ୟସରକାରଙ୍କ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଭିଜିଲାନ୍ସ ଜାଲରେ ପ୍ରିନ୍ସିପାଲ ସାଇଣ୍ଟିଫିକ୍ ଅଫିସର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭିଜିଲାନ୍ସ ଜାଲରେ ପ୍ରିନ୍ସିପାଲ ସାଇଣ୍ଟିଫିକ୍ ଅଫିସର। ସମ୍ବଲପୁର ଷ୍ଟେଟ ଡ୍ରଗ୍ସ ଟେଷ୍ଟିଂ ଲାବ୍ରୋଟୋରିର ପ୍ରିନ୍ସିପାଲ ସାଇଣ୍ଟିଫିକ ଅଫିସରଙ୍କ ଏକକାଳୀନ ୭ଟି ସ୍ଥାନରେ ରେଡ୍ ମାରିଛି ଭିଜିଲାନ୍ସ । ନୟାପଲ୍ଲି ବେହେରା ସାହି ମେଟ୍ରୋ ସିଟିରେ ଥିବା ଫ୍ଲାଟ, ଆଉ ଏକ ଫ୍ଲାଟ, ଭୁବନେଶ୍ୱର ଏସପ୍ଲାନେଡ଼ରେ ରହିଛି ଜାଗା, ଭୁବନେଶ୍ୱର ବଳଭଦ୍ରପୁରରେ ଫ୍ଲାଟ, ସମ୍ବଲପୁରରେ ଭଡାଘର, ବ୍ରହ୍ମପୁରରେ ପୈତୃକ ଘର, ସମ୍ବଲପୁର ଅଫିସରେ ରେଡ କରୁଛି ଭିଜିଲାନ୍ସ।

## ଲଟେରୀ ମାଧ୍ୟମରେ ସୁଲଭ ପକ୍କା ଘର ଆବଣ୍ଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଜି ୧୭୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଗଲା ସୁଲଭ ପକ୍କା ଘର। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ। କେବଳ ପକ୍କା ଘର ନୁହେଁ, ବସ୍ତି ଛାଡି ନୂତନ ଘରେ ରହିବା ପାଇଁ ଯାହା ଯାହା ଆନୁସଙ୍ଗିକ ଆବଶ୍ୟକ, ସେଗୁଡିକ ଯୋଗାଇ ଦେବା ପାଇଁ ମଧ୍ୟ ବିଏମ୍‌ସି ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା । ମୋଟ ୫ଗୋଟି ବ୍ଲକରେ ଭେଙ୍କଟେଶ୍ୱର ବସ୍ତି, ମହାବୀର ବସ୍ତି, ତାରିଣୀ ବସ୍ତି, ଟିଟିଏସ ବସ୍ତି, ପାନବରଜ ବସ୍ତି, ନିକୋ ପାର୍କ ବସ୍ତି ସହ ବିଡିଏ ଦେଇଥିବା ହିତାଧିକାରୀଙ୍କୁ ଗୃହ ଆବଣ୍ଟନ କରାଯାଇଛି।

## ସରକାରଙ୍କ ଦାୟିତ୍ୱହୀନତା ପାଇଁ ଜଳୁଛି ଛାତ୍ରୀଙ୍କ ଜୀବନ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା, ବଳଙ୍ଗା ନାବାଳିକାଙ୍କୁ ପୋଡ଼ି ମାରିଦେବା ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ, ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବଡ଼ପଡ଼ା ପଂଚାୟତରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ କିରୋସିନ ଢାଳି ହୋଇ ଆତ୍ମାହୂତି ଦେବା ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଛି। ଘଟଣାରେ ସରକାରଙ୍କ ନିଷ୍କ୍ରିୟତା ଓ ପୋଲିସ୍ ବିଭାଗର ଦାୟିତ୍ୱହୀନତାକୁ କଡ଼ା ନିନ୍ଦା କରିଛି ବିଜେଡି। ବୁଧବାର ଶଙ୍ଖ ଭବନରେ



ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ମୁଖପାତ୍ର ଇପ୍ସୀତା ସାହୁ ଓ ସୋଫିଆ ଆଲାମ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ପୋଲିସର ନିଷ୍କ୍ରିୟତା ଓ ଦୁର୍ବଳ ଶାସନ ପାଇଁ ପୁଣି ଜଣେ ଛାତ୍ରୀଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଇଛି ବିଜେପି ସରକାର। ଆଉ କେତେ ଜଣ ଜଳିଲେ, ସରକାର ଚେତା ପଶିବ ବୋଲି ବିଜେଡି ପ୍ରଶ୍ନ କରିଛି।

## ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କ ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କର ଯୋଜନା କାର୍ଯ୍ୟାନ୍ୱୟନ ଓ ରୂପାୟନ ସମ୍ପର୍କରେ ଏକ ସମୀକ୍ଷା ବୈଠକ ସ୍ଥାନୀୟ ଓ-ହବ୍ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅଧକ୍ଷତା କରି ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଏବଂ ପ୍ରାଣିସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସବିଶେଷ ସମୀକ୍ଷା କରିଥିଲେ। ଏହି ଅବସରରେ ଉଦ୍ୟମିତା କ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ପାଇଁ ବିଶେଷ ପ୍ରଚେଷ୍ଟା କରିବା ପାଇଁ ଅଧିକାରୀଙ୍କୁ କହିଥିଲେ । ମହିଳା ନେତୃତ୍ୱାଧୀନ ଏମ୍ଏସ୍ଏମ୍ଇ କ୍ଷେତ୍ରରେ ସମଗ୍ର ଦେଶରେ ଓଡ଼ିଶା ୧୩ତମ ସ୍ଥାନରେ ଥିବା ବେଳେ ଆଗାମୀ ଦିନରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗର କମିଶନର ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ, ରପ୍ତାନି ପ୍ରୋତ୍ସାହନ ଓ ବିପଣନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ସ୍ୱତନ୍ତ୍ର ଶାସନ ସଚିବ ମହେଶ କୁମାର ଚୌଧୁରୀ, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ଚୌଧୁରୀ, ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ ସମୁଚିତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

With Best Complime-ts from :

A Well Wisher



S - 44787/2

# कभी था नक्सलगढ़, अब बन रहा विकास का गढ़

छत्तीसगढ़ के दक्षिणी सीमावर्ती इलाके जिनकी पहचान कभी नक्सलियों के गढ़ के रूप में हुआ करती थी, अब वह तेजी से विकास के गढ़ के रूप में अपनी पहचान बना रहे हैं। बस्तर के कैनवास पर अब एक नई तस्वीर उभर कर सामने आ रही है। यह राज्य के मुख्यमंत्री श्री विष्णु देव साय के दूरदर्शी नेतृत्व और दृढ़-संकल्प के चलते संभव हो पाया है राज्य के घोर नक्सल प्रभावित जिलों में विकास की नई रेखाएं खींच रही हैं। कभी पिछड़ेपन और भय का पर्याय माने जाने बस्तर क्षेत्र में आज विकास की नई इबारतें लिखी जा रही हैं। विष्णु देव सरकार की जनहितैषी नीति, नक्सलवाद उन्मूलन अभियान और समग्र विकास ने इन क्षेत्रों में सकारात्मक और परिणाममूलक परिवर्तन की शुरुआत कर दी है।

### जनता तेजी से विकास की मुख्यधारा से जुड़ रही

मुख्यमंत्री की जनकल्याणकारी नीतियों और योजनाओं की बदौलत अब आम जनता तेजी से विकास की मुख्यधारा से जुड़ रही है। शासन-प्रशासन की सक्रियता, जनसंपर्क और योजनाओं के प्रभावी क्रियान्वयन से अब इन क्षेत्रों में विश्वास और उम्मीद की नई किरण दिखाई दे रही है। इन जिलों में सड़क, शिक्षा, स्वास्थ्य, पेयजल और बिजली जैसी मूलभूत सुविधाएं बड़ी तेजी से उपलब्ध कराई गई हैं। योजनाओं का लाभ पात्र हितग्राहियों तक सुनिश्चित पहुंचाने का प्रयास भी लगातार जारी है।

### सरकारी उपस्थिति मजबूत हुई

मनरेगा, प्रधानमंत्री आवास योजना, पीएम जनमन, आयुष्मान भारत, पीएम किसान सम्मान निधि, उज्ज्वला योजना, आधार कार्ड और राशन कार्ड जैसी योजनाओं से न केवल इन क्षेत्रों में सरकारी उपस्थिति मजबूत हुई है, बल्कि सामाजिक और आर्थिक स्तर पर भी आमजन
का सशक्तिकरण हुआ है। मनरेगा के तहत 29,000 नए जॉब कार्ड जारी हुए हैं, जिनमें 5,000 कार्ड ''नियद नेल्ला नार'' योजना में शामिल गांवों में बने हैं।

### पीएम आवास योजना में 1 लाख आवास स्वीकृत

प्रधानमंत्री आवास योजना में सातों जिलों में लगभग एक लाख आवास स्वीकृत हुए हैं, जो लक्ष्य का 107 प्रतिशत है। 15 महीनों में नियद नेल्ला नार के गांवों में 1100 आवास स्वीकृत हुए, जिसमें 300 प्रतिशत की वृद्धि दर्ज की गई है। आयुष्मान कार्ड के लाभार्थियों की संख्या 19.24 लाख से बढ़कर 21.05 लाख हो गई है। पीएम किसान सम्मान निधि योजना से लाभान्वितों की संख्या में 20.12 प्रतिशत की वृद्धि हुई है। प्रधानमंत्री उज्ज्वला योजना के लाभार्थियों की संख्या 3.61 लाख से अधिक हो चुकी है।

### 46 नए सुरक्षा कैंप स्थापित

छत्तीसगढ़ सरकार की पहल से नक्सल प्रभावित जिलों में 54 नए सुरक्षा कैंप स्थापित किए गए हैं, जिनके दायरे में आने वाले 328 गांवों में 'नियद नेल्ला नार' योजना चलाई जा रही है। इन गांवों में विशेष शिविर लगाकर लोगों को योजनाओं का लाभ दिलाया जा रहा है। नियद नेल्ला नार योजना के 124 गांव सड़क मार्ग से जुड़ चुके हैं, शेष 31 पर कार्य प्रगति पर है। 145 गांवों में मार्च 2024 तक 122 स्कूल क्रियाशील थे, जो अब बढ़कर 144 हो गए हैं। विद्यार्थियों की संख्या में 20 प्रतिशत वृद्धि हुई है। क्रियाशील आंगनबाड़ी केंद्रों की संख्या 193 से बढ़कर 202 हो गई है, और पंजीकृत बच्चों की संख्या में 30 प्रतिशत का इज़ाफा हुआ है। विशेष केंद्रीय सहायता योजना के अंतर्गत बस्तर, बीजापुर, दंतेवाड़ा, सुकमा, नारायणपुर, कांकेर, मोहला-मानपुर-अंबागढ़ चौकी जिले में 1302 कार्य योजनाएं स्वीकृत की गई हैं, जिनमें से 308 कार्य पूर्ण हो चुके हैं और 999 कार्य प्रगति पर हैं।




### नक्सल प्रभावित जिले

राज्य के सात घोर नक्सल प्रभावित जिलों में से छह जिले कांकेर, बस्तर, बीजापुर, सुकमा, दंतेवाड़ा और नारायणपुर बस्तर संभाग के अंतर्गत आते हैं तथा एक जिला मोहला-मानपुर-अंबागढ़ चौकी दुर्ग संभाग का हिस्सा है। इन जिलों में पिछले 15 महीनों में नक्सल उन्मूलन अभियान और विकास की रणनीति को समानांतर रूप से लागू करते हुए, छत्तीसगढ़ सरकार ने नक्सलियों के पैर उखाड़ने में उल्लेखनीय सफलता प्राप्त की है।

### नक्सल उन्मूलन और सुरक्षा

पिछले 15 महीनों में नक्सल उन्मूलन अभियान में उल्लेखनीय सफलता
54 नए सुरक्षा कैंप स्थापित






### स्वास्थ्य और कल्याण

आयुष्मान कार्ड लाभार्थियों की संख्या 19.24 लाख से 21.05 लाख

उज्ज्वला योजना के लाभार्थी 3.61 लाख से अधिक

### आवास और बुनियादी ढांचा

प्रधानमंत्री आवास योजना में 1 लाख आवास स्वीकृत (लक्ष्य का 107%)

नियद नेल्लानार योजना में 1100 आवास स्वीकृत (300% वृद्धि)

124 गांव सड़क मार्ग से जुड़े

31 पर कार्य प्रगति पर

### शिक्षा

145 गांवों में स्कूलों की संख्या 122 से बढ़कर 144

आंगनबाड़ी केंद्र 193 से बढ़कर 202

विद्यार्थियों की संख्या में 20% वृद्धि

पंजीकृत बच्चों में 30% इज़ाफा

### आय और रोजगार

मनरेगा के तहत 29000 नए जॉब कार्ड (5000 नियद नेल्ला नार गांवों में)

पीएम किसान सम्मान निधि से लाभान्वितों में 20.12% वृद्धि

### विकास परियोजनाएं

विशेष केंद्रीय सहायता योजना में 1302 कार्य योजनाएं स्वीकृत (308 पूर्ण, 999 प्रगति पर)

वित्तीय वर्ष 2024-25 में 220 करोड़ रुपए आबंटित, 200 करोड़ व्यय

### सामाजिक सशक्तिकरण

145 गांवों में विशेष शिविरों के माध्यम से योजनाओं का लाभ सुनिश्चित

### विकास के नए कीर्तिमान स्थापित

वित्तीय वर्ष 2024-25 में 220 करोड़ रुपये की राशि आबंटित की गई थी, जिसमें से 200 करोड़ रुपये प्राप्त कर लिए गए और शत-प्रतिशत् राशि का व्यय करते हुए आधारभूत संरचना, सुरक्षा, स्वास्थ्य, शिक्षा और कृषि संबंधी कार्य किए गए हैं। मुख्यमंत्री श्री विष्णु देव साय के नेतृत्व में इस समूचे बदलाव का केन्द्र बिन्दु प्रदेश सरकार की संवेदनशीलता, दूरदृष्टि और जनकेंद्रित दृष्टिकोण है। छत्तीसगढ़ आज नक्सलवाद के विरुद्ध निर्णायक लड़ाई जीतते हुए विकास के नए कीर्तिमान स्थापित कर रहा है। घोर नक्सल प्रभावित क्षेत्रों का यह रूपांतरण, प्रदेश की संकल्प शक्ति और जनसहभागिता का जीवंत उदाहरण है।

### अबूझमाड़ अब नहीं रहेगा अबूझ

केन्द्र और राज्य सरकार के समन्वित प्रयास तथा नक्सलवाद के खात्मे के बाद अबूझमाड़ अब अबूझ नहीं रहेगा। यहां भी ग्रामीणों के विकास के साथ-साथ रहवासी क्षेत्रों में अधोसंरचात्मक तथा मूलभूत सुविधाओं की सुचारू व्यवस्था से पर्यटन का विकास होगा और क्षेत्रवासियों के लिए रोजगार के नए अवसर उपलब्ध होंगे।



### नक्सलवाद खात्मे की ओर बढ़ रहा

पीएम जनमन योजना, धरती आबा, ग्राम उत्कर्ष अभियान के तहत जहां एक ओर ग्रामीणों और रहवासी क्षेत्र का शत-प्रतिशत विकास किया जा रहा है वहीं राज्य सरकार की महत्वकांक्षी नियद नेल्लानार योजना सहित शासन के विभिन्न जनकल्याणकारी योजनाओं के बेहतर क्रियान्वयन से हो रहे विकास के साथ-साथ नक्सलवाद के खात्मे की ओर आगे भी बढ़ रहे हैं। इससे अब अबूझमाड़ में भी विकास का नया सवेरा होगा। लोग खुली हवा में निडरतापूर्वक सांस ले सकेंगे। वहां भी चमचमाती सड़कों का जाल बिछने लगा है। बता दें कि बस्तर क्षेत्र में स्थित अबूझमाड़, छत्तीसगढ़ का एक पिछड़ा और आदिवासी बहुल क्षेत्र है, जो विकास की दृष्टि से अभी भी उपेक्षित है। इस क्षेत्र के विकास के लिए केंद्र सरकार ने पीएम जनमन और धरती आबा ग्राम उत्कर्ष अभियान जैसी महत्वपूर्ण योजनाएं शुरू की हैं।

### 328 ग्रामों का विकास किया जा रहा

प्रदेश के सुकमा, बीजापुर, दंतेवाड़ा, नारायणपुर और कांकेर जिले में नियद नेल्ला नार योजना क्रियान्वित की जा रही है, जिसमें इन जिलों में 54 सुरक्षा कैंपों के आसपास के 328 ग्रामों का विकास किया जा रहा है। नियद नेल्लानार से तात्पर्य 'आपका आदर्श ग्राम' है अर्थात् ऐसा ग्राम जहां पर निवासरत जनसंख्या को सभी मूलभूत सुविधाएं उपलब्ध कराई जा चुकी हैं और अब वह अन्य क्षेत्रों की तरह विकास के पथ पर आगे बढ़ने को अग्रसर है।



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ

# ଟ୍ରମ୍ପଙ୍କ ବାଚାଳାମିର ଅନ୍ତ କାହିଁ ?

## ୨୪ ଘଣ୍ଟାରେ ଅଧିକ ଶୁଳ୍କ ଲାଗୁ ପାଇଁ ଧମକ

ଏକଦା ନିଜକୁ ଭାରତର ବନ୍ଧୁ ବୋଲି ଢୋଲ ପିଟୁଥିବା ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସଲ ମୁଖା ଖୋଲି ଯାଇଛି ଏବଂ ତାଙ୍କର ବାଚାଳାମି ଚରମ ସୀମାରେ ପହଞ୍ଚିଥିଲା ଭଳି ମନେ ହେଉଛି। ପ୍ରତିଦିନ କୌଣସି ନା କୌଣସି ପ୍ରସଙ୍ଗକୁ ନେଇ ସେ ଭାରତ ବିରୋଧରେ ବିଷୋଦ୍‌ଗାର କରିବା ସଙ୍ଗେ ସଙ୍ଗେ ଧମକ ଦେଇ ଚାଲିଛନ୍ତି। ଏଇ ନିକଟରେ ଭାରତର ଅର୍ଥନୀତିକୁ 'ଏକ ମୃତ ଅର୍ଥନୀତି' ରୂପେ ଘୋଷଣା କରିବା ସମସ୍ତଙ୍କୁ ଚକିତ କରିଥିଲା। କାରଣ ଭାରତ ଏବେ ସାରା ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତିରେ ପରିଣତ ହୋଇଥିଲା ବେଳେ କେଉଁ କାରଣରୁ ସେ ଏଭଳି କଟୁ ମନ୍ତବ୍ୟ ଦେଲେ ତାହା ବୁଝି ହେଉନାହିଁ। ଗତ ସପ୍ତାହରେ ଭାରତ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରି ୨୫ ପ୍ରତିଶତ ଶୁଳ୍କ (ଟାରିଫ୍) ଲଗାଇବାକୁ ସେ ଘୋଷଣା କରିଥିଲେ। ଦୁଇଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତିର ସମୟ ସୀମା ଅଗଷ୍ଟ ପହିଲାରେ ଶେଷ ହେଉଥିବା ଦୃଷ୍ଟିରୁ ସେହିଦିନରୁ ଭାରତ ଉପରେ ବର୍ଦ୍ଧିତ ଶୁଳ୍କ ଲାଗୁ କରାଯିବାକୁ ସେ ଘୋଷଣା କରିଥିଲେ। ବିଶ୍ୱର ଅନ୍ୟତମ ବୃହତ ରାଷ୍ଟ୍ର ତଥା ଆମେରିକାର ପ୍ରତିଦ୍ୱନ୍ଦ୍ୱୀ ରୁଷ୍ ସହିତ ଭାରତର ସୁସମ୍ପର୍କ ଏବଂ ସେଠାରୁ ଅଶୋଧିତ ତୈଳ ଓ ସାମରିକ ସରଞ୍ଜାମ ଆମଦାନି ଯୋଗୁଁ କ୍ରୋଧାନ୍ୱିତ ହୋଇ ଟ୍ରମ୍ପ୍ ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। କେବଳ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ନୁହେଁ, ରୁଷ୍ ସହ ସମ୍ପର୍କ ରଖିଥିବାରୁ ଭାରତକୁ ଅତିରିକ୍ତ ଜୋରିମାନା ଦଣ୍ଡ ଦିଆଯିବାକୁ ଟ୍ରମ୍ପ୍ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଟ୍ରମ୍ପଙ୍କ ଏଭଳି ଧମକ ସତ୍ତ୍ୱେ ଭାରତ ରୁଷରୁ ତୈଳ ଆମଦାନି ବନ୍ଦ ନ କରିବାରୁ ସେ ଏବେ ଆଉ ପାଦେ ଆଗେଇ ଯାଇ ଭାରତକୁ ଚରମବାଣୀ ଶୁଣାଇ ଦେଇଛନ୍ତି ଏବଂ ଆଗାମୀ ୨୪ ଘଣ୍ଟା ମଧ୍ୟରେ ଭାରତ ଉପରେ ଆହୁରି ଅଧିକ ଶୁଳ୍କ ଲଦିବେ ବୋଲି ଘୋଷଣା କରିଛନ୍ତି। ତାଙ୍କର ଏଭଳି ପଦକ୍ଷେପ ଯୋଗୁଁ ଆଗାମୀ ଦିନରେ ଆମେରିକାକୁ ଆମ ଦେଶର ରପ୍ତାନି ବାଣିଜ୍ୟ ଗୁରୁତର ଭାବରେ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି। କିଛିଦିନ ପୂର୍ବେ ଭାରତ ସହ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଆମେରିକା ଇଚ୍ଛା ପ୍ରକାଶ କରିଥିଲା। ମାତ୍ର କେତେକ କାରଣରୁ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ନିକଟରେ ଏକ ସୋସିଆଲ୍ ମିଡିଆ ପୋଷ୍ଟରେ ସେ ଘୋଷଣା କରିଥିଲେ ଯେ ତାଙ୍କର 'ବନ୍ଧୁ' ଭାରତକୁ ଅଗଷ୍ଟ ପହିଲାରୁ ୨୫ ପ୍ରତିଶତ ବାଣିଜ୍ୟ ଶୁଳ୍କ ଗଣିବାକୁ ପଡ଼ିବ। ଏହାସହ ସେ ଆହୁରି ଉଲ୍ଲେଖ କରିଥିଲେ ଯେ, ରୁଷ୍ ଠାରୁ ଶକ୍ତି ଓ ଅସ୍ତ୍ରଶସ୍ତ୍ର କିଣୁଥିବାରୁ ଭାରତକୁ ଅତିରିକ୍ତ ଜୋରିମାନା ଦେବାକୁ ପଡ଼ିବ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ଭାରତ ସରକାର ପ୍ରାଥମିକ ପ୍ରତିକ୍ରିୟାରେ କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତିଙ୍କ ଘୋଷଣାର ପ୍ରଭାବକୁ ଅନୁଧ୍ୟାନ କରାଯାଉଛି। ଉଭୟ ଦେଶ ପାଇଁ ଲାଭଦାୟକ ହେଲା ଭଳି ଏକ ସନ୍ତୁଳିତ ଦ୍ୱିପାକ୍ଷିକ ରାଜିନାମା ସ୍ୱାକ୍ଷର ଲାଗି ଗତ କିଛିମାସ ଧରି ଆଲୋଚନା ଚାଲିଛି। ସେଥିପ୍ରତି ଭାରତ ଏବେ ମଧ୍ୟ ପ୍ରତିବଦ୍ଧ ରହିଛି। ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ସରକାର ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିକ୍ରିୟାରେ ସ୍ପଷ୍ଟ କରି ଦିଆଯାଇଛି। ଚଳିତ ବର୍ଷ ଏପ୍ରିଲ ୨ ତାରିଖରେ ରାଷ୍ଟ୍ରପତି ଟ୍ରମ୍ପ୍ ବିଭିନ୍ନ ଦେଶରୁ ସାମଗ୍ରୀ ଆମଦାନି ଉପରେ ବର୍ଦ୍ଧିତ ଶୁଳ୍କ ଧାର୍ଯ୍ୟ କରିଥିଲେ। ସେତେବେଳେ ଭାରତ ଉପରେ ୨୬ ପ୍ରତିଶତ ଶୁଳ୍କ ଲଗାଯାଇଥିଲା, ଯାହା ଏପ୍ରିଲ ୯ରୁ କାର୍ଯ୍ୟକାରୀ ହୋଇଥାନ୍ତା। ମାତ୍ର ଶେଷ ମୁହୂର୍ତ୍ତରେ ଏହାକୁ ସ୍ଥଗିତ ରଖାଯାଇଥିଲା। ଆମେରିକା ସହ ବାଣିଜ୍ୟ ରାଜିନାମା କରିବାକୁ ଟ୍ରମ୍ପ୍ ବିଭିନ୍ନ ଦେଶକୁ ୯୦ଦିନ ସମୟ ଦେଇଥିଲେ। ତୁରନ୍ତ ଏହି ରାଜିନାମା କରିବାକୁ ଯେଉଁ ପାଞ୍ଚଟି ରାଜ୍ୟ ଆଗେଇ ଆସିଲେ, ସେମାନଙ୍କ ମଧ୍ୟରେ ଭାରତ ଅନ୍ତର୍ଭୁକ୍ତ ଥିଲା। ତେବେ ଦୁର୍ଭାଗ୍ୟବଶତଃ ନିର୍ଦ୍ଧାରିତ ସମୟ ସୀମା ଭିତରେ ଏହି ରାଜିନାମା ଚୂଡ଼ାନ୍ତ ହୋଇପାରିଲା ନାହିଁ। ଟ୍ରମ୍ପଙ୍କ ୨୫ ପ୍ରତିଶତ ଶୁଳ୍କ ଧାର୍ଯ୍ୟ ନିଷ୍ପତ୍ତିକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୋଦି ସରକାରଙ୍କୁ ସମାଲୋଚନା କରିବା ପାଇଁ ପଛାଇ ନାହାନ୍ତି ଓ ବନ୍ଧୁତାର ମୂଲ୍ୟ ଦେବାକୁ ପଡୁଛି ବୋଲି କହିଛନ୍ତି। ଆମେରିକାର ଏତାଦୃଶ ପଦକ୍ଷେପ ପରେ ବାଣିଜ୍ୟ ଓ ଅର୍ଥନୀତି କ୍ଷେତ୍ରରେ ଆମର ଯେଉଁ କ୍ଷତି ଘଟିବ, ତାକୁ ଭରଣା କରିବାକୁ ବିକଳ୍ପ ପନ୍ଥା ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଭାରତ ସରକାର ମଧ୍ୟ ଏବେ ଟ୍ରମ୍ପଙ୍କ ଏଭଳି ଆଚରଣ ଓ ଉଚ୍ଚାରଣରେ କ୍ଷୁବ୍ଧ ହୋଇ ବିକଳ୍ପ ବାଣିଜ୍ୟ ଓ ଅର୍ଥନୀତିର ସନ୍ଧାନ କରିବା ସ୍ୱାଗତଯୋଗ୍ୟ ମନେ ହେଉଛି।

# ଆପାର୍ଟମେଣ୍ଟ ସଭ୍ୟତା ଓ ସହରୀକରଣ



ଇଂ ବିମଳ ଷଡଙ୍ଗୀ
ଭୁବନେଶ୍ୱର
ମୋ: ୯୪୩୭୧୨୩୮୯୨

ଆଧୁନିକତା, କ୍ରୀଡ଼ା, ଫେସନ, ଭିତ୍ତିଭୂମି, ଶିକ୍ଷା, ଗମନାଗମନ, ଉତ୍ତମ ସ୍ୱାସ୍ଥ୍ୟସେବା ଇତ୍ୟାଦି ସହିତ ଜୀବିକା ନିର୍ବାହର ଉତ୍ତମ ଉପଲବ୍ଧତା ହେତୁ ସହରୀସଭ୍ୟତାକୁ ମାନବ ସମାଜର ଐତିହାସିକ ପରିବର୍ତ୍ତନର ବାର୍ତ୍ତାବହ ବୋଲି କୁହାଯାଏ। ଯାହା ଖ୍ରୀ:ପୂ୨୫୦୦ରୁ ୧୯୦୦ ମଧ୍ୟରେ ମହେଞ୍ଜୋଦରୋ ଏବଂ ହରପ୍ପା ସଭ୍ୟତାରୁଆରମ୍ଭ ହୋଇ ମଧ୍ୟଯୁଗୀୟ ଏବଂ ପ୍ରାକ-ଉପନିବେଶିକ ସମୟରେ କିଛି ମାତ୍ରାରେ ବିକଶିତ ହୋଇଥିଲା। ଉପନିବେଶବାଦ ସମୟ ଖ୍ରୀ:ଅ୧୭୫୭ରୁ ୧୯୪୭ମସିହା ମଧ୍ୟରେ ବ୍ରିଟିଶ ଶାସନ ଅଧୀନରେ ଆଧୁନିକ ସହରୀକରଣ ବିକାଶ ଆରମ୍ଭ ହୋଇଥିବା ଅନୁମେୟ। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଔଦ୍ୟୋଗୀକରଣ, ଆର୍ଥିକ ସଂସ୍କାର, ସୂଚନା ଓ ଆଇଟି ଇତ୍ୟାଦିରେ ଉତ୍କର୍ଷତା ପରେ ଗ୍ରାମାଞ୍ଚଳର ଶ୍ରମିକଙ୍କୁ ଉତ୍ତମ ଜୀବିକା ନିର୍ବାହ ପାଇଁ ସହରକୁ ଟାଣି ଆଣିଥିଲା। ତଥ୍ୟ ଅନୁସାରେ ଭାରତରେ୨୦୨୧ ସୁଦ୍ଧାପ୍ରାୟ ୩୫-୩୮% ଜନତା ସହରାଞ୍ଚଳରେ ବାସ କରୁଥିଲେ ଏବଂ ଅନୁମେୟ ୨୦୫୦ମସିହାସୁଦ୍ଧା ବିକାଶଶୀଳ ରାଷ୍ଟ୍ରର ପ୍ରାୟ ୬୪% ଅଞ୍ଚଳ ସହରୀକରଣ ହେବା ସହିତ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୧.୧ ବିଲିୟନ ନୂତନ ସହରାଞ୍ଚଳବାସୀ ସୃଷ୍ଟି ହେବେ। ଯାହାର ପ୍ରଭାବରେ ସହରଗୁଡ଼ିକରେ ଅନ୍ୟାନ୍ୟ ଭିତ୍ତିଭୂମି ସହିତ ବାସସ୍ଥାନର ଘୋର ଅଭାବ ପରିଲକ୍ଷିତ ହେବ। ସେହି ଦୃଷ୍ଟିରୁ ଏବେଠାରୁ ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ର ଭଳି ଜନବହୁଳ ରାଷ୍ଟ୍ର ଭାରତରେ ଆପାର୍ଟମେଣ୍ଟ ସଭ୍ୟତା ଦ୍ରୁତଗତିରେ ବୃଦ୍ଧି ପାଇଛି। ଯଦିଓ ଏହି ଆପାର୍ଟମେଣ୍ଟ ପଦ୍ଧତି ବହୁତ ଲୋକଙ୍କୁ ଅଳ୍ପ ସ୍ଥାନରେ ବାସ କରିବାକୁ ସୁଯୋଗ ଦେଇଥାଏ ମାତ୍ର ନିର୍ମାଣରେ ଗୁଣବତ୍ତା ଓ ସୁପରିଚାଳନା ଅଭାବରୁ ଏହା ଅନେକ ସମୟରେ ଲୋକମାନଙ୍କୁ ସୁଖ ବଦଳରେ ଦୁଃଖ ଦେଇଥାଏ। ଯଦି ସଠିକ୍ ସମୟରେ ସଠିକ୍ ପଦକ୍ଷେପ ନିଆଯାଏ ତେବେ ଏହା ଭବିଷ୍ୟତରେ ବାସସ୍ଥାନର ଏକ ଉତ୍ତମ ବିକଳ୍ପ ହୋଇପାରିବ।

ଘରୋଇ ବିଲଡର ଓ ସରକାରୀ ପ୍ରୋତ୍ସାହନରେ ବିଭିନ୍ନ କିସମର ନଭଶ୍ଚୁମ୍ବୀ ଆପାର୍ଟମେଣ୍ଟ ନିର୍ମାଣ ହୋଇଚାଲିଛି ମାତ୍ର ଗୁଣବତ୍ତା ଓ ନିରାପତ୍ତା ଦୃଷ୍ଟିରୁ ଏଗୁଡ଼ିକରେ ଘୋର ଅଭାବ ପରିଲକ୍ଷିତ ହୁଏ। ଯଦି ସଠିକ୍ ଭାବରେ ବର୍ତ୍ତମାନଠାରୁ ସେଗୁଡ଼ିକର ପରିଚାଳନା ନହୁଏ ତେବେ ଭବିଷ୍ୟତରେ ସେଗୁଡ଼ିକ ମଣିଷ ସମାଜକୁ ବହୁତ କ୍ଷତି ପହଞ୍ଚାଇବ। ଆପାର୍ଟମେଣ୍ଟଗୁଡ଼ିକର ନିର୍ମାଣସମୟରେ ଭୂକମ୍ପ, ବାତ୍ୟା, ବନ୍ୟା, ଅଗ୍ନି ପ୍ରତିରୋଧଶକ୍ତିର ବିକାଶ ସହିତ ଉଚ୍ଚମାନର ନିର୍ମାଣ ପଦ୍ଧତି ଓ ଉପକରଣ, ଉପଯୁକ୍ତ କିୟୋରିଙ୍ଗ, କୁଶଳୀ ଶ୍ରମିକ, ଉପଯୁକ୍ତ ଡିଜାଇନ, ସୁରକ୍ଷା ମାନଦଣ୍ଡ, ନିୟମିତ ମରାମତି ଓ ବୈଷୟିକ ତଦାରଖର ଉତ୍କର୍ଷତା ଆଣିବାକୁ ପଡିବ। ଯାହାର ଅଭାବ ଯୋଗୁ ୨୦୦୧ମସିହାର ଗୁଜୁରାଟଭୂମିକମ୍ପରେ ବହୁତ ଗୁଡିଏ ଆପାର୍ଟମେଣ୍ଟ ଏବଂ ୨୦୨୪ମସିହାଜୁଲାଇ ମାସରେ ଗୁଜୁରାଟରେଓ ୨୦୨୫ମସିହାରେ ଏପ୍ରିଲ ମାସରେ ଦିଲ୍ଲୀରେ ପ୍ରବଳ ବର୍ଷା ପରେ ଯଥାକ୍ରମେ ଅନେକ ଛଅମହଲା ଓ ଚାରିମହଲା ଆବାସିକ ଆପାର୍ଟମେଣ୍ଟ ଭୁଶୁଡ଼ି ପଡ଼ିଥିଲା, ଏପରି ଅନେକ ଉଦାହରଣ ଆମେ ନେଇପାରିବା। ଯଦିଓ ଓଡ଼ିଶାରେ ଆପାର୍ଟମେଣ୍ଟ ପାଇଁ ରେରା ଓ ଅନ୍ୟାନ୍ୟ ନିୟମ ଉପଲବ୍ଧ ତଥାପି ବିଲଡରମାନଙ୍କ ଅତ୍ୟନ୍ତ ଲାଭଖୋର ମନୋବୃତ୍ତି ଓ ନିୟମ ପାଳନରେ ଦୁର୍ନୀତି ହେତୁ ସାଧାରଣ ବ୍ୟକ୍ତିଟି ବହୁ ଅର୍ଥ ବିନିମୟରେ ନିମ୍ନମାନର ଗୃହଟି ପାଇ ସବୁ ସମୟରେ ନିଜ ଜୀବନକୁ ବିପଦପୂର୍ଣ୍ଣ ଅବସ୍ଥାରେ ରଖିଥାଏ। ବର୍ଷା ଦିନେ ଛାତ ଓ କାନ୍ଥ ଓ ଗାଧୁଆ ଘରରୁ ପାଣିଲିକ ହୋଇ ଘର ସନ୍ତେଇବା, କାନ୍ଥରେ କ୍ରାକ, ସିଲିଙ୍ଗରୁ ଫଲ୍ସ ଖସିବା, ବେସମେଣ୍ଟରୁ ପାଣି ଲିକ୍‌ହେବା, ସୌରଶକ୍ତି ବ୍ୟବହାର, ବର୍ଷାଜଳ ଅମଳ, ପାନୀୟ ଜଳ ଓ ଦୂଷିତ ପାଣିର ପରିଚାଳନାଗତ ତ୍ରୁଟି ସହିତ ଆପାର୍ଟମେଣ୍ଟ ଗୁଡ଼ିକ ବିଦପୂର୍ଣ୍ଣ ଭାବରେ ବିଦ୍ୟମାନ। ଜନତାଙ୍କ ହିତଦୃଷ୍ଟିରୁ ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ବିଲଡରମାନଙ୍କ କାର୍ଯ୍ୟକୁ ସଠିକ ତଦାରଖ କଲେ ଏ ବିପଦରୁ ମୁକ୍ତି ମିଳିପାରିବ।

ତା'ପରେ ଆସିବା ଆପାର୍ଟମେଣ୍ଟଗୁଡ଼ିକର ସମୟୋପଯୋଗୀ ପରିଚାଳନାଗତ ବ୍ୟବସ୍ଥାକୁ। ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳବର୍ଗ ବେପାରୀ, ଚାକିରିଆ, ଅବସରପ୍ରାପ୍ତ ବୟସ୍କ ବ୍ୟକ୍ତି, ଉଚ୍ଚଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ବା ଅଶିକ୍ଷିତ ବର୍ଗର ବ୍ୟକ୍ତି, ବିବାହିତ ବା ଅବିବାହିତ ବ୍ୟକ୍ତିମାନେ ପ୍ରାୟ ଆପାର୍ଟମେଣ୍ଟ ଗୁଡ଼ିକରେ ରହିଥାଆନ୍ତି। ସେଠାରେ ସେମାନଙ୍କ ଜୀବନଶୈଳୀ, ବିଭିନ୍ନ ସାଂସ୍କୃତିକ ପୃଷ୍ଠଭୂମି, ଶିକ୍ଷାଗତ ତାରତମ୍ୟତା, ଆର୍ଥିକ ଅସାମଞ୍ଜସ୍ୟତା ଏବଂ ବିଚାରଗତ ଅସମାନତା ଆଦି ବହୁ ପରିମାଣରେ ଦେଖାଦେଇଥାଏ। ସେହି ଦୃଷ୍ଟିରୁ ଆପାର୍ଟମେଣ୍ଟରେ ବାସକରୁଥିବା ଲୋକଙ୍କ ମଧ୍ୟରେ ସାଧାରଣତଃ ଅନେକ ପ୍ରକାରର ସଂଘର୍ଷ ଓ ମନୋମାଳିନ୍ୟ ଦେଖାଯାଏ।

ପ୍ରଥମ ସମସ୍ୟାଟି ହେଲା ଆପାର୍ଟମେଣ୍ଟ ଗୁଡ଼ିକର ସୁରକ୍ଷା ବ୍ୟବସ୍ଥା। ସୁରକ୍ଷା ବ୍ୟବସ୍ଥାକୁ କଡାକଡି ପାଳନ କରିବା ପାଇଁ ଉତ୍ତମ ସୁରକ୍ଷାକର୍ମୀ ନିଯୁକ୍ତି ଆବଶ୍ୟକ ଥାଏ, ମାତ୍ର ଯେଉଁମାନେ ଆପାର୍ଟମେଣ୍ଟର ପରିଚାଳନା ଦାୟିତ୍ୱ ନେଇଥାଆନ୍ତି ସେମାନେ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେବଳ ନିଜ ପସନ୍ଦର ସୁରକ୍ଷା ସଂସ୍ଥାଙ୍କୁ ଦାୟିତ୍ୱ ଦେଇଥାଆନ୍ତି ଫଳରେ ସେହିଠାରୁ ଆରମ୍ଭ ହୁଏ ଆପାର୍ଟମେଣ୍ଟରେ ଦ୍ୱନ୍ଦ। ତେଣୁ ନିସ୍ୱାର୍ଥପର ଭାବରେ ଆପାର୍ଟମେଣ୍ଟର ହିତକୁ ଦୃଷ୍ଟିରେ ରଖି ସୁରକ୍ଷାକର୍ମୀ ନିଯୁକ୍ତି ପ୍ରଥମ ଦାୟିତ୍ୱ ହେବା ଆବଶ୍ୟକ। ସେହିପରି କିଛି ବ୍ୟକ୍ତି ବିଳମ୍ବିତ ରାତି ପର୍ଯ୍ୟନ୍ତ ନାନା ପ୍ରକାର ପାର୍ଟି ପାଳନ କରି ବିଭିନ୍ନ ପ୍ରକାରର ଶବ୍ଦ ସୃଷ୍ଟି କରନ୍ତି ବା ସାଂସ୍କୃତିକ ଏବଂ ଧାର୍ମିକ କାର୍ଯ୍ୟ ଯୋଗୁଁ ସକାଳେ କିମ୍ବା ବିଳମ୍ବିତ ରାତିରେ ଉଚ୍ଚସ୍ୱରରେ ମନ୍ଦିରର ଘଣ୍ଟି, ଭଜନ, କିମ୍ବା ନମାଜ ସ୍ୱିକର ବଢାଇବା ହେତୁ ଅନ୍ୟ ଫ୍ଲାଟରେ ରହୁଥିବା ବୃଦ୍ଧ କିମ୍ବା ବାସିନ୍ଦାଙ୍କୁ ବ୍ୟସ୍ତ କରିଥାଏ ଫଳରେ ଗଣ୍ଡଗୋଳର ସୂତ୍ରପାତ ହୋଇଥାଏ। ସେହିପରି କିଛି ବ୍ୟକ୍ତି ନିଜର ସୁବିଧା ପାଇଁ ସୋସାଇଟି ନିୟମ ଉଲ୍ଲଂଘନ କରି ନିଜର କାନ୍ଥ ଭାଙ୍ଗିବା, ବାଲକୋନି ବନ୍ଦ କରିବା, କିମ୍ବା ଗ୍ରୀଲ୍ ଯୋଡିବା ଇତ୍ୟାଦି କାର୍ଯ୍ୟ କରନ୍ତି ଯାହା ଆପାର୍ଟମେଣ୍ଟର ସୌନ୍ଦର୍ଯ୍ୟ କିମ୍ବା ସୁରକ୍ଷାକୁ ପ୍ରଭାବିତ କରିଥାଏ ଏବଂ ବାୟୁଚଳନ ବା ଆଲୋକକୁ ଅବରୋଧ କରିଥାଏ ଫଳରେ ବିବାଦ ଉପୁଜିଥାଏ। ବେଳେବେଳେ ଅନ୍ୟର ନିର୍ଦ୍ଧାରିତ ସ୍ଥାନରେ କିମ୍ବା ସାଧାରଣ ଯିବା ଆସିବା ସ୍ଥାନରେ ଯାନବାହନ ପାର୍କିଂକୁ ନେଇ ବା ପାର୍କିଂ ସ୍ଥାନରେ ନିଜର ଗାଡି ବ୍ୟତୀତ ଅନ୍ୟାନ୍ୟ ଆସବାବପତ୍ର ଜମାହୋଇଥିବାକୁ ତାକୁନେଇ ଗଣ୍ଡଗୋଳ ଘଟିଥାଏ। ସେହିପରି ଘରୋଇ ସହାୟକ କିମ୍ବା କୌଣସି ଅନଲାଇନ ଦ୍ରବ୍ୟପ୍ରବେଶ ଅନୁମତି ପାଇଁ କିଛି ବାସିନ୍ଦାଙ୍କ ମଧ୍ୟରେ ପକ୍ଷପାତ ନୀତି ଯୋଗୁ ବିଭ୍ରାଟ ଘଟିଥାଏ ଯାହା ଫଳରେ ପରସ୍ପର ମଧ୍ୟରେ ଅବିଶ୍ୱାସ, ଗ୍ରୁପିଜିମ୍ ଏବଂ ନୀତି ପରିବର୍ତ୍ତନ ନେଇ ବିବାଦ ଦେଖାଦେଇଥାଏ।ବଗିଚାରୁ ଫୁଲ ତୋଳା, ପିଲାମାନଙ୍କଖେଳିବା ସ୍ଥାନ, ଅନିୟମିତ ଜିମ୍ ପରିଚାଳନା ଓ ପୋଷା ପ୍ରାଣୀଙ୍କ ପରିଚାଳନା, ବିଭିନ୍ନ ଉପକରଣର ମରାମତି ଓ ରକ୍ଷଣାବେକ୍ଷଣରେ ଅର୍ଥ ହେରଫେର, ଅଳିଆ ନିଷ୍କାସନର ଅଭାବ, କିଛି ବ୍ୟକ୍ତିଙ୍କ ଆଚରଣ ଓ ଉଚ୍ଚାରଣରେ ଅଶାଳୀନ ବ୍ୟବହାର ଯୋଗୁ ମଧ୍ୟ ବିବାଦ ଦେଖାଦିଏ। ଅନେକ ସମୟରେ ଅତ୍ୟଧିକ ଦେୟକୁ ନେଇ ବିବାଦ କିମ୍ବା ଆଇନଗତ ଧମକକିମ୍ବା ହ୍ୱାଟ୍ସଆପ୍ ଗ୍ରୁପ୍ ଦ୍ୱାରା ଆରୋପ ପ୍ରତ୍ୟାରୋପକୁ ନେଇ ବିବାଦ ବଢିଥାଏ ଯାହା ପରବର୍ତ୍ତୀ ସମୟରେ ଅସୁସ୍ଥ ବାତାବରଣ ସୃଷ୍ଟିକରେ। ଆପାର୍ଟମେଣ୍ଟ ନିୟମ ନମାନି ଅନେକ ବ୍ୟକ୍ତି ସେଠାରେ ନିଜର ବେପାର କାରବାର କରିଥାଆନ୍ତି ବା ପାର୍କିଂ ସ୍ଥଳରେ ନିଜର ବିଭିନ୍ନ ଉପକରଣ ରଖନ୍ତି ଯାହା ଅନେକ ଅସୁବିଧା ସୃଷ୍ଟିକରେ। ୨୦୨୫ମସିହାରେ ଦିଲ୍ଲୀର ରାହୁଲ ଶର୍ମାନାମକ ଜଣେବ୍ୟକ୍ତି ନିଜେ ରହୁଥିବା ଫ୍ଲାଟରୁ କୋରିଅରଏବଂ କେବୁଲ ବ୍ୟବସାୟ ପରିଚାଳନା କରୁଥିଲେ ଯାହା ଯୋଗୁଁ ତାଙ୍କୁ କୋର୍ଟ ଉପଯୁକ୍ତ ଜୋରିମାନ ସ୍ଥିର କରିଥିଲେ। ସେହିପରି ୨୦୨୪ ମସିହାରେ ସୁପ୍ରିମକୋର୍ଟରେ ଶକୁନ୍ତଳା ଦେବୀ ଏବଂ ଅନ୍ୟାନ୍ୟଙ୍କ ମଧ୍ୟରେ ମକଦ୍ଦମା ହୋଇଥିଲା ଯେଉଁଥିରେ ରକ୍ଷଣାବେକ୍ଷଣଖର୍ଚ୍ଚ ସଂଗ୍ରହ ପାଇଁ ମଡେଲ ନିୟମ ପାଳନ କରିବାକୁ ପଡିବ ଏବଂ ପ୍ରକୃତ ଖର୍ଚ୍ଚଠାରୁ ସୋସାଇଟି ଅଧିକ ଆଦାୟ କରିପାରିବେ ନାହିଁ ବୋଲି ମାନ୍ୟବର କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆଜିକାଲି ପରିଚାଳନା କମିଟି ଦ୍ୱାରା ଅର୍ଥ ହେରଫେରର ଉଦାହରଣ ଓଡିଶାର ବହୁତ ଅପାର୍ଟମେଣ୍ଟରେ ଦେଖିବାକୁ ମିଳେ ଓ ଅନେକ ସମୟରେ ପରିଚାଳନା ମଣ୍ଡଳୀର କୋଷାଧ୍ୟକ୍ଷ, ସମ୍ପାଦକ ଓ ସଭାପତିମାନେ ଧରାପଡି ଦଣ୍ଡିତ ହୋଇଛନ୍ତି। ଯେପରି୨୦୧୯ ମସିହାରେ ଭୁବନେଶ୍ୱରର କସ୍ମୋପଲି ଆପାର୍ଟମେଣ୍ଟରେ ତିନିଜଣ ପୂର୍ବତନ କମିଟି ସଭ୍ୟଙ୍କୁ ଅର୍ଥ ହେରଫେରରେ ଅନିୟମିତତା ଦର୍ଶାଇ ନୋଟିସ ଦିଆଯାଇଥିଲା ଏବଂ ସେମାନେ ଅର୍ଥ ଆତ୍ମସାତ କରିବା ପ୍ରମାଣ ହୋଇଥିଲା ଓ ପରେ ଦଣ୍ଡିତ ହୋଇ ଫେରସ୍ତ କରିଥିଲେ ଯାହା କମିଟି ସଭ୍ୟମାନଙ୍କ ସଚ୍ଚୋଟତା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରିଥିଲା ଏବଂ ଗୋଟିଏ ଲଜ୍ୟାକର ଘଟଣା।

ଆପାର୍ଟମେଣ୍ଟର କିଛି ଗୃହମାଲିକ ନିଜର ଅହମିକା, ସ୍ୱାର୍ଥପରତା ଓ ହାମବଡା ମନୋବୃତ୍ତି ଯୋଗୁ ଅନ୍ୟମାନଙ୍କୁ ଖରାପ ବ୍ୟବହାର କରନ୍ତି। ନିଜକୁ ଧନୀ, ଜ୍ଞାନୀ ଓ ସଚ୍ଚୋଟ ବୋଲି ଚଞ୍ଚକତାର ସହିତ ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନ କରି ବିଭେଦ ସୃଷ୍ଟିର ପରିବେଶ ସୃଷ୍ଟି ମାଧ୍ୟମରେ ଆପାର୍ଟମେଣ୍ଟ ଅର୍ଥ ହେରଫେର କରି ଅସୁସ୍ଥ ବାତାବରଣ ସୃଷ୍ଟି କରନ୍ତି। ସେପରି ବ୍ୟକ୍ତିଙ୍କୁ ସର୍ବସମ୍ମୁଖରେ ଦଣ୍ଡଦେବା ସହିତ ଆପାର୍ଟମେଣ୍ଟରେ ସୁସ୍ଥ ବାତାବରଣ ପାଇଁ କେତେଗୁଡ଼ିଏ ପଦକ୍ଷେପ ନିଆଯାଇପାରେ। ପ୍ରଥମତଃ ସବୁ ଅଧିବାସୀଙ୍କ ମଧ୍ୟରେ ଉତ୍ତମ ବୁଝାମଣାର ବାତାବରଣ ସୃଷ୍ଟି କରିବାକୁ ପଡିବ। ଭଡାଟିଆ ଏବଂ ମାଲିକଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରିବାକୁ ପଡିବ। ବୟସ୍କମାନଙ୍କୁ ସ୍ୱାସ୍ଥ୍ୟ ସହାୟତା, ପିଲାମାନଙ୍କ ପାଇଁ କ୍ରିଡ଼ା ଓ ଶୈକ୍ଷିକ ବାତାବରଣର ଆୟୋଜନ କରିବାକୁ ପଡିବ । ପ୍ରତି ମାସରେ ଆପାର୍ଟମେଣ୍ଟରେ ବାସକରୁଥିବା ପରିବାରକୁ ନେଇ ବିଭିନ୍ନ ପ୍ରକାର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ସହିତ ଆପାର୍ଟମେଣ୍ଟରେ ରହୁଥିବା ସମସ୍ତ ଆସବାବପତ୍ରର ରକ୍ଷଣାବେକ୍ଷଣ ନିସ୍ୱାର୍ଥପର ସହିତ ସଠିକ ଭାବରେ କରିବାକୁ ପଡିବ। ଆପାର୍ଟମେଣ୍ଟ ରକ୍ଷଣାବେକ୍ଷଣ ଅର୍ଥର ସଠିକ ଆୟବ୍ୟୟ ହିସାବ ରଖିବାକୁ ପଡିବ ଯାହା ଅନ୍ୟ ମାନଙ୍କୁ ସନ୍ଦେହ କରିବାକୁ ସୁଯୋଗ ଦେବନାହିଁ। ଆପାର୍ଟମେଣ୍ଟରେ ବାସ କରୁଥିବା ସମସ୍ତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଓ ସେମାନଙ୍କ ଆଧାର କାର୍ଡର ଫଟୋକପି ଓ ଫଟୋ ରଖିବା ସହିତ ଆପାର୍ଟମେଣ୍ଟକୁ ପ୍ରବେଶ ବା ପ୍ରସ୍ଥାନ କରୁଥିବା ପ୍ରତ୍ୟକ ବ୍ୟକ୍ତିଙ୍କ ହିସାବ ସଠିକ ଭାବରେ ସୁରକ୍ଷା କର୍ମୀ ରଖିବାକୁ ବାଧ୍ୟ କରି ପରିଚାଳନା ଦାୟିତ୍ୱରେ ଥିବା ସଭ୍ୟସଭ୍ୟାମାନଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ଯାଞ୍ଚ କରିବାକୁ ପଡିବ ଫଳରେ ଭବିଷ୍ୟତରେ ଆପାର୍ଟମେଣ୍ଟ ସୁରକ୍ଷାରେ ତାହା ସହାୟକ ହେବ। ଶକ୍ତି, ଜଳ, ବର୍ଜ୍ୟବସ୍ତୁ ଓ ମୃତ୍ତିକାର ସୁକ୍ଷମ ପରିଚାଳନା ଆଜି ବିଶ୍ୱର ସବୁଠାରୁ ଆବଶ୍ୟକୀୟ କାର୍ଯ୍ୟକ୍ରମ। ତେଣୁ ଆପାର୍ଟମେଣ୍ଟରେ ସୌର ଶକ୍ତିର ବିନିଯୋଗ, ଜଳ ସଂରକ୍ଷଣ ଓ ପରିଚାଳନା, ବର୍ଷାଜଳ ଅମଳ, ବର୍ଜ୍ୟବସ୍ତୁ ସଂଗ୍ରହ ଓ ପରିଚାଳନା ସହିତ ମୃତ୍ତିକା ସଂରକ୍ଷଣ, ବୃକ୍ଷରୋପଣ ଇତ୍ୟାଦି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ଯଦ୍ୱାରା ଆପାର୍ଟମେଣ୍ଟ ଗୁଡ଼ିକରେ ଜନତାଙ୍କୁ ସୁରକ୍ଷିତ ଓ ସୁସ୍ଥ ବାତାବରଣ ମଧ୍ୟରେ ରଖିବାର ଏକ ନୂଆ ପରମ୍ପରା ସୃଷ୍ଟି କରାଯାଇପାରିବ। ଆପାର୍ଟମେଣ୍ଟରେ ବାସ କରୁଥିବା ବୟସ୍କ ବ୍ୟକ୍ତିମାନଙ୍କର ମଧ୍ୟରେ ଥିବା ଦକ୍ଷତା ଦ୍ୱାରା ଆଖପାଖର ଯୁବକ, ଶିଶୁଙ୍କୁ ଭିନ୍ନ ପ୍ରଶିକ୍ଷଣ ଦ୍ୱାରା ଦେଶର ହିତରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କରିବା ଆବଶ୍ୟକ ଯାହା ବୟସ୍କଙ୍କୁ କାର୍ଯ୍ୟକ୍ଷମ କରିବା ସହିତ ଦେଶର ପ୍ରଗତିରେ ଭାଗୀଦାରୀ କରିପାରିବ ଓ ଆଖ ପାଖର ଜନତାଙ୍କ ସହିତ ସୁସମ୍ପର୍କ ଗଢିଉଠି ସହରୀକରଣରେ ଆପାର୍ଟମେଣ୍ଟ ଗୁଡ଼ିକ ସମସ୍ତଙ୍କୁ ଖୁସି ଦେଇପାରିବ।

# ହସ୍ତତନ୍ତର ମହାନ ପରମ୍ପରା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଲ, ଭୁବନ, ଢେଙ୍କାନାଳ
ମୋ: ୯୪୩୭୭୨୯୩୮୪

ଓଡ଼ିଶା ହସ୍ତତନ୍ତର ଆଦିଭୂମି ଭାବେ ପରିଚିତ। ହସ୍ତତନ୍ତ ଓଡ଼ିଆ ଜାତିର ପ୍ରତୀକ ଓ ପରମ୍ପରା। ଏହା ଆମ ଅସ୍ମିତାର ନିଦର୍ଶନ। ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ବସ୍ତ୍ର ପ୍ରିୟ। ଶ୍ରୀମନ୍ଦିର ସଂସ୍କୃତିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଖଣ୍ଡୁଆପାଟ, ଗୀତଗୋବିନ୍ଦ ପାଟ ଲାଗି କରାଯାଏ। ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବୁଣାକାରମାନଙ୍କର ପ୍ରମୁଖ ଭୂମିକା ରହିଛି। ପାରମ୍ପରିକ ହସ୍ତତନ୍ତ କଳା ସହିତ ଜଡିତ ଅନେକ ପରିବାର। ଏହି ପରମ୍ପରାରେ କେବଳ ଶାଢୀ ପ୍ରସ୍ତୁତ ହେଉନାହିଁ, ବିଭିନ୍ନ ପ୍ରକାର ପୋଷାକ ନିମନ୍ତେ କପଡା, ଥାନ, ଲୁଙ୍ଗି, ଗାମୁଛା ଆଦି ମଧ୍ୟ ଉତ୍ପାଦିତ ହେଉଛି। ସ୍ଥାନୀୟ ବୁଣାକାର ଓ ସହଯାଗୀମାନେ ଏହି ପାରମ୍ପରୀକ ବେଉସା ସହ ସମ୍ପୃକ୍ତ ହୋଇ ଗ୍ରାମ୍ୟ ଅର୍ଥନୀତିରେ ଏକ ସ୍ୱତନ୍ତ୍ର ଧାରା ସୃଷ୍ଟି କରିଛନ୍ତି। ରାଜ୍ୟ ହସ୍ତତନ୍ତର ଚାହିଦା ଦେଶର ବିଭିନ୍ନ ରାଜ୍ୟରେ ରହିଛି। ବିଶେଷତଃ ବାନ୍ଧ ବସ୍ତ୍ରର ଏକ ସ୍ୱତନ୍ତ୍ର ଚାହିଦା ରହିଛି। ଦକ୍ଷିଣ ଓ ମଧ୍ୟ ଭାରତରେ ଓଡ଼ିଶାର ହସ୍ତତନ୍ତ ପାଇଁ ଭରପୂର ସହଯୋଗ ରହିଛି। କୃଷି ପରେ ଓଡ଼ିଶାରେ ବୟନ ଶିଳ୍ପ ବୃହତ୍ତମ ରୋଜଗାରର ମାଧ୍ୟମ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବୟନ ଶିଳ୍ପ ପାଇଁ ହଜାର ହଜାର ସଂଖ୍ୟାରେ ଲୋକେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ବୟନ ଶିଳ୍ପର ବିକାଶ ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଅନେକ ଯୋଜନା କରାଯାଇଛି। ହସ୍ତତନ୍ତର ସଂରକ୍ଷଣ ଓ ପ୍ରଚାର ସହ ବୁଣାକାରମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ହେଉଛି ସମୟର ଆହ୍ୱାନ।

ସ୍ୱାଧୀନତା ପରେ ସେବା ସମବାୟ ସମିତି ଜରିଆରେ ବୁଣାକାରମାନେ ଆବଶ୍ୟକୀୟ କଞ୍ଚାମାଲ, ସୂତା, ରଙ୍ଗ ଆଦି ପାଇ ପାରୁଥିଲେ। ବସ୍ତ୍ର ବିକ୍ରି ପାଇଁ ସମବାୟ ସମିତି ଏକ ମାଧ୍ୟମ ଥିଲା। ବୁଣାକାରମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ସୂତା କଳରୁ ସୂତା ଆଣିବା ସହିତ ବୟନିକା ମାଧ୍ୟମରେ ମଧ୍ୟ ସୂତା କିଣି ବିଭିନ୍ନ ପ୍ରକାର ଗାମୁଛା, ଲୁଙ୍ଗି ଓ ଶାଢୀ ପ୍ରସ୍ତୁତ କରୁଥିଲେ। ସୂତା କିଣି ଆଣି ପ୍ରଥମେ ବବନି, ଟାଣି ଓ ସୂତାକୁ ରଙ୍ଗ କରିସାରି ବିଭିନ୍ନ ପ୍ରକାରର ଶାଢୀ, ଲୁଙ୍ଗି ଓ ଗାମୁଛା ବୁଣୁଥିଲେ। ୨୬ କାଉଣ୍ଟ ଜାତୀୟ ମୋଟା ସୂତାରେ ବୁଣାଯାଉଥିବା ଲୁଗାର ଚାହିଦା ଗ୍ରାମାଞ୍ଚଳରେ ଦିନକୁ ଦିନ ବଢ଼ିବାକୁ ଲାଗିଥିଲା। ଫଳରେ ବୁଣାକାରମାନେ ଉତ୍ସାହର ସହିତ ଏହି କାମ କରୁଥିଲେ। ଅଶୀ ଦଶକରେ ଧୀରେ ଧୀରେ କମ୍ପାନୀ ପ୍ରସ୍ତୁତ ପ୍ରିଣ୍ଟ ଶାଢୀର ଆଦୃତି ବଢ଼ିବା ଫଳରେ ହସ୍ତତନ୍ତ ଶାଢୀର ଚାହିଦା କମିବାରେ ଲାଗିଥିଲା। ତେବେ ଆଜିକାଲି ଖଦି ଓ ହାତବୁଣା ପୋଷାକର ଆଦର ବଢ଼ିଛି। ସମୟ ବଦଳିବା ସହ ଆମ ରାଜ୍ୟର ବିଭିନ୍ନ ପାରମ୍ପରୀକ ହାତବୁଣା ବସ୍ତ୍ରରେ ଆଧୁନିକତାର ସ୍ପର୍ଶ ଲାଗିଛି। ନୂଆନୂଆ ଡିଜାଇନର ଅଧିକ ସୌଖିନ ହାତ ତିଆରି କପଡା ଓ ବସ୍ତ୍ର କାରିଗରମାନେ ପ୍ରସ୍ତୁତ କରୁଛନ୍ତି। ପର୍ବପର୍ବାଣୀ ଓ ଉତ୍ସବମାନଙ୍କରେ ଲୋକେ ଏହି ପୋଷାକ ପରିଧାନ କରିବାକୁ ପସନ୍ଦ କରୁଛନ୍ତି। ସରକାରୀ କର୍ମଚାରୀମାନେ ସପ୍ତାହକୁ ଥରେ ହସ୍ତତନ୍ତ ବସ୍ତ୍ର ପିନ୍ଧି ଅଫିସ୍ ଆସିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ଯାହାକି ସ୍ୱାଗତଯୋଗ୍ୟ। ବୟନ ଶିଳ୍ପ କ୍ଷେତ୍ରରେ ରାଜ୍ୟ ଦ୍ରୁତଗତିରେ ପ୍ରଗତି କରୁଛି। ପଶ୍ଚିମ ଓଡ଼ିଶାର ସମ୍ବଲପୁରୀ ପାଟ, ବ୍ରହ୍ମପୁରୀ ରେଶମୀ ପାଟ ସାରା ପୃଥିବୀରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଚତୁର୍ଥ ସର୍ବଭାରତୀୟ ହସ୍ତତନ୍ତ ସର୍ଭେ ଅନୁସାରେ ଓଡ଼ିଶାରେ ୫୩,୪୭୨ ବୁଣାକାର ଓ ୬୪,୩୬୪ ସହାୟକ ଶ୍ରମିକ ବୟନ ଉଦ୍ୟୋଗ ସହିତ ସମ୍ପୃକ୍ତ। ଏହି ପ୍ରଗତିକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ବୈଷୟିକ ବୟନ ଶିଳ୍ପ ନୀତି-୨୦୨୨ରେ ବୟନ ଶିଳ୍ପରେ ପୁଞ୍ଜି ନିବେଶ ପାଇଁ ୪୦ ପ୍ରତିଶତ ସହାୟତା ପାଇଁ ବ୍ୟବସ୍ଥା କରାଯାଇଛି। ଏପରିକି ପ୍ରତ୍ୟେକ ବୁଣାକାରଙ୍କୁ ବିନା ସୁଧରେ ୫୦ହଜାର ଟଙ୍କା ଋଣ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା, ଶିଳ୍ପୀ ଉନ୍ନତି ଯୋଜନାରେ ସହାୟତା ବି ରହିଛି। ରାଜ୍ୟରେ ହସ୍ତତନ୍ତର ଅନେକ କ୍ଲଷ୍ଟର ରହିଛି। ଉକ୍ତ କ୍ଲଷ୍ଟର ସହ ହସ୍ତତନ୍ତ ବୁଣାକାରମାନେ ଯୋଡି ହୋଇଛନ୍ତି। ଅନେକ ସ୍ଥଳରେ କାରିଗରମାନେ ସିଧାସଳଖ ଭାବେ ହସ୍ତତନ୍ତ ବ୍ୟବସାୟ କରୁଥିବା ବେଳେ କିଛି ସ୍ଥଳରେ କାରିଗରମାନେ ବଡବଡ ବ୍ୟବସାୟୀମାନଙ୍କ ପାଇଁ କାମ କରୁଛନ୍ତି। ବୟନିକା, ଉତ୍କଳିକା ଭଳି ବୁଣାକାର ସମବାୟ ସମିତି ଗୁଡ଼ିକର ସାରା ରାଜ୍ୟରେ ଏକ୍ସକ୍ଲୁସିଭ୍ ଷ୍ଟୋରମାନ ରହିଛି। ସମ୍ପ୍ରତି ଏହା ରାଜ୍ୟ ମଧ୍ୟରେ ସୀମିତ ହୋଇ ରହିଛି। ସରକାର ଏହାକୁ ସର୍ବଭାରତୀୟ ସ୍ତରକୁ ନେବାକୁ ଯୋଜନା କରୁଛନ୍ତି। ଅନ୍ୟ ରାଜ୍ୟରେ ବୟନିକା ଓ ଉତ୍କଳିକାର ଶାଖା ଖୋଲିବାକୁ ବ୍ୟବସ୍ଥା କରାଯାଉଛି।

ରାଜ୍ୟର ଅନେକ ହସ୍ତତନ୍ତ ସାମଗ୍ରୀ ଭୌଗୋଳିକ ସଙ୍କେତ ପାଇବା ଫଳରେ ଜାତୀୟ ତଥା ଆର୍ନ୍ତଜାତିକ ସ୍ତରରେ ସ୍ୱତନ୍ତ୍ରତା ମିଳିବା ସହ ବଡ ବଜାର ମିଳି ପାରିଛି। ଅଦ୍ୟାବଧି ଓଡ଼ିଶାର ୯ଟି ହସ୍ତତନ୍ତକୁ ଜି.ଆଇ ମାନ୍ୟତା ମିଳିଛି। ତନ୍ମଧ୍ୟରେ ବ୍ରହ୍ମପୁରୀ ପାଟ ଶାଢୀ ଓ ଯୋଡ, ବୋମକେଇ ଶାଢୀ, ଧଳାପଥର ଶାଢୀ, କୋଟପାଡ ଶାଢୀ, ସମ୍ବଲପୁରୀ ପାଟ, ଓଡ଼ିଶା ଇକତ, ହବସ୍‌ପୁରୀ ଶାଢୀ, ଖଣ୍ଡୁଆ ଶାଢୀ, ଗୋପାଳପୁର ଟସର ଫ୍ୟାବ୍ରିକ୍ସ ଅନ୍ୟତମ। ଏହି ହସ୍ତତନ୍ତଗୁଡ଼ିକ ନିଜର ସ୍ୱତନ୍ତ୍ରତା, ମୌଳିକତା ତଥା ଗୁଣବତ୍ତା ବଜାୟ ରଖିବା କାରଣରୁ ରାଜ୍ୟର ହସ୍ତତନ୍ତର ଚାହିଦା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। କ୍ରେତାମାନଙ୍କ ମଧ୍ୟରେ ଜି.ଆଇ ଟ୍ୟାଗଯୁକ୍ତ ଉତ୍ପାଦନର ଚାହିଦା ଓ ଅଣ ଟ୍ୟାଗ୍ ଯୁକ୍ତ ଉତ୍ପାଦର ଚାହିଦା ତୁଳନାତ୍ମକ ଚିତ୍ର ପ୍ରସ୍ତୁତ କରାଯାଉଛି। ରାଜ୍ୟରେ ପ୍ରତି ମାସରେ କେତେ ସଂଖ୍ୟକ ଜି.ଆଇ ଟ୍ୟାଗ ଯୁକ୍ତ ବସ୍ତ୍ର ପ୍ରସ୍ତୁତ ହେଉଛି ଓ ବିକ୍ରି ହେଉଛି ତାହାର ହିସାବ ରଖାଯାଉଛି। ଜି.ଆଇ ମାନ୍ୟତା ମିଳିବା ଫଳରେ ଏହି ଶାଢୀର ନକଲ ବିକ୍ରି ଉପରେ କଡା କଟକଣା ଲାଗି ପାରିଛି। ହସ୍ତତନ୍ତ ପ୍ରତି ଆଗ୍ରହ ବଢାଇବା ପାଇଁ ସିନେମା ତାରକାଙ୍କ ଦ୍ୱାରା ବିଜ୍ଞାପନ ପ୍ରସ୍ତୁତ କରାଯାଉଛି। ଓଡ଼ିଶାର ଉନ୍ନତମାନର ହସ୍ତତନ୍ତକୁ ଜି.ଆଇ ମାନ୍ୟତା ପାଇଁ ନାବାର୍ଡ ଉଦ୍ୟମ କରୁଛି। ମୟୂରଭଞ୍ଜ ଶାଢୀ, ଆଦିବାସୀ ଫୁଟା ଶାଢୀ ଏବଂ ଜଗତସିଂପୁର ଶାଢୀ ଜି.ଆଇ ପଞ୍ଜିକରଣ ପାଇଁ ନାବାର୍ଡ ପକ୍ଷରୁ ଉଦ୍ୟମ ଚାଲିଛି।

ହସ୍ତତନ୍ତ ପରମ୍ପରାକୁ ପର୍ଯ୍ୟଟନ ସହ ଯୋଡି ଗ୍ରାମାଞ୍ଚଳର ଲୋକଙ୍କୁ ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ସହାୟକ ହେବା ପାଇଁ ସରକାର ଦୃଷ୍ଟି ଦେଉଛନ୍ତି। ମାଣିଆବନ୍ଧ ବୌଦ୍ଧ ପର୍ଯ୍ୟଟନ ଏବଂ ଗୋପାଳପୁର ଟସର ହସ୍ତଶିଳ୍ପ ଅଞ୍ଚଳର ଉନ୍ନତି କାର୍ଯ୍ୟ ଚାଲିଛି। ବିଦେଶୀ ଓ ଘରୋଇ ପର୍ଯ୍ୟଟକ ଓଡ଼ିଶାର ବିଭିନ୍ନ ହ୍ୟାଣ୍ଡଲୁମ କ୍ଲଷ୍ଟର ପରିଦର୍ଶନ କରି ହସ୍ତଶିଳ୍ପ ସମ୍ବନ୍ଦୀୟ ବିଭିନ୍ନ କୌଶଳ, ପଦ୍ଧତି ଏବଂ ତା'ର ବ୍ୟବହାରିକ ଦିଗ ଉପରେ ବୁଝୁଛନ୍ତି। ପର୍ଯ୍ୟଟକ ଓ ପରିଦର୍ଶକଙ୍କୁ ସୂଚନା ପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ୭୩ଟି ହସ୍ତତନ୍ତ କ୍ଲଷ୍ଟରର ୭୩୦ଜଣ ବୁଣାକାରଙ୍କୁ ଆତିଥ୍ୟ ଓ ପର୍ଯ୍ୟଟନ ପରିଚାଳନା ଉପରେ ତାଲିମ ଦିଆଯାଇଛି। ବୟନ ଶିଳ୍ପର ବିକାଶ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ଗ୍ରାମୀଣ ବୁଣାକାରଙ୍କୁ ଜୀବିକା ଯୋଗାଇବାରେ ସହାୟକ ହୋଇପାରିଛି।

# ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ - ଏକ ଅମ୍ଲାନ ଜ୍ୟୋତିଷ୍କ



ଡ. ରାମଚନ୍ଦ୍ର ଦାଶ
ଅକରପଡା, ନଳୀପୁର, ବାଲିଚନ୍ଦ୍ରପୁର
କଟକ, ମୋ: ୭୭୮୯୮୩୨୫୭୭

ଭାରତୀ କୁନ୍ତଳା କୁମାରୀ ସାବତ ଉତ୍କଳ ସାହିତ୍ୟାକାଶର ଅମ୍ଳାନ ଜ୍ୟୋତିଷ୍କ। ସାହିତ୍ୟ କୃତି ତାଙ୍କର ଅସାଧାରଣ, ଅନବଦ୍ୟ ତାଙ୍କର ମହାମାନବୀୟ ଚିନ୍ତା ଓ ଚେତନା, ଅଭୂତପୂର୍ବ ତାଙ୍କର ଦେଶପ୍ରୀତି, ସର୍ବଗୁଣ ସମ୍ପନ୍ନା ଅଲୌକିକ ପ୍ରତିଭାର ଏକ ସ୍ୱପ୍ନିଳ ପରିପ୍ରକାଶ ସେ। ବିଂଶ ଶତାବ୍ଦୀର ଅୟମାରମ୍ଭରେ ଧରାବତରଣ କରି ଜୀବନଚର୍ଯ୍ୟାର ସଂକ୍ଷିପ୍ତ ଅବଧି ମଧ୍ୟରେ ସେ ଯେପରି ବିବିଧ କୃତିର ବର୍ଣ୍ଣାଢ଼୍ୟ ବର୍ଣ୍ଣାଳୀ ସୃଷ୍ଟିକରି ଜନମାନସକୁ ସ୍ତମ୍ଭୀଭୂତ କରିଛନ୍ତି ତା'ର ଦୃଷ୍ଟାନ୍ତ ବିରଳ।

୧୯୦୧ ମସିହାରେ କଷାୟ ଉଷାକାଳର ପବିତ୍ର ଲଗ୍ନରେ ପିତା ଡ଼ାନିଏଲ୍ ସାବତ ଏବଂ ମାତା ମୋନିକା ସାବତଙ୍କ କୋଳ ମଣ୍ଡନ କରି ଫେବୃଆରୀ ମାସ ୦୮ ତାରିଖ ପ୍ରାତଃ ୦୫ ଘଟିକାରେ ଯେଉଁ ମହାନ ଆତ୍ମା କନ୍ୟାରତ୍ନ ରୂପେ ଆତ୍ମପ୍ରକାଶ କଲେ କିଏ ଜାଣିଥିଲା ସେ ଅଭୂତ ପୂର୍ବ ଦେଶପ୍ରେମର ସ୍ଫୁଲିଙ୍ଗ ସାଜି କୋଟି ପ୍ରାଣରେ ମହାଜାଗରଣର ସୂତ୍ରପାତ୍ର କରିବେ। କେତେବେଳେ ଦେଶ ପ୍ରେମର ସେ ବହ୍ନିଶିଖା ତ ପୁଣି କେତେବେଳେ ନିତ୍ୟ ବସନ୍ତର ପରଭୃତ। ଉତ୍ତ୍ର ରାଜ୍ୟେ ପରିଚିତା ସେ ବୁଲ୍ ବୁଲ୍ ନାମେ। ତାଙ୍କୁ ଲକ୍ଷ୍ୟକରି ସେଦିନ ପଲ୍ଲୀକବି ସଚ୍ଚିଦାନନ୍ଦ ରାଉତଙ୍କ ଲେଖନୀ ଚଳଚଞ୍ଚଳ ହୋଇ ଉଠିଲା :-

"ନୁହେଁ ସେ ଖାଲି ନାରୀ
ଖାଲି ମାତା ଅବା କବି
ଜାତୀୟ ସମରେ ସେ ଯେ ସୈନିକ
ତୋଳିଛି ଭୈରବୀ।
ଆଗେ ସିଏ ଧରିଛି ଅସି
ପରେ ସିନା ଧରିଛି ଲେଖନୀ
ତେଣୁ ତା'ର ପ୍ରତିଦାନେ ଥରି ଉଠେ
ଦେଶର ଧମନୀ।"

ସେହି ଯୁଗଜନ୍ମା କୋକିଳ କଣ୍ଠିଙ୍କ ବଂଶ ଇତିହାସ, ଅତ୍ୟନ୍ତ କାରୁଣ୍ୟ ଏବଂ ରହସ୍ୟମୟ। ନା ନା ବୈଚିତ୍ର୍ୟରେ ପରିପୂର୍ଣ୍ଣ ସେ। ପୂର୍ବେ ପିପିଲି ସନ୍ନିକଟ ଦାଣ୍ଡ ମୁକୁନ୍ଦପୁର ଗ୍ରାମରେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାର ବାସ କରୁଥିଲେ। ଗୃହକର୍ତ୍ତା ଥିଲେ ବ୍ରଜବନ୍ଧୁ ସାବତ। ପରବର୍ତ୍ତୀ ସମୟରେ "ସାବୁତ", ସାବତ ରୂପେ ପରିଚିତ ହେଲା। ତାଙ୍କର ପତ୍ନୀଙ୍କର ନାମ ଥିଲା ଶୋଭା ସାବୁତ୍। ପନିପରିବା ବ୍ୟବସାୟ ଥିଲା ତାଙ୍କର ଅନ୍ୟତମ ଜୀବିକା। ସେମାନେ ଥିଲେ ନିଃସନ୍ତାନ। ତେଣୁ ପୁରୀସ୍ଥିତ କୁଣ୍ଢେଇ ବେଣ୍ଟପୁର ନିବାସୀ ବିଦ୍ୟାଧର ଦାସଙ୍କ ପୁତ୍ର 'ଶ୍ୟାମରତ୍ନ'ଙ୍କୁ ଆଣି ପୁତ୍ର ରୂପେ ପ୍ରତିପାଳନ କଲେ। ପରେ କେତେକ ପାରିବାରିକ କାରଣରୁ 'ଶୋଭା' ଆତ୍ମହତ୍ୟା କଲେ। ପରବର୍ତ୍ତୀ ସମୟରେ ପତ୍ନୀଙ୍କୁ ହରାଇ ବ୍ରଜବନ୍ଧୁ ଅତ୍ୟନ୍ତ ମ୍ରିୟମାଣ ହୋଇପଡିଲେ ଏବଂ ଅଳ୍ପଦିନ ମଧ୍ୟରେ ସେ ମଧ୍ୟ ଦେହତ୍ୟାଗ କଲେ। ଫଳରେ ଶ୍ୟାମରତ୍ନ ନିଃସହାୟ ହୋଇ ପଡିଲେ। ଏହି ସମୟରେ ଡେଭେରେଣ୍ଡକେ ମିଲନ୍ ନାମକ ଜଣେ ପାଦ୍ରୀ ତାଙ୍କୁ ନେଇ ପ୍ରତିପାଳନ କଲେ ଓ ତାଙ୍କୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ କରି ଦେଲେ। ପୂର୍ବରୁ ଖୋର୍ଦ୍ଧା ଅଞ୍ଚଳରୁ ସାଧବୀ ନାମକ ଏକ ଝିଅ ପାଦ୍ରୀଙ୍କର ଆଶ୍ରିତା ଥିଲେ। ସେ ମଧ୍ୟ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ଥିଲେ। ପାଦ୍ରୀ ଜଣକ ସେ ଦୁହିଁଙ୍କୁ ବିବାହ ସୂତ୍ରରେ ଆବଦ୍ଧ କଲେ। ସେମାନଙ୍କର ଏକ ପୁତ୍ର ସନ୍ତାନ ଯାତ ହେଲା। ସେମାନେ ତା'ର ନାମ ରଖିଲେ 'ଡ଼ାନିଏଲ୍' ପରବର୍ତ୍ତୀ ସମୟରେ ଯୁବକ ଡ଼ାନିଏଲ୍ ଡାକ୍ତରୀ ପଢିଲେ ଏବଂ ଜଣେ ଉତ୍ତମ ଡାକ୍ତର ରୂପେ ପରିଚିତ ହେଲେ। ସେ ଆଠଗଡ଼ର ସାମନ୍ତ ବଂଶୀ କନ୍ୟା ମୋନିକାଙ୍କୁ ବିବାହ କଲେ। ୧୯୦୧ ମସିହା ଫେବୃଆରୀ ମାସ ୦୮ ତାରିଖରେ



୧୩/୦୬ କନ୍ୟା ଧନୁ ଲଗ୍ନ ତାଙ୍କର ଯେଉଁ କନ୍ୟାରତ୍ନ ଭୂମିଷ୍ଠ ହେଲେ ସେ ଥିଲେ ଉତ୍କଳ ଜନନୀଙ୍କର ଗର୍ବ ଏବଂ ଗୌରବର ପ୍ରତୀକ ନାରୀ କବି ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ।

ଡ଼ାକ୍ତର ଡ଼ାନିଏଲ୍ ସାବତ ଉଚ୍ଚ ଦରମା ପ୍ରାପ୍ତ ହୋଇ ସପରିବାର ବର୍ମା ଚାଲି ଗଲେ। ସେଠାରେ କୁନ୍ତଳା କୁମାରୀ ସାବତ ପିତାଙ୍କ ଠାରୁ ଇଂରାଜୀ ଏବଂ ମାତାଙ୍କ ଠାରୁ ଓଡ଼ିଆ ଶିକ୍ଷା କଲେ। କିଛି କାଳ ଅନ୍ତେ ଡ଼ାନିଏଲ୍ ଦ୍ୱିତୀୟ ଦାରା ଗ୍ରହଣ କରିବାରୁ ମନିକା ଦେବୀ ନିଜ ସନ୍ତାନଙ୍କ ସହ ଖୋର୍ଦ୍ଧା ଚାଲିଆସିଲେ। ସେଠାରେ ସେ ପ୍ରାଥମିକ ଶିକ୍ଷା ଗ୍ରହଣ କଲେ ବାଲ୍ୟସାଥୀ ହେମ ଓ କୁମୁଦିନୀ ଆଦିଙ୍କ ଗହଣରେ। ସେ ଖ୍ରୀଷ୍ଟିଆନ୍ ହୋଇଥିବାରୁ ନାନା ଲାଞ୍ଛନା ଭୋଗିଛନ୍ତି ସତ୍ୟ ମାତ୍ର ନିଜର ସରଳ, ନିଷ୍କପଟ, ସଦାଚାର ପାଇଁ ସେ ସମସ୍ତଙ୍କ ମନକୁ କିଣି ପାରିଛନ୍ତି। ପରେ ପରେ ସେ କଟକ ଆସି ରେଭେନ୍ସା ମହିଳା ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କଲେ ଏବଂ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲେ ୧୯୧୭ ମସିହାରେ। ତତ୍‌ପରେ ସେ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟରେ ଡ଼ାକ୍ତରୀ ପଢ଼ି ସ୍ୱର୍ଣ୍ଣ ପଦକ ସହିତ ଏଲ୍.ଏସ୍.ପି. ଡିଗ୍ରୀ ହାସଲ କଲେ। ତଦନନ୍ତର ସେ ଡ଼ାକ୍ତର କୈଳାସ ଚନ୍ଦ୍ର ରାଓଙ୍କ ତତ୍ତ୍ୱାବଧାନରେ ଚିକିତ୍ସା କାର୍ଯ୍ୟ ସମ୍ପାଦନ କଲେ। କ୍ରମେ ଉଭୟଙ୍କ ମଧ୍ୟରେ ଆନ୍ତରିକତା ବଢିଲା। ପରସ୍ପର ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଇଚ୍ଛା କରି ବ୍ରାହ୍ମଧର୍ମ ଗ୍ରହଣ କଲେ। ମାତ୍ର ନାନା କାରଣରୁ ସେମାନେ ବିବାହ ବନ୍ଧନରେ ଛନ୍ଦି ହୋଇ ପାରିଲେନି। ଏହାପରେ କୁନ୍ତଳା କୁମାରୀ କେନ୍ଦ୍ରାପଡ଼ା ନିବାସୀ ବ୍ରହ୍ମଚାରୀ କୃଷ୍ଣଚନ୍ଦ୍ର ଚନ୍ଦ୍ର ଦାସଙ୍କୁ ବିବାହ କଲେ ୧୯୨୮ ମସିହାରେ। ସେ ଦୁଇ ପୁତ୍ର ଏବଂ ଦୁଇ କନ୍ୟାଙ୍କର ଜନନୀ ହୋଇଥିଲେ।

୧୯୨୧ ଖ୍ରୀ.ଅ.ରୁ ୧୯୨୮ ଖ୍ରୀ.ଅ. ପର୍ଯ୍ୟନ୍ତ କୁନ୍ତଳା କୁମାରୀ ଡ଼ାକ୍ତର କୈଳାସ ଚନ୍ଦ୍ରଙ୍କ ସହିତ ଚିକିତ୍ସା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ସେ ନିଜେ ନିଜର ବ୍ୟବସାୟ ଆରମ୍ଭ କରିଥିଲେ। ସେ ଅତ୍ୟନ୍ତ ଦୟାବତୀ, ସେବା ପରାୟଣା, ସ୍ନେହୀ, ଦାନଶୀଳା ଥିଲେ। ଜଣେ ଉତ୍ତମ ସମାଜ ସଂସ୍କାରିକା ରୂପେ ସେ ତତ୍କାଳୀନ ଜାତିପ୍ରଥା, ପରଦା ପ୍ରଥା, ବାଲ୍ୟବିବାହ ପ୍ରଥା ଆଦି ସଂସ୍କାର ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରି ସେ ସମୟରେ ଜାତିର ପିତା ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପରି ତୁଙ୍ଗ ନେତୃବୃନ୍ଦଙ୍କର ଦୃଷ୍ଟି ଆକର୍ଷଣ କରି ପାରିଥିଲେ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସେବା ମନୋବୃତ୍ତି, ସ୍ୱଦେଶ ପ୍ରୀତି ତଥା ତ୍ୟାଗପୂତ ଜୀବନ କୁନ୍ତଳା କୁମାରୀଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିଲା। ଓଡ଼ିଶାର ନାରୀ ଜାଗରଣକୁ ସେ ତ୍ୱରାନ୍ୱିତ କରିଥିଲେ, ସର୍ବଭାରତୀୟ ମୁକ୍ତି ସଂଗ୍ରାମକୁ ପ୍ରଚ୍ଛଦପଟ୍ଟରେ ଥାଇ ତା'ର ପୃଷ୍ଠପୋଷକ ସାଜିଥିଲେ। ଦିଲ୍ଲୀ ଯାଇ ୧୯୩୦ ମସିହାରେ ସର୍ବଭାରତୀୟ ଆର୍ଯ୍ୟାନ୍ ୟୁଥ୍ ଲିଗ୍‌ର ସଭାପତି ରୂପେ ନିର୍ବାଚିତ ହୋଇ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରିଥିଲେ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରି ୧୯୩୧ ମସିହା ଅଗଷ୍ଟ ମାସ ୦୨ ତାରିଖରେ ବାଲେଶ୍ୱର ଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ଏଥିପୂର୍ବରୁ ସେ ୧୯୨୫ ମସିହାରେ ରେଡ଼କ୍ରସ ସୋସାଇଟ୍‌ରେ ମହିଳା ସ୍ୱାସ୍ଥ୍ୟ ନିର୍ଦ୍ଦେଶିକା ରୂପେ ଅବତୀର୍ଣ୍ଣ ହୋଇ ନିଜର କର୍ତ୍ତବ୍ୟ ନିଷ୍ଠା ଏବଂ କାର୍ଯ୍ୟ ଦକ୍ଷତା ସହିତ ପ୍ରତିପାଦନ କରିଥିଲେ।

କୁନ୍ତଳା କୁମାରୀ ବହୁମୁଖୀ ପ୍ରତିଭାର ଅଧିକାରିଣୀ ଥିଲେ। ସେ ଏକାଧାରରେ ଥିଲେ ଜଣେ ସ୍ୱର୍ଣ୍ଣପଦକ ଧାରୀ ବିଜ୍ଞ ଡାକ୍ତର, ଅନନ୍ୟ ସମାଜ ସଂସ୍କାରକ, ପ୍ରାଜ୍ଞ ଲେଖକ ଓ କବି, ବିଜ୍ଞ ପ୍ରକାଶକ ଏବଂ ଉତ୍ସର୍ଗୀକୃତ ସେବା ମନୋବୃତ୍ତି ସମ୍ପନ୍ନ ସାମାଜିକ କର୍ମୀ। ତାଙ୍କର ସାରସ୍ୱତ ସର୍ଜନା ଗୁଡ଼ିକ ଥିଲା ମୁଖ୍ୟତଃ ଦେଶାତ୍ମବୋଧକ, ନୈସର୍ଗିକ, ସୁଷମା ବର୍ଣ୍ଣିତ, ସହଜ, ସରଳ, ମନୋଜ୍ଞ, ମଞ୍ଜୁଳ, ଚିତ୍ତାକର୍ଷକ ଏବଂ ଭାବ ଉଦ୍ଦୀପକ, ପ୍ରଜ୍ଞାଦୀପ୍ତ ତେମନ୍ତ ସୃଷ୍ଟିମାନଙ୍କ ମଧ୍ୟରେ ପରଶମଣି, ରଘୁ ଅରକ୍ଷିତ, ଭ୍ରାନ୍ତୀ, ଅଞ୍ଜଳୀ, ନଅତୁଣ୍ଡି ଆଦି ଅନ୍ୟତମ। ସେହିପରି କାଳଜୟୀ କବିତାମାନଙ୍କ ମଧ୍ୟରେ ଶେଫାଳୀ ପ୍ରତି, କମଳ ପ୍ରତି, ତାରା ପ୍ରତି, ପୂଜା ଆଦି ଆଜି ବି ସର୍ବ ଜନାଦୃତ। କବିତା, ଗଳ୍ପ ଆଦି ମାଧ୍ୟମରେ ସମାଜ ସଂସ୍କାରକୁ ସଂସ୍କାର ଦୂରୀକରଣ, ଦେଶ ପ୍ରୀତି ବର୍ଦ୍ଧନ, ନାରୀ ଜାଗରଣ, ପ୍ରକୃତି ପ୍ରେମ ବର୍ଦ୍ଧନ ଆଦି ସାହିତ୍ୟର ମୌଳିକ ଲକ୍ଷ୍ୟ ପ୍ରାପ୍ତି ନିମିତ୍ତ ସେ ଦୁର୍ବାର ପ୍ରଚେଷ୍ଟା ଜାରୀ ରଖିଥିଲେ। ତାଙ୍କର ଏତାଦୃଶ ସାରସ୍ୱତ ସୃଷ୍ଟି ଓ ପ୍ରୀତି ଅନ୍ୟତ୍ର ବିରଳ। ସେ ସମସ୍ତ ଉତ୍କଳ ବାଣୀ ଭଣ୍ଡାରର ଏକ ଏକ ଅମୂଲ୍ୟ ରତ୍ନ। ଏହି ଅମୂଲ୍ୟ ସାରସ୍ୱତ ସୃଷ୍ଟି ମାନଙ୍କ ମଧ୍ୟରୁ କଟକ ଜିଲ୍ଲାର ମାହାଙ୍ଗା ଥାନା ଅର୍ନ୍ତଗତ ମୂଳବସନ୍ତ ଗ୍ରାମ ନିବାସୀ ବିଚକ୍ଷଣ ବାଗ୍ମୀ, ପ୍ରଚଣ୍ଡ ପ୍ରତିଭାର ଅଧିକାରୀ, ବ୍ରାହ୍ମ ଧର୍ମର ପୃଷ୍ଠପୋଷକ ସ୍ୱର୍ଗତ ବିଶ୍ୱନାଥ କରଙ୍କ ସର୍ବଜନାଦୃତ ମୁଖପତ୍ର 'ଉତ୍କଳ ଦୀପିକା'ରେ ପ୍ରକାଶିତ ହେବାର ଗୌରବ ଅର୍ଜନ କରିଥିଲା।

କୁନ୍ତଳା କୁମାରୀଙ୍କ ଏତାଦୃଶ ସାରସ୍ୱତ କୃତୀ ଓ ସାଧନାକୁ ସମ୍ମାନ ଜଣାଇ ତାଙ୍କୁ ୧୯୨୫ ମସିହାରେ ମହିଳା ବନ୍ଧୁ ସମିତି ତରଫରୁ 'ଉତ୍କଳ ଭାରତୀ' ଉପାଧିରେ ଭୂଷିତ କରିଥିଲେ। ସେହି ସମୟ ଠାରୁ ସେ 'ଉତ୍କଳ ଭାରତୀ' କୁନ୍ତଳା କୁମାରୀ ରୂପେ ସର୍ବଜନାଦୃତ ସର୍ବଜନବିଦିତ ହେଲେ। ଜଣେ ସଫଳ ଚିକିତ୍ସକ, ସାମାଜିକ କର୍ମୀ ତଥା ସାରସ୍ୱତ ସାଧିକାର କର୍ମ ନିର୍ବାହ କରୁ କରୁ ମାତ୍ର ୩୮ ବର୍ଷ ବୟସରେ ୧୯୩୮ ମସିହା ଅଗଷ୍ଟ ମାସ ୦୭ ତାରିଖରେ ଇହଲୀଳା ସାଙ୍ଗ କଲେ। ଉତ୍କଳ ଭାଗ୍ୟାକାଶରୁ ଏକ ଜାଜ୍ୱଲ୍ୟ ଜ୍ୟୋତିଷ୍କ ଅକାଳରେ ଝଡ଼ି ପଡ଼ିଲା। 'ଉତ୍କଳ ଦିବସ' ପାଳନ ଅବକାଶରେ ଏବେ ବି ତାଙ୍କର ଅଗ୍ନି ବର୍ଷିବାଣୀ ନିସ୍ତେଜ ପ୍ରାଣରେ ଉନ୍ମାଦନା ସୃଷ୍ଟି କରେ :-

"ବନ୍ଦେ ମାତା ଚରଣେ
ଉଠ ହେ ଭଗିନୀ ଭାଇ
ଉଠ ନବ ପରାଣେ
ଆସିଛି ଆହ୍ୱାନ ଆଜି
କିମ୍ପା ଅଛ କାନ ବୁଜି
ବିଳାସେ ସରବେ ମଜ୍ଜି
କିମ୍ପା ରୁହ ଶୟନେ ?"



ଗୋଷାଣି, (ଭାସ୍କର ନ୍ୟୁଜ୍): ଗୋଷାଣି ବ୍ଲକ ଉପଲଡା ପଞ୍ଚାୟତ ଉପଲଡାରେ ଥିବା ସରକାରୀ ବିଦ୍ୟାଳୟ ପରିସରରେ ସିୟୁଟିଏମର ଏମ୍‌ଏସ୍ ସ୍ୱାମୀନାଥନ୍ ସ୍କୁଲ ଅଫ୍ ଏଗ୍ରିକଲ୍‌ଚର ଛାତ୍ରୀଙ୍କ ଦ୍ୱାରା ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ବନବିଭାଗ ଅଧିକାରୀ କେ ନାଗରାଜୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରି ଉପସ୍ଥିତ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟତ୍ରୀଙ୍କୁ ଏହାର ଉପକାରିତା ସମ୍ପର୍କରେ ସଚେତନତା କରାଇଥିଲେ। ଏହା ସହ ୭୬ ତମ ବନ ମହୋତ୍ସବ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରଧାନ ଶିକ୍ଷକ ବୃନ୍ଦାବନ ରାଓ ବୃକ୍ଷର ଉପକାରିତା ସମ୍ପର୍କରେ କହିଥିଲେ। ଅବସରରେ ସ୍କୁଲ ଅଫ୍ ଏଗ୍ରିକଲ୍‌ଚରର ଗାଇଡ୍ ଉପାସନା ସାହୁ ପ୍ରମୁଖଙ୍କ ସମେତ ଉପଲଡା ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଶେଷରେ ସୋମ୍ୟା ସୁମନିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନୀ ଛାତ୍ରୀ ସୋମ୍ୟା ସୁମନିକା ସାହୁ, ଜେଲି ଜାସପର, ମଧୁସ୍ମିତା ପାଣି, ଆୟୁଷି ଗୋସ୍ୱାମୀ ପରିଚାଳନା କରି 'ଗଛ ଲଗାଅ, ଜୀବନ ବଞ୍ଚାଅ' ସ୍ଲୋଗା ସ୍ଲୋଗାନ ସହ ସଚେତନତା ବାର୍ତ୍ତା ଦେଇଥିଲେ। ସିୟୁଟିଏମ୍‌ର ଚତୁର୍ଥ ବର୍ଷର କୃଷି ବିଜ୍ଞାନୀ ଛାତ୍ରୀଙ୍କ ଏଭଳି ଉଦ୍ୟମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



# ଭିଜିଲାନ୍ସ ଜାଲରେ ଭୂ-ବନ୍ଦୋବସ୍ତ କାର୍ଯ୍ୟାଳୟ କନିଷ୍ଠ ରାଜସ୍ୱ ସହାୟକ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ବୁଧବାର ଦିନ ୧ ଘଟିକା ସମୟରେ କେନ୍ଦୁଝର ଭୂ-ବନ୍ଦୋବସ୍ତ ବା ସେଟେଲମେଣ୍ଟ କାର୍ଯ୍ୟାଳୟରେ ସହକାରୀ ରେକର୍ଡ ରକ୍ଷକ ହାଡିବନ୍ଧୁ ବେହେରାଙ୍କୁ ଓଡିଶା ଭିଜିଲାନ୍ସ ଗିରଫ କରିଛି ଯେତେବେଳେ ସେ ଅଭିଯୋଗକାରୀଙ୍କ ଠାରୁ ୩,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିଲେ। ଘଟଣାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅନ୍ତର୍ଗତ ଚିନାମଳି ପଶି ଗ୍ରାମର ସୁଶୀଲ ମହାନ୍ତ ତାଙ୍କ ପୈତୃକ ଜାଗାକୁ ତାଙ୍କ ବଡଭାଇଙ୍କ ପୁଅ ଏକନାମୀ ପଟ୍ଟା କରିବା ପରେ ସୁଶୀଲଙ୍କର କୌଣସି ସତ୍ତ୍ୱ ନ ରହିବାରୁ ସେ ତାଙ୍କର ବିବାଦୀୟ ପୈତୃକ ଜମି ସମ୍ବନ୍ଧରେ ପ୍ରମାଣିତ କପି ପ୍ରଦାନ କରିବା ପାଇଁ ଜୁଲାଇ ୪ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଭୁବନ୍ଦୋବସ୍ତ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ସୁଶୀଲ ମହାନ୍ତ ଜଣେ ଗରିବ ଚାଷୀ ହୋଇଥିବା ବେଳେ ସେ ଆଇନଜୀବୀ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ମାଧ୍ୟମରେ ଆବେଦନ କରିଥିଲେ। ଅଭିଯୁକ୍ତ ହାଡିବନ୍ଧୁ ବେହେରାଙ୍କୁ ଉପରୋକ୍ତ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ଅନୁରୋଧ କରୁଥିଲେ। କିନ୍ତୁ, ବେହେରା ଅଭିଯୋଗକାରୀଙ୍କ ଠାରୁ କାଗଜପତ୍ର ଯୋଗାଇବା ପାଇଁ ପ୍ରଥମେ ୩ହଜାର ୪ଶହ ଓ ପରେ ୩ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଦାବି କରାଯାଇଥିବା ଲାଞ୍ଚ ନଦେଲେ କପି ଦେବାକୁ ମନା କରିଦେଇ ଥିଲେ। ଅନ୍ୟ କୌଣସି ବିକଳ୍ପ ନ ପାଇ, ଅଭିଯୋଗକାରୀ ତାଙ୍କୁ ହଇରାଣ କରିଥିବା ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହା ପରେ, ଭିଜିଲାନ୍ସ ଅଧିକାରୀମାନେ ବୁଧବାର ଅଭିଯୁକ୍ତ ବେହେରାଙ୍କୁ ତାଙ୍କ କାର୍ଯ୍ୟାଳୟରେ ଅଭିଯୋଗକାରୀଙ୍କ ଠାରୁ ୩ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଗିରଫ କରିଥିଲେ। ଅଭିଯୁକ୍ତ ବେହେରାଙ୍କ କବଜାରୁ ସମ୍ପୂର୍ଣ୍ଣ ଲାଞ୍ଚ ରାଶି ଉଦ୍ଧାର କରାଯାଇ ଜବତ କରାଯାଇଛି ବୋଲି ଭିଜିଲାନ୍ସ ଡିଏସପି ପ୍ରକାଶ କରିଛନ୍ତି। ବେହେରାଙ୍କ ସହିତ ଜଡିତ ଦୁଇଟି ସ୍ଥାନରେ ଏକକାଳୀନ ତଲାସି ଚାଲିଛି। ଏ ସମ୍ପର୍କରେ, ବାଲେଶ୍ୱର ଭିଜିଲାନ୍ସ ମାମଲା ନଂ.୦୮/୨୦୨୫, ୭ପିସି (ସଂଶୋଧନ) ଆଇନ, ୨୦୧୮ ଅନୁଯାୟୀ ଅଭିଯୁକ୍ତ ବେହେରା, ବିରୁଦ୍ଧରେ ରୁଜୁ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ବାପ-ପୁଅ ଓ ମା'ଙ୍କୁ ଆକ୍ରମଣ ନେଇ ଅଭିଯୋଗ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଚଅଁରପଦା ପଞ୍ଚାୟତରେ ଜଣେ ଦଳିତ ଯୁବକ ଆକ୍ରମଣରେ ବାପ-ପୁଅ ଗୁରୁତର ଆହତ ହୋଇ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଛତାହର ଗ୍ରାମର ହାପି ରଞ୍ଜନ ସ୍ୱାଇଁଙ୍କ ଠାରୁ ଧମନ୍ତିରା ଗ୍ରାମର ଜଣେ ଦଳିତ ଯୁବକ ଏକ ପାଣି ମୋଟର ବିଲରେ ପାଣି ମଡ଼ାଇବା ପାଇଁ ନେଇଥିଲେ। ମାସମାସ ଧରି ପାଣି ମୋଟର ନ ଫେରାଇବାରୁ ହାପି ରଞ୍ଜନ ଏହାର ପ୍ରତିବାଦ କରିଥିଲେ। ଦଳିତ ଯୁବକ ଜଣକ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ପାଖରେ ପଡ଼ିଥିବା ଘର ସେଟ୍ରିଂଙ୍ଗ ପଟାରେ ହାପି ରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ହାପି ରଞ୍ଜନ ତଳେ ପଡ଼ି ରକ୍ତ ଜୁଡୁବୁଡୁ ହୋଇ ଚିତ୍କାର କରୁଥିବା ବେଳେ ତାଙ୍କର ବାପା ବସନ୍ତ ସ୍ୱାଇଁ, ମାଆ ଲିଲି ଲତା ସ୍ୱାଇଁ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକ ତାଙ୍କୁ ମଧ ମାଡ଼ ମାରିଥିଲା। ବାପ, ପୁଅ ଓ ମାଆ ଗୁରୁତର ଆହତ ହୋଇ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ ହାପି ରଞ୍ଜନ ଓ ତାଙ୍କ ବାପାଙ୍କ ଅବସ୍ଥା ଗୁରୁତର ରହିଛି। ଏ ସମ୍ପର୍କରେ ହାପି ରଞ୍ଜନଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ମୋଟର ନ ଫେରାଇବା ବାହାନା କରି ସମ୍ପୃକ୍ତ ଯୁବକ ଏପରି ଆକ୍ରମଣ କରିଥିବା ସ୍ଥାନୀୟ ଲୋକଙ୍କ ଠାରୁ ଶୁଣିବାକୁ ମିଳିଛି।

# ପୃଥକ ସ୍ଥାନରେ ପୋଖରୀରେ ବୁଡ଼ି ୨ ମୃତ




ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ପୀରହାଟ ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ତଳଦୁମୁକା ଗ୍ରାମର ଧନେଶ୍ୱର ଖିଲାର (୩୯) ନାମକ ଜଣେ ଦିବ୍ୟାଙ୍ଗ ଓ ହରସିଂହପୁର ପଞ୍ଚାୟତ ତଳସାହି ଗ୍ରାମର ରବିନ୍ଦ୍ର ଦାସ (୫୮) ନାମକ ଜଣେ ବୃଦ୍ଧ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଥିବା ଜଣାଯାଇଛି। ପ୍ରକାଶ ଯେ ତଳଦୁମୁକା ଗ୍ରାମର ଦିବ୍ୟାଙ୍ଗ ଧନେଶ୍ୱର ଖିଲାର ମଙ୍ଗଳବାର ଅପରାହ୍ଣରେ ବିଲରୁ ଫେରି ଗ୍ରାମରେ ଥିବା ଏକ ଦଳଭର୍ତ୍ତି ପୋଖରୀରେ ଧୁଆଧୋଇ ହେଉଥିବା ସମୟରେ କୌଣସି କାରଣରୁ ତାଙ୍କର ଗୋଡ଼ ଖସି ଯାଇଥିଲା। ଫଳରେ ସେ ପୋଖରୀରେ ପଡ଼ି ଯାଇଥିଲେ। ଖୋଜାଖୋଜି କରିବା ପରେ ପୋଖରୀ କୂଳରେ ତାଙ୍କ ଗାମୁଛାଟି ପଡ଼ିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପରେ ପୋଖରୀରେ ଖୋଜାଖୋଜି କରିବା ସହିତ ଦମକଳ ବାହିନୀକୁ ଖବର ଦିଆଯାଇଥିଲା। ବୁଧବାର ସକାଳେ ଗ୍ରାମବାସୀ ଏବଂ ଦମକଳ ବାହିନୀ ପୋଖରୀରୁ ଧନେଶ୍ୱରଙ୍କ ମୃତ ଦେହକୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇ ପଠାଇଥିବା ଜଣାଯାଇଛି। ସେହିପରି ହରସିହପୁର ତଳସାହି ଗ୍ରାମର ରବିନ୍ଦ୍ର ଦାସ ନାମକ ଜଣେ ବୃଦ୍ଧ ବିଲରୁ କାମ କରି ବୁଧବାର ମଧ୍ୟାହ୍ନ ସମୟରେ ଫେରି ଗ୍ରାମରେ ଥିବା ଯତି ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଗୋଡ଼ ଖସି ଯିବାରୁ ସେ ପୋଖରୀରେ ପଡ଼ି ଯାଇଥିଲେ। ଗ୍ରାମବାସୀ ଖୋଜା ଖୋଜି କରି ପୋଖରୀରୁ ରବିନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପାଠାଇଥିବା ଜଣାଯାଇଛି।

# ଜିନ୍ଦଲ ଫାଉଣ୍ଡେସନର 'ଯଶସ୍ୱୀ' କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆରମ୍ଭ



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ସାମାଜିକ-ଅର୍ଥନୈତିକ ଦୁର୍ବଳ ବର୍ଗର ବାଳିକା ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ଯଶସ୍ୱୀ' କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ଆରମ୍ଭ ହୋଇଛି। ଏହି ସଂସ୍କରଣରେ ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ୫୦୦୦ ମହିଳା ଓ ବାଳିକାଙ୍କୁ ସହାୟତା ଯୋଗାଇ ଦେବାକୁ ଫାଉଣ୍ଡେସନ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ମାଧ୍ୟମରେ ମନୋନୀତ ପ୍ରାର୍ଥୀଙ୍କୁ ସେମାନେ ଚୟନ କରିଥିବା ଶିକ୍ଷାନୁଷ୍ଠାନରେ ଧନ୍ଦାମୂଳକ ଶିକ୍ଷା, ଉଚ୍ଚଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶାଲୁ ଜିନ୍ଦଲ କହିଛନ୍ତି, "ଆମେ ବିଶ୍ୱାସ କରୁ ଯେ, ସଶକ୍ତ ମହିଳା ହିଁ ଏକ ବିକଶିତ ସମାଜର ମେରୁଦଣ୍ଡ । ଯେଉଁ ଯୁବତୀମାନେ ସମାଜରେ କିଛି ପରିବର୍ତ୍ତନ ଆଣିବାର ଦକ୍ଷତା ରଖିଛନ୍ତି ଆମେ 'ଯଶସ୍ୱୀ' କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କ ଉତ୍ତମ ଭବିଷ୍ୟତ ପାଇଁ କାର୍ଯ୍ୟ କରୁଛୁ। ଏହି କାର୍ଯ୍ୟକ୍ରମ ଅଭିଯାନ ଅଧୀନରେ ଶିକ୍ଷା ଓ ଦକ୍ଷତା ତାଲିମ ଦ୍ୱାରା ୧୧ହଜାରରୁ ଅଧିକ ମହିଳା ଓ ବାଳିକାଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆସିଥିବାରୁ ଆମେ ବହୁତ ଖୁସି।' ଏହି କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡର ଯେଉଁ ପ୍ରତିଭାବାନ ବାଳିକା ବା ମହିଳାଙ୍କ ବୟସ ୧୬-୩୦ରୁ ହୋଇଥିବ ଏବଂ ସେମାନଙ୍କ ପାରିବାରିକ ବାର୍ଷିକ ଆୟ ୨ଲକ୍ଷରୁ କମ ହୋଇଥିବ, ସେମାନଙ୍କୁ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯିବ। ଏହି ଆର୍ଥିକ ସହାୟତାରୁ ସେମାନଙ୍କ କୋର୍ସ ଫି ଖର୍ଚ୍ଚ ଭରଣା ହେବା ସହିତ ସେମାନଙ୍କ ଜୀବନର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଲକ୍ଷ୍ୟ ପୂରଣ ହୋଇପାରିବ। ମେଧା ଓ ଆର୍ଥିକ ପରିସ୍ଥିତି ଆଧାରରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ପ୍ରାର୍ଥୀଙ୍କୁ ଚୟନ କରାଯିବ। ଏହା ସହିତ ଶିକ୍ଷାନୁଷ୍ଠାନ ବା ଦକ୍ଷତା ବିକାଶ କେନ୍ଦ୍ରରେ ନାମଲେଖାର ପ୍ରମାଣପତ୍ର ମଧ୍ୟ ଜରୁରୀ। ଆଗ୍ରହୀ ପ୍ରାର୍ଥୀ ଅଗଷ୍ଟ ୧୬ ତାରିଖ ସୁଦ୍ଧା ଆବଶ୍ୟକୀୟ ପ୍ରମାଣପତ୍ର ସହ ଆବେଦନ କରିପାରିବେ। ୱେବସାଇଟhttps://jindal foundation. com/Yashasviରୁ ସମସ୍ତ ତଥ୍ୟ ମିଳିପାରିବ। ୨୦୨୨ରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଆରମ୍ଭ ହୋଇଥିବା "ଯଶସ୍ୱୀ" କାର୍ଯ୍ୟକ୍ରମ ଦ୍ୱାରା ଆର୍ଥିକ ଅନଗ୍ରସର ବାଳିକା ଓ ମହିଳାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ବିଗତ ୩ ବର୍ଷ ମଧ୍ୟରେ "ଯଶସ୍ୱୀ" ୧୧ ହଜାରରୁ ଅଧିକ ମହିଳା ଓ ବାଳିକାଙ୍କୁ ଶିକ୍ଷା ଓ ଦକ୍ଷତା ବିକାଶ ପାଇଁ ସହାୟତା କରିଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୮ହଜାର ମହିଳା ଓ ବାଳିକା ବିଭିନ୍ନ କର୍ମସଂସ୍ଥାନରେ ନିଯୁକ୍ତି ସହ, ନିଜେ ଉଦ୍ୟୋଗପତି ମଧ୍ୟ ହେବା; ଆତ୍ମ ନିର୍ଭରଶୀଳତା ଓ ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ଏହି କାର୍ଯ୍ୟକ୍ରମର ପ୍ରଭାବକୁ ପ୍ରମାଣିତ କରୁଛି। ସେମାନଙ୍କ ମଧ୍ୟରୁ ପ୍ରାୟ ୮ହଜାର ମହିଳା ଓ ବାଳିକାଅମନେ ଏବେ ନିଯୁକ୍ତି, ଉଦ୍ୟୋଗ କିମ୍ବା ଆତ୍ମନିଯୁକ୍ତି ମାଧ୍ୟମରେ ସେମାନଙ୍କର ଜୀବିକା ଅର୍ଜନ କରୁଛନ୍ତି-ଯାହା ଆତ୍ମନିର୍ଭରଶୀଳତା ଏବଂ ଆର୍ଥିକ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାରେ ଏହି କାର୍ଯ୍ୟକ୍ରମର ପ୍ରଭାବକୁ ପ୍ରଦର୍ଶନ କରୁଛି।

# ନିମାପଡ଼ା ପାଲଟିଛି ଜୁଆଡ଼ିଙ୍କ ଭୂସ୍ୱର୍ଗ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ପାଲଟିଛି ଜୁଆଡ଼ିଙ୍କ ଭୂସ୍ୱର୍ଗ। ଜୁଆଡ଼ିମାନେ ବିଭିନ୍ନ ସ୍ଥାନରେ ଜୁଆ ଖେଳୁଥିବା ବେଳେ ସେଠାରେ ଧଳା ଜହର ବ୍ୟବସାୟ ମାତ୍ରା ମଧ ବଢ଼ିଚାଲିଛି। ଗଛ ଉପରେ ମଞ୍ଚାବାନ୍ଧି ଜୁଆଖେଳ ଚାଲିଛି। ନିମାପଡ଼ା, ଖେଲାର, ଚାରିଛକ ଆଦି ଅଞ୍ଚଳରେ ପ୍ରତ୍ୟେକ ଦିନ ଓ ରାତିରେ ଜୁଆଖେଳ ଚାଲିଛି। ଏହି ଜୁଆଡ଼ିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସ ନିକଟରେ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ାରେ ଚାଲିଛି ଜୁଆଖେଳ। କୁଶଭଦ୍ରା ନଦୀ ପଠାରେ ଥିବା ଗଛରେ ମଞ୍ଚାବାନ୍ଧି ଜୁଆଡ଼ିମାନେ ଜୁଆ ଖେଳୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଫସଲ ଜଗିବା ନାମରେ କୁଡ଼ିଆ କରି ସେଠାରେ ଜୁଆ ପାଲି ପକାଉଛନ୍ତି। ଗତ କିଛିଦିନ ତଳେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଜୁଆ ନ ଖେଳିବା ପାଇଁ ଥାନାଧିକାରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ ମଧ ଜୁଆଡ଼ିମାନେ ନିର୍ଦ୍ଦେଶକୁ ବେଖାତିର କରି ଜୁଆ ଖେଳରେ ମାତି ଯାଇଛନ୍ତି। ପ୍ରତ୍ୟେକ ଦିନ ଜୁଆଡ଼ିମାନେ ଲକ୍ଷ ଲକ୍ଷ ଟଙ୍କା ବାଜି ଲଗାଇ ଜୁଆ ଖେଳୁଛନ୍ତି। ଅନେକ ଯୁବପିଢ଼ି ମଧ ଏହି ଖେଳରେ ସାମିଲ ହୋଇଥିବାରୁ ସେମାନଙ୍କର ଭବିଷ୍ୟତ ଅନ୍ଧାରକୁ ଗତି କରୁଛି। ଜୁଆ ଖେଳ ଚାଲିଥିବା ବେଳେ ସେଠାରେ ଧଳା ଜହର ବ୍ୟବସାୟ ମଧ ମାଡ଼ି ଚାଲିଛି। ଏହି ଘଟଣା ପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଜୁଆଡ଼ିମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଛି।

## ବଜ୍ରପାତ ଶବ୍ଦରେ ଯୁବତୀଙ୍କ ହୃଦ୍‌ଘାତରେ ମୃତ୍ୟୁ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଏନଏସି ଅନ୍ତର୍ଗତ ୱାର୍ଡ଼ ନଂ.୧୨ ନୂଆସାହି ସ୍ଥିତ ନିଳାମ୍ବର ନାଏକଙ୍କ ଝିଅ ଇରାବତୀ ନାଏକ (୩୮) ନିକଟସ୍ଥ ଧାନ ବିଲରେ ସହକର୍ମୀମାନଙ୍କ ସହ ଘାସ କାଟୁଥିଲେ। ଅପରାହ୍ନ ପ୍ରାୟ ୧ଟା ସମୟରେ ଅଳ୍ପଦୂରରେ ବଜ୍ରପାତ ହୋଇଥିଲା। ବଜ୍ରପାତର ପ୍ରଚଣ୍ଡ ଶବ୍ଦଶୁଣି ସେ ଛାନିଆ ହୋଇ ଦୌଡ଼ିବା ଉଦ୍ୟମ କରିଥିଲେ ଏବଂ ଚେତାଶୂନ୍ୟ ହୋଇ ତଳେ ପଡିଗଲେ। ସହକର୍ମୀ ଓ ସାହି ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ତାଙ୍କୁ ହୃଦଘାତ ଜନିତ ମୃତ୍ୟୁ ହୋଇଥିବା ଘୋଷଣା କରିଥିଲେ।

# ସତ୍ୟବାଦୀ ମିଶନ ଶକ୍ତି କାଫେର ଭବିଷ୍ୟତ ଅନ୍ଧାର




ସତ୍ୟବାଦୀ, (ଭାସ୍କର ନ୍ୟୁଜ) :- ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଟ୍ଟନାଇକିଆ ଛକ ଠାରେ ଖୋଲିଥିବା ମିଶନ ଶକ୍ତି କାଫେ ରେ ଝୁଲୁଚି ତାଲା। ପୂର୍ବ ସରକାର ସମୟରେ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଖୋଲାଯାଇ ଥିଲା ମିଶନ ଶକ୍ତି କାଫେ। ଏହି କାଫେ ଦ୍ୱାରା ଜନତା ଘରୋଇ ଓ ସ୍ୱଚ୍ଛତା ସହିତ ମାଆ ମାନଙ୍କ ହାତ ତିଆରି ବିଭିନ୍ନ ପାରମ୍ପରିକ ଖାଦ୍ୟ ପର୍ଯ୍ୟଟକଙ୍କୁ ସତ୍ୟବାଦୀ ପ୍ରତି ଆକୃଷ୍ଟ କରପାରୁଥିବା ବେଳେ ସତ୍ୟବାଦୀର ପରିଚୟ ସୃଷ୍ଟି ମଧ ହୋଇପାରୁଥିଲା , ଏଠାରେ କାମ କରୁଥିବା ଅନେକ ମହିଳାଙ୍କୁ ମଧ ମିଳୁଥିଲା ବଞ୍ଚିବାର ରାହା। ୨ପଇସା ରୋଜଗାର କରି ମହିଳା ହେଇପାରୁଥିଲେ ସ୍ୱାବଲମ୍ବୀ। କିନ୍ତୁ ବର୍ତ୍ତମାନର ସରକାର ରେ 'ଲକ୍ଷପତି ଦିଦି' ନାମରେ ଯୋଜନାର ଡିଣ୍ଡିମ ପିଟୁଥିବା ବେଳେ ବର୍ତ୍ତମାନ ପ୍ରାୟ ଏକ ବର୍ଷ ହେବ ବନ୍ଦ ହୋଇ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଏହା କଣ ସରକାରଙ୍କ ଡବଲ ଇଞ୍ଜିନର ଫାଇଦା, ନା ଏହା ହେଉଛି ସରକାରଙ୍କ ନାରୀ ସଶକ୍ତିକରଣର ବଳିଷ୍ଠ ନିଦର୍ଶନ? ତେବେ ଏ ନେଇ ସତ୍ୟବାଦୀ ବିଡ଼ିଓଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇ ଥିଲେ ମଧ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଦୁର୍ଘଟଣାରେ ଜଣେ ଗୁରୁତର

ଆଳି, (ଭାସ୍କର ନ୍ୟୁଜ୍):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଆଳି -ଚାନ୍ଦବାଲି ମୁଖ୍ୟରାସ୍ତାର ଆଠକୋଣିଆ ଛକ ନିକଟରେ ଏକ ବସ ଜଣେ ବ୍ୟକ୍ତିଙ୍କ ଗୋଡ଼ ଉପରେ ଚଢ଼ିଯିବା ଫଳରେ ସେ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ସୂତ୍ରରୁ ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ବ୍ଲକ ମୂଳବସନ୍ତ ଅଧୀନ ନଶିପୁର ଅଞ୍ଚଳର ସହଦେବ ବେହେରା (୪୯) ତାଙ୍କ ସ୍ତ୍ରୀ ପ୍ରମିଳାଙ୍କ ସହ ଆଳିରୁ ନିଜ ଗାଁ ମୂଳବସନ୍ତ ନଶିପୁରକୁ ଫେରିବା ପାଇଁ ବସକୁ ଅପେକ୍ଷା କରିଥିଲେ। ପତ୍ନୀ ପ୍ରମିଳା ବସ ଭିତରକୁ ଚଢି ସାରିବା ପରେ ସହଦେବ ବସ ମଧକୁ ଯିବା ସମୟରେ ବସଟି ଆଗକୁ ଚାଲିଯିବା ଫଳରେ ସେ ତଳେ ପଡ଼ି ଯାଇଥିଲେ। ଫଳରେ ତାଙ୍କ ବାମ ଗୋଡ଼ରେ ବସଟି ଚଢିଯାଇଥିଲା। ଫଳରେ ତାଙ୍କ ବାମ ଗୋଡ଼ର ପାଦଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ତାଙ୍କୁ ପ୍ରଥମେ ଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇ ଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଅଞ୍ଚଳର ସମସ୍ୟା ନେଇ ଜିଲ୍ଲାପାଳଙ୍କ ସହିତ ଆଲୋଚନା କଲା ପ୍ରେସକ୍ଲବ



ଯାଜପୁର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରେସ କ୍ଲବ ଯାଜପୁରର ସଦସ୍ୟମାନେ ବୁଧବାର ସନ୍ଧ୍ୟାରେ ନୂତନ ଜିଲ୍ଲାପାଳ ଅମ୍ବର କୁମାରକର ଙ୍କ ସହିତ ଆଲୋଚନା କରିଛନ୍ତି। ବିଶେଷକରି ଗମନାଗମନ, ଟ୍ରାଫିକ ସମସ୍ୟା, ସଦର ମହକୁମା ହସ୍ପିଟାଲ ସମେତ ଜିଲ୍ଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଠାରୁ ଆରମ୍ଭ କେତେକ ପ୍ରମୁଖ ସମସ୍ୟା, ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକ ସମ୍ପୂର୍ଣ୍ଣ, ପାଣିକୋଇଲି ଟ୍ରମା କେୟାରକୁ କାର୍ଯ୍ୟକାରୀ କରାଯିବା, କଳିଙ୍ଗ ନଗର ସ୍ଥିତ ମାନପୁର ଦିତୀୟ ସେତୁ ନିର୍ମାଣ ଶୀଘ୍ର ସାରିବା ସଙ୍ଗେସଙ୍ଗେ ପୁରୁଣା ସେତୁରେ ଯାତାୟତକୁ ସୁଗମ କରିବା, ଶିକ୍ଷାନୁଷ୍ଠାନ ଗୁଡିକରେ ଶିକ୍ଷକ ସମସ୍ୟା ଦୂର କରିବା, ପ୍ରମୁଖ ପର୍ଯ୍ୟଟନସ୍ଥଳୀ କୁସୁମା କରିଡର ସମେତ ସହରର ବିଭିନ୍ନ ରାସ୍ତାରେ ଅନ୍ଧକାରକୁ ଦୂର ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଆଲୋକୀକରଣ ବ୍ୟବସ୍ଥା କରିବା ପ୍ରଭୃତି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ କରଙ୍କ ସହିତ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ପ୍ରେସ କ୍ଲବର ସଭାପତି ରାଜୀବ ମହାନ୍ତି ଜିଲ୍ଲାପାଳଙ୍କୁ କ୍ଲବ ପକ୍ଷରୁ ସ୍ୱାଗତ କରିବା ସହିତ ଦୀର୍ଘ ୩୩ ବର୍ଷ ପୂର୍ବେ ଏହି ପଞ୍ଜୀକୃତ କ୍ଲବଟି ପ୍ରତିଷ୍ଠା ହୋଇଥିବା ନେଇ ସୂଚନା ରଖିବା ସହିତ ଜନସାଧାରଣଙ୍କ ବିଭିନ୍ନ ଦାବି ଓ ସମସ୍ୟାକୁ ପ୍ରଶାସନ ସହିତ ସେତୁବନ୍ଧ ପରି ସମନ୍ୱୟ ରକ୍ଷା କରିବ ବୋଲି ପ୍ରେସକ୍ଲବର ପ୍ରତିଷ୍ଠାତା ସଭ୍ୟ ଆନନ୍ଦ ଚନ୍ଦ୍ର ସାହୁ, ଅକ୍ଷୟ କୁମାର ମହାନ୍ତି ଓ କୈଳାଶ ଚନ୍ଦ୍ର ନାୟକ କହିଥିଲେ। ବରିଷ୍ଠ ସଭ୍ୟ ସମରଜିତ ମହାନ୍ତି, ତପନ କୁମାର ମହାନ୍ତି, ପରମେଶ୍ୱର ବେହୁରିଆ, ଦିଲିପ ଦାସ, ସଞ୍ଜିବ ନାୟକ, ପ୍ରଭାତ ତ୍ରିପାଠୀ, ମହେଶ୍ୱର ସାହୁ, ଅନୀଲ ପଣ୍ଡା, ଶେଖ୍ ମନିରୁଦ୍ଦିନ, ସୁରେନ୍ଦ୍ର ସାମଲ, ଦେବାଶିଷ ସାହୁ, ସମର ବିଜୟ ଶରଣ, ହିମାଂଶୁ ପାଢ଼ୀ, ବିଜୟ ସାହୁ, ମନୋଜ ରଣା, ପ୍ରଦୀପ ବେହୁରିଆ, କୃଷ୍ଣ ଚନ୍ଦ୍ର ନାୟକ, ଅକ୍ଷୟ ବିଶ୍ୱାଳ, ବିଭୁଦତ୍ତ ପୃଷ୍ଟି, ମାନସ ତ୍ରିପାଠୀ, ସୌମ୍ୟରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ଲବର ସାଧାରଣ ସମ୍ପାଦକ ଅରୁଣ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ଜିଲ୍ଲାର ବିକାଶ ପାଇଁ ଜିଲ୍ଲାପାଳ କର ସାମ୍ବାଦିକ ମାନଙ୍କ ସହଯୋଗ କାମନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ଖଣ୍ଡପଡା,(ଭାସ୍କର ନ୍ୟୁଜ୍): ଖଣ୍ଡପଡ଼ା ଏନ୍‌ଏସି ଅଧିନ ୫ନଂ ୱାର୍ଡର ଅଧିବାସୀ ଅବସରପ୍ରାପ୍ତ ଶିକ୍ଷକ ଉଦ୍ୟନାଥ ମହାନ୍ତିଙ୍କ ୮୬ ବର୍ଷ ବୟସରେ ଗତ ମଙ୍ଗଳବାର ବିୟୋଗ ଘଟିଥିବା ବେଳେ ରଥଗଡା ସାହି ସ୍ଥିତ ନିଜ ବାସଭବନରେ ଦଶାହ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଖଣ୍ଡପଡ଼ାସ୍ଥ ବାସଭବନରେ ପୁରାତନ ଶିକ୍ଷକବନ୍ଧୁ, ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ମହାନ୍ତି ଜଣେ ପରୋପକାରୀ, ବନ୍ଧୁ ପ୍ରେମୀ, ନିଷ୍କପଟ ସରଳ ପ୍ରବୃତ୍ତିର ମଣିଷ ଥିଲେ। ଶିକ୍ଷକତା ଜୀବନରେ ସେ ସମସ୍ତଙ୍କର ପ୍ରିୟ ଶିକ୍ଷକ ଥିଲେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛି । ଏହି ଶ୍ରଦ୍ଧାଞ୍ଜଳି ସଭାରେ ତାଙ୍କର ଧର୍ମପତ୍ନୀ, ଏକମାତ୍ର ପୁତ୍ର ସତ୍ୟନାରାୟଣଙ୍କ ସମେତ ବୋହୂ, ଝିଅ ଜ୍ୱାଇଁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

## ଥଇଥାନ ଦାବିରେ ଗ୍ରାମବାସୀଙ୍କ ଖଣିବନ୍ଦ ଆନ୍ଦୋଳନ

# ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ



କଣିହାଁ, (ଭାସ୍କର ନ୍ୟୁଜ୍): ପ୍ରସ୍ତାବିତ ପଥରମୁଣ୍ଡା ପୂନର୍ବସତି ସ୍ଥାନରେ ଥଇଥାନ କରିବା ପାଇଁ କୋଇଲା ଖଣି ଦ୍ୱାରା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଜରଡା ଗ୍ରାମବାସୀ ବୁଧବାର ଠାରୁ ପୁଣି ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ପ୍ରଶାସନ ଓ ଏମସିଏଲ ସମସ୍ୟା ସମାଧାନ ନିମିତ୍ତ ବାରମ୍ବାର ମିଥ୍ୟା ପ୍ରତିଶୃତି ଦେଇ କାର୍ଯ୍ୟକାରୀ କରୁ ନଥିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ଫଳରେ ବୁଧବାର ଦିନ ସକାଳେ ଗ୍ରାମ ଠାକୁରଙ୍କ ନିକଟରେ ଗ୍ରାମର ପୁରୁଷ ମହିଳା ଏକତ୍ରିତ ହୋଇ ପୂଜାର୍ଚ୍ଚନା କରିଥିଲେ। ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମର ମହିଳାମାନେ ଗ୍ରାମ ପରିକ୍ରମା କରି କଣିହାଁ କୋଇଲା ଖଣି ଟାଇମିଙ୍ଗ ଅଫିସ ପାଖ ମୂଖ୍ୟ ଫାଟକ ସମ୍ମୁଖରେ ପହଞ୍ଚି ଧାରଣାରେ ବସିବା ସହ ଖଣି ବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ କଣିହାଁ କୋଇଲା ଖଣିରୁ କୋଇଲା ପରିବହନ ଓ ଉତ୍ପାଦନ ବନ୍ଦ ରହିଥିଲା। ପରେ ଘଟଣା ସ୍ଥଳରେ ଏମସିଏଲ କଣିହାଁ ମ୍ୟାନେଜମେଣ୍ଟ, ପୁଲିସ ପ୍ରଶାସନ ପହଞ୍ଚି ଧାରଣା ରତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ୧୫ଦିନ ମଧ୍ୟରେ ଏମସିଏଲ ଗ୍ରାମବାସୀଙ୍କୁ ପ୍ରସ୍ତାବିତ ପଥରମୁଣ୍ଡା ଜାଗାରେ ପ୍ଲଟ ହସ୍ତାନ୍ତର କରିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସନ୍ଧ୍ୟା ୬ଘଟିକା ସମୟରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ପ୍ଲଟ ହସ୍ତାନ୍ତର ନଦେଲେ ଗ୍ରାମବାସୀ ପ୍ରତିବାଦ କରିପାରିବେ ବୋଲି ପ୍ରତିଶ୍ରୁତି ପତ୍ରରେ ଲେଖାଯାଇଛି।

# ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟ ପାଇଁ ବେଦାନ୍ତ ଆଲୁମିନିୟମର ଅବଦାନ



ସୁନ୍ଦରଗଡ, (ଭାସ୍କର ନ୍ୟୁଜ୍): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଗ୍ରାମାଞ୍ଚଳ ସମ୍ପ୍ରଦାୟରେ ଋତୁସ୍ରାବ ସ୍ୱଚ୍ଛତା ଏବଂ କିଶୋର ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ସପ୍ତାହବ୍ୟାପୀ ପ୍ରୟାସର ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମ ଜାମକାନି, କୁରାଲୋଇ ଏବଂ ଘୋଘରପାଲିର ୧୮ରୁ ଅଧିକ ସ୍କୁଲରେ ପହଞ୍ଚିଥିଲା। ଏଥିରେ ଷଷ୍ଠରୁ ଦଶମଶ୍ରେଣୀର ପ୍ରାୟ ୧,୧୦୦ରୁ ଅଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ବିଷୟରେ ବିସ୍ତୃତ ଆଲୋଚନା, ସଚେତନତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଆନ୍ତରିକ ଶିକ୍ଷା ଅଧିବେଶନ, ହିତବ୍ୟାଗ ଏବଂ 'ମାସିକ ଋତୁସ୍ରାବ' ଶିକ୍ଷା ପୁସ୍ତିକା ଭଳି ଲିଙ୍ଗ-ସମ୍ବେଦନଶୀଳତା ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି ଅଧିବେଶନରେ ବେଦାନ୍ତର କର୍ମଚାରୀ ଓ ସ୍ୱେଚ୍ଛାସେବୀ ମାନଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା ଯାହା ଛାତ୍ରଛାତ୍ରୀମାନଙ୍କୁ ଶାରୀରିକ ପରିବର୍ତ୍ତନ ଏବଂ ପ୍ରାରମ୍ଭିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଉପରେ ଅବଗତ କରାଇବା ପାଇଁ ସାହାଯ୍ୟ କରିଥିଲା। ଏହି କାର୍ଯ୍ୟକ୍ରମର ପ୍ରଭାବ ଉପରେ ଆଲୋକପାତ କରି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, 'ଏକ ସୁସ୍ଥ ଏବଂ ନିୟନ୍ତ୍ରିତ ସମାଜ ଗଠନ ପାଇଁ ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ନିରନ୍ତର ଏବଂ ଅନ୍ତର୍ଭୁକ୍ତ ପ୍ରୟାସ ମାଧ୍ୟମରେ, ଆମେ ମହିଳା ଏବଂ କିଶୋରୀମାନଙ୍କୁ ଉପଯୁକ୍ତ ଜ୍ଞାନ ଏବଂ ଆବଶ୍ୟକୀୟ ସମ୍ବଳ ପ୍ରଦାନ କରି ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ ଯାହାଦ୍ୱାରା ସେମାନେ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୋଇପାରିବେ। ଏହି ପଦକ୍ଷେପ ଶିକ୍ଷା ଏବଂ ସଚେତନତା ମାଧ୍ୟମରେ ସମ୍ପ୍ରଦାୟର ଉନ୍ନତି ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।' ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଭିତ୍ତିଭୂମି, ତୃଣମୂଳ କ୍ରୀଡା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରି ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ପାଇଁ ସମର୍ପିତ ରହିଛି। ଏହି ପ୍ରୟାସଗୁଡ଼ିକ ବେଦାନ୍ତ ଆଲୁମିନିୟମର କାର୍ଯ୍ୟକ୍ଷମ କ୍ଷେତ୍ର ମଧ୍ୟରେ ଏବଂ ବାହାରେ ପରିବର୍ତ୍ତନ ଆଣିବା ପାଇଁ ଅଙ୍ଗୀକାରବଦ୍ଧ। ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତି, ପ୍ରତି ସମ୍ପ୍ରଦାୟର ଭାବନାକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ଅଂଶୀଦାର ମାନଙ୍କ ସହିତ ଘନିଷ୍ଠ ସହଯୋଗ କରି, କମ୍ପାନୀ ନିଶ୍ଚିତକରେ ଯେ ଏହା ଭବିଷ୍ୟତରେ କମ୍ପାନୀର ସାମାଜିକ ଓ ଆର୍ଥିକ ପ୍ରଗତିର ମୂଳଦୁଆ ଭାବେ ଛିଡାହେବ।



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମହୁଲଡିହା ଗ୍ରାମସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣ ଓ ପୋଖରୀ ପରିସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଏବଂ କରଞ୍ଜିଆ ବିଧାୟକ ଶ୍ରୀମାନ ପଦ୍ମ ଚରଣ ହାଇବ୍ରୁ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅବସରରେ ଚାରାରୋପଣ କରି ଶୁଭାରମ୍ଭ କରିଥିଲେ। ବିଶ୍ୱରେ ଜଙ୍ଗଲ ଦ୍ରୁତ ଅବକ୍ଷୟ ସାଙ୍ଗକୁ କଳ, କାରଖାନା ଦ୍ୱାରା ପରିବେଶ ଦୂଷିତ ହେଉଛି। ଯଦ୍ୱାରାକି ପ୍ରକୃତି ଶନ୍ତୁଳ ହରାଇ ନାନାଦି ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଏଥିରୁ ରକ୍ଷା ପାଇବା ପାଇଁ ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଆଜି ବିଜେପି କୃଷକ କୃଷକ ମୋର୍ଚ୍ଚା ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ ବିଶେଷ ଅତିଥି ରୂପେ ଯୋଗଦାନ କରିଥିଲେ। ଓଡିଶା ସରକାରଙ୍କ ଜଙ୍ଗଲ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗର କର୍ମକର୍ତ୍ତା ଓ କର୍ମଚାରୀ ମାନେ ଚାରାରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କୃଷକ ମୋର୍ଚ୍ଚା ର ପୂର୍ବତନ ଜିଲ୍ଲା ସଭାପତି ରଂଜନ ମହାନ୍ତଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ଶହରୁ ଊର୍ଦ୍ଧ୍ୱ ବଉଳ, ଆମ୍ବ, ବେଲ, କଦଳୀ, ନଡ଼ିଆ ପ୍ରଭୃତି ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ।

# ସମସ୍ୟା ଘେରରେ ସୁଙ୍ଗୁଡା ଦିବାକର ନୋଡାଲ ଉପ୍ରା ବିଦ୍ୟାଳୟ




ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ) : ବଡଚଣା ବ୍ଲକ୍ ଶିକ୍ଷା ମଣ୍ଡଳ ଅଧିନସ୍ଥ ସୁଙ୍ଗୁଡା ସ୍ଥିତ ଦିବାକର ନୋଡାଲ ଉପ୍ରା ବିଦ୍ୟାଳୟ ବିଭିନ୍ନ ପ୍ରକାରର ସମସ୍ୟା ଭିତର ଦେଇ ଗତି କରୁଛି। ରାଜ୍ୟରେ ଶିକ୍ଷାର ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧି ମାନଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଏହା ସୁଫଳ ଛାତ୍ର ଛାତ୍ରୀ ମାନେ ପାଇ ପାରୁ ନାହାନ୍ତି। ପୂର୍ବତନ ସରପଞ୍ଚ ଚାଚାଲୀନ ସ୍ୱାଇଁଙ୍କ ସମୟରେ ଶ୍ରେଣୀ ଗୃହ ନବୀକରଣ, ଶୁଦ୍ଧ ପନୀୟ ଜଳ ଯୋଗାଣ, ପାଚେରି ନିର୍ମାଣ, ମୁଖ୍ୟ ଗେଟ, କଂକ୍ରିଟ ରାସ୍ତା, ଗାନ୍ଧୀ ମୂର୍ତ୍ତି ସ୍ଥାପନ, ତିନୋଟି ଅଙ୍ଗନବାଡି ଗୃହ ନିର୍ମାଣ,ତିନୋଟି ମମତା ଗୃହ ଓ ବହୁ ବିକାଶ ମୂଳକ କାର୍ଯ୍ୟ କରାଯାଇଥିଲା। ୧୯୧୬ ମସିହାରେ ପ୍ରତିଷ୍ଠିତ ଦିବାକର ନୋଡାଲ ଉପ୍ରା ବିଦ୍ୟାଳୟ ବଡଚଣା ବ୍ଲକ୍‌ରେ ପୁରାତନ ବିଦ୍ୟାଳୟ ମଧ୍ୟରୁ ଅନ୍ୟତମ। ମାତ୍ର ଆବଶ୍ୟକ ଭିତ୍ତି ଭୂମିର ଅଭାବ ଯୋଗୁଁ ଏହା ର ଉନ୍ନତୀ ହୋଇ ପାରିନାହିଁ। ବର୍ତ୍ତମାନ ବିଦ୍ୟାଳୟରେ ୧୭୩ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ ରତ। ଆବଶ୍ୟକ ଶ୍ରେଣୀ ଗୃହ ଅଭାବ, ଆବଶ୍ୟକ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଆଭାବ ବିଦ୍ୟାଳୟ ଜମୀ ଜବର୍ ଦଖଲ, ଖେଳପଡିଆ ଅଭାବ, ଶୌଚାଳୟ ଅଭାବ ସହିତ ଆବଶ୍ୟକୀୟ ଭିତ୍ତିଭୂମିର ଅଭାବ ଯୋଗୁଁ ବିଦ୍ୟାଳୟଟି ଉନ୍ନତି ହୋଇ ପାରୁନାହିଁ। ବିଦ୍ୟାଳୟଟି ୧୦୯ବର୍ଷ ଅତିକ୍ରାନ୍ତ କରିଥିଲେ ମଧ ବିଦ୍ୟାଳୟର ଶତବାର୍ଷିକୀ ପାଳନ ନ ହେବା ଶିକ୍ଷାବିତ୍ ମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ସରକାର ସମୟରେ ବିଦ୍ୟାଳୟର ଉନ୍ନତି ପାଇଁ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନ ମଧ୍ୟମରେ ୯ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ସରକାର ବଦଳିବା ସହିତ ଯୋଜନାର ନାମ ବଦଳିଥିଲା। ପରେ ଅନୁଦାନ ଅର୍ଥ ଖର୍ଚ୍ଚ ନହୋଇ ସ୍ଥାନୀୟ ସରପଞ୍ଚ ଓ ବିଧାୟକ ଙ୍କ ଅସହଯୋଗ ଯୋଗୁ ଅନୁଦାନ ଅର୍ଥ ଅନ୍ୟତ୍ର ଚାଲି ଯାଇଥିଲା। ଫଳରେ ବିଦ୍ୟାଳୟଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରଥମ ଶ୍ରେଣୀ ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୭୩ଜଣ ଛାତ୍ର ଛାତ୍ରୀ ମାତ୍ର ୪କୋଠରୀ ପାଠ ପଢୁଛନ୍ତି। ଆବଶ୍ୟକ ଶ୍ରେଣୀ ଗୃହ ଅଭାବ ହେତୁ ଶିକ୍ଷା ଦାନରେ ଅସୁବିଧା ହେଉଛି। ଏସବୁର ସମକ୍ଷଧନ ପାଇଁ ତୁରନ୍ତ ବିଭାଗୀୟ ଅଧିକାରୀ ମାନେ ପଦକ୍ଷେପ ନେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

# କଟୁଆପଦର୍ ଗ୍ରାମବାସୀଙ୍କ ପାଇଁ ଝର ପାଣି ଭରସା



ମାଥିଲି (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ କଟୁଆପଦର୍ ଗ୍ରାମବାସୀ ଆଜି ବି ଶୋଷ ମେଣ୍ଟାଇବା ପାଇଁ ଝରଣା ପାଣି ଉପରେ ନିର୍ଭର କରନ୍ତି। ସୂଚନା ଅନୁଯାୟୀ ସ୍ୱାଧୀନତାର ଦଶ ଦଶନ୍ଧି ବିତିଯାଇଥିଲେ ମଧ ପ୍ରଶାସନର ପାନୀୟ ଜଳ ବ୍ୟବସ୍ଥା ପହଞ୍ଚିପାରିଲା ନାହିଁ। ଲୋକେ ସେଇ ଝରଣା ପାଣି ଉପରେ ନିର୍ଭର। ଗ୍ରୀଷ୍ମ ଋତୁରେ କେତେ କଷ୍ଟସାଧ ହେବାକୁ ପଡୁଛି ଆପଣ ଅନୁମାନ କରିପାରୁଥିବେ। ଟିକିଏ ପାଣି ପାଇଁ ମାଇଲ ମାଇଲ ଯିବାକୁ ପଡୁଛି। ଜୀବନ ବିକଳରେ ଅପରିଷ୍କାର ପାଣି ବି ପିଇବାକୁ ପଡୁଛି। ଦୂଷିତ ପାଣି ପିଇବା ଦ୍ୱାରା ଶରୀର ଖରାପ ହେଉଛି। ସ୍ଥାନୀୟ ଗ୍ରାମବାସୀ ମାଥିଲି ବ୍ଲକ୍ ପ୍ରଶାସନକୁ ଗୁହାରୀ କରୁଛନ୍ତି ଯଥା ଶୀଘ୍ର ନଳକୂପର ବ୍ୟବସ୍ଥା କରାଇଲେ ଗ୍ରାମବାସୀ ଉପକୃତ ହୁଅନ୍ତେ। ଦେଖା ଯାଉ କେବେ ବାସ୍ତବରେ ପରିଣତ ହେଉଛି ଗ୍ରାମବାସୀଙ୍କ ସ୍ୱପ୍ନ ଓ କେବେ ମିଳୁଛି ସ୍ୱଚ୍ଛ ପିଇବା ପାଣି।

# ଦୁର୍ବୃତ୍ତଙ୍କ ଦୌରାତ୍ମ୍ୟ

ଫୁଲନଖରା, (ଭାସ୍କର ନ୍ୟୁଜ୍) : ପ୍ରତାପନଗରୀ ଜଳସମ୍ପଦ ବିଭାଗ ଅନ୍ତର୍ଗତ ହରିଅନ୍ତା ମାଇନର କେନାଲର ସବଳପୁରଠାରୁ ଅରଡ଼ିଆପଦା ମାଇନର କେନାଲ ବାହାରିଛି। ପାଣି କଣ୍ଟ୍ରୋଲ କରିବା ସକାଶେ ଲୁହା ସଟର କବାଟ ଲାଗିଥାଏ। ଯେହେତୁ ବର୍ଷା ନାହିଁ କେହି ଠାଉଆ ଦୁର୍ବୃତ୍ତ ସବଳପୁର ଅଞ୍ଚଳରୁ ୨ ଦିନ ତଳେ ଲୁହା ସଟର କାଟି ନେଇ କେନାଲ ବନ୍ଧ ସରକାରୀ ଜାଗାରେ ଥିବା ଗଛକୁ କାଟି କେନାଲ ଭିତରେ ଗର ପକାଇ ଚୋରି ହୋଇଯାଇଥିବା ସଟର ଜାଗାରେ ଗଛର ଡାଳମାନ ଭର୍ତ୍ତି କରିଥିବାରୁ ଅରଡିଆପଦା ମାଇନରରେ ଦୁଇଦିନ ଧରି ପାଣି ଆସିନଥିଲା। ଜଳସେଚନ ବିଭାଗ ଯନ୍ତ୍ରୀ ଜାଣିବା ପରେ ଦେଖିବାକୁ ପାଇଲେ କି ସଟରଟିକୁ କାଟି କରି ଚୋରି ହୋଇଛି ଓ ପାଣି ଆସିବା ମୁହଁକୁ କାଠରେ ଜାମ କରାହୋଇଛି ଫଳରେ ପାଣି ଆସିପାରୁନାହିଁ। ଏହି ସମ୍ବନ୍ଧରେ କଟକ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

# ଭିଜିଲାନ୍ସ ଜାଲରେ ଶିକ୍ଷା ବିଭାଗର କନିଷ୍ଠ କିରାଣି



କୋରାପୁଟ, (ଭାସ୍କର ନ୍ୟୁଜ୍) ଭିଜିଲାନ୍ସ ଜାଲରେ ପଡିଲେ ନନ୍ଦପୁର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କନିଷ୍ଠ କରିଣି ସନ୍ଦୀପ କୁମାର ତ୍ରୀପାଠୀ। ୧୫ହଜାର ଟଙ୍କା ଲାଞ୍ଚ ନେବା ସମୟରେ ରାସ୍ତାରେ ମାଡି ବାସିଲା ଭିଜିଲାନ୍ସ ଟିମ୍। ଲାଞ୍ଚ ବାବଦ ନେଇଥିବା ୧୫ହଜାର ଟଙ୍କା ଜବତ କରିବା ପରେ ଭିଜିଲାନ୍ସ ପଚରାଉଚରା ଆରମ୍ଭ କରିଛି। ସୂଚନା ଅନୁଯାୟୀ, ନନ୍ଦପୁର ବ୍ଲକରେ କାର୍ଯ୍ୟରତ ଥିବା ସମୟରେ ଶିକ୍ଷକ ରମେଶ ବେହେରାଙ୍କ ୨୦୧୯ ମସିହାରେ ମୃତ୍ୟୁ ହୋଇଥିଲା। ତେବେ ୬ବର୍ଷ ହେଲା ତାଙ୍କ ପରିବାରକୁ ଆରଏସିପି, ଏମଏସିପି, ବର୍ଦ୍ଧିତ ଦରମା ସହ ଅନ୍ୟ ପ୍ରାପ୍ୟ ମିଳି ନଥିଲା। ବାରମ୍ବାର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଦୌଡିବା ସତ୍ତ୍ୱେ କାଗଜପତ୍ର କାମ ହୋଇନଥିଲା। ଶେଷରେ କନିଷ୍ଠ କିରାଣି କାମ କରାଇଦେବା ପାଇଁ ୩୦ହଜାର ଟଙ୍କା ଲାଟଂ ମାଗିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୫ହଜାର ଟଙ୍କା କିରାଣି ରହୁଥିବା ସେମିଳିଗୁଡା ଘରେ ଦେବାକୁ କହିଥିଲେ। ତେବେ ଏହି ବିଷୟରେ ମୃତ ରମେଶ ବେହେରାଙ୍କ ପୁଅ ସନ୍ଦୀପ ବେହେରା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଯୋଜନା ଅନୁଯାଇ ରସାୟନ ବୋଳା ନୋଟ ଦେଇ ସନ୍ଦୀପଙ୍କୁ ପଠାଇଥିଲା ଭିଜିଲାନ୍ସ।। ସେମିଳିଗୁଡା-ନନ୍ଦପୁର ରାସ୍ତାର ଗୋଟିଏ ଚା ଦୋକାନ ନିକଟରେ ରାତି ପ୍ରାୟ ୭ଟାରେ ସନ୍ଦୀପ ବେହେରା ଲାଂଚ ଟଙ୍କା ଦେଇଥିଲେ। ଏହାପରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଚଢଉ କରି କିରାଣି ସନ୍ଦୀପ କୁମାର ତ୍ରିପାଠୀଙ୍କୁ ଗିରଫ କରିଥିଲା। ଟଙ୍କା ଜବତ କରିବା ପରେ କିରାଣୀଙ୍କ ଭଡାଘରେ ଚଢଉ କରିଥିବା ସୂଚନା ମିଳିଛି। ମାମଲା ରୁଜୁ ପରେ ଜୟପୁରସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ଏହି ଚଢଉରେ ଭିଜିଲାନ୍ସ ଡିଏସପି ଅଭୟ ପ୍ରଧାନ, ଏସ୍‌ଏନ୍ ପାଣି, ଇନ୍ସପେକ୍ଟର ସଞ୍ଜୟ ପ୍ରଧାନ, ସନ୍ତୋଷୀ ବାରିକ ପ୍ରମୁଖ ସାମିଲ ହୋଇଥିଲେ।

## ଦୁର୍ଘଟଣାରେ ଜଣେ ଗୁରୁତର

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଏନ୍ ଏଚ୍ ୫୫ ଜାତୀୟ ରାଜପଥ ଭୀମଭୋଇ କଲେଜ ନିକଟରେ ସାଇକେଲ୍ ଚାଳକ କୁ ମୁହାଁ ମୁହିଁ ଧକ୍କା ଦେଇଥିଲା ଏକ ସିମେଣ୍ଟ ବୋଝେଇ ହାଇୱା। ଘଟଣା ସ୍ଥଳରେ ସାଇକେଲ ଟି ଟ୍ରକ୍ ତଳେ ଚାପିହୋଇ ଥିବା ବେଳେ ଚାଳକ ଜଣକ ଗୁରୁତର ଅବସ୍ଥାରେ ପ୍ରଥମେ ରେଢ଼ାଖୋଲ ଡାକ୍ତରଖାନା ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ସାଇକେଲ ଚାଳକ ଜଣକ ହେଲେ ରେଢ଼ାଖୋଲ ଡିମ୍ବିରି କୁଦା ଗାଁର ଅଙ୍କୁର ପାତ୍ର। ସୂଚନାଯୋଗ୍ୟ ଯେ ଅଙ୍କୁର ସାଇକେଲ ଯୋଗେ ଆସୁଥିବା ବେଳେ ଅପରପକ୍ଷରୁ ଛତିଶଗଡ଼ରୁ ଆଠଗଡ଼ କୁ ଯାଉଥିବା ଏକ ଟ୍ରକ୍ ମୁହାଁ ମୁହିଁ ଧକ୍କା ହୋଇଥିଲା ଫଳରେ ଘଟଣା ସ୍ଥଳରେ ସାଇକେଲ ଟି ଭାଙ୍ଗି ଚୁରମାର୍ ହୋଇଯାଇଥିବା ବେଳେ ଚାଳକକୁ ରେଢ଼ାଖୋଲ ମେଡିକାଲ୍‌କୁ ଅଣାଯାଇଥିଲା ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ପଠାଯାଇଥିବା ଜଣାପଡିଛି।

# ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ପିଲାଙ୍କ ଭିଜନ ସ୍କ୍ରିନିଂ

ମାଲକାନଗିର, (ଭାସ୍କର ନ୍ୟୁଜ୍) : ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ମାଗଣା ଚକ୍ଷୁ ପରିକ୍ଷା ସହିତ ଔଷଧ ବଣ୍ଟନ କରାଯାଇଛି। ଅପରେସନ, ଚଷମା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ସରକାରୀ ନୋଡାଲ ହାଇସ୍କୁଲ ଠାରେ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାରେ ସ୍କୁଲର ୧୧୬ ପିଲାଙ୍କ ଭିଜନ ସ୍କ୍ରିନିଂ ହୋଇଥିଲା। ଆରଡିଏସକେ ପରିଚାଳକ ହରିବନ୍ଧୁ ଦେଶୀନାୟକ, ବିଇଓ ରବୀନ୍ଦ୍ରନାଥ ଧର, ଡାକ୍ତର ଦୁର୍ଗାପ୍ରସାଦ ରାଜ, ବିଆରସିସି ଗୌରାଙ୍ଗ ସଜନ, ବିଆରଟି ସତ୍ୟଭାମା ମହାରାଣା, ସମାଜସେବୀ ରତ୍ନାକର ଦାଶ, ସିଆରସିସି ମାନସ ରଞ୍ଜନ ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟଦୃଷ୍ଟି ଜିଲ୍ଲା ସଂଯୋଜକ ରଶ୍ମିରଞ୍ଜନ ଦାଶ, ଡିଇଆଇସି ଚକ୍ଷୁ ବିଶେଷଜ୍ଞ ନିହାରିକା ମହାପାତ୍ର ଶିବିର ପରିଚାଳନା କରିଥିଲେ। ୩୮ ଛାତ୍ର ଛାତ୍ରୀଙ୍କ ଚଷମା ବ୍ୟବସ୍ଥା କରାଯିବା ସହ ୧୦ ପିଲାଙ୍କୁ ଭୁବନେଶ୍ୱର ଏଲଭି ପ୍ରସାଦ ମେଡ଼ିକାଲକୁ ଅପରେସନ ପାଇଁ ପଠାଯିବ ବୋଲି ସୂଚନା ଦିଆଯାଇଛି।



# ଶିକ୍ଷକ ବଦଳି ପ୍ରତିବାଦରେ ତାଲା ପକାଇଲେ ଅବିଭାବକ ଓ ଛାତ୍ରୀଛାତ୍ର



ବାଙ୍କୀ, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ବାଙ୍କୀ ଉପଖଣ୍ଡରେ ଶିକ୍ଷକ ବଦଳିକୁ ନେଇ ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଅବିଭାବକ ମାନେ ତାଲା ପକାଇବା ଘଟଣା ଚର୍ଚ୍ଚା ଜୋର୍ ଧରିଛି। ଗତ କିଛି ଦିନ ଧରି ଡମପଡା ବ୍ଲକ ଶିକ୍ଷା ବିଭାଗ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ବିରୋଧ କରି ଛାତ୍ରୀ ଛାତ୍ର ଓ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଉଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଆଜି ଡମପଡା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଭଗିପୁର ପଞ୍ଚାୟତ ସ୍ଥିତ ଗୟଲବାଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଇଂରାଜୀ ଶିକ୍ଷକ ବଦଳିକୁ ନେଇ ଅଭିଭାବକ ଓ ଆଗମୀ ଦିନର ଭବିଷ୍ୟତ ପିଢ଼ି ଛାତ୍ରଛାତ୍ରୀ ମାନେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇଥିବା ବେଳେ ଶିକ୍ଷକଙ୍କୁ ଫେରାଇ ଆଣିବା ପାଇଁ ପ୍ରତିବାଦ କରିଥିଲେ। ଶିକ୍ଷକ ନିଯୁକ୍ତି ନଦେଇ ଜଣେ ଇଂରାଜୀ ଶିକ୍ଷକଙ୍କୁ ହଠାତ୍ ବଦଳି କରିବା ଏବଂ ଛାତ୍ରଛାତ୍ରୀଙ୍କୁ ଇଂରାଜୀ ପାଠ ପଢାରୁ ବଞ୍ଚିତ କରିବା ଘଟଣାରେ ଏଭଳି ପ୍ରତିବାଦ କରିଥିବା ଅବିଭାବକ ମାନେ ପ୍ରକାଶ କରିଛନ୍ତି।

# ସମନ୍ୱିତ ଚାଷ ପଦ୍ଧତି ସମ୍ପର୍କିତ ତାଲିମ ଶିବିର

କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ଜିଲ୍ଲା କୋଟପାଡ ବ୍ଲକର ଏକମ୍ବା ଗ୍ରାମର ସମନ୍ୱିତ ଚାଷ ପଦ୍ଧତି ବିଷୟରେ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ସିଆରଆରଆଇର ବରିଷ୍ଠ ବୈଜ୍ଞାନିକ ଡ.ଉପେନ୍ଦ୍ର କୁମାର, ଡ. ଏକେ ମୁଖାର୍ଜୀ, ଡ. ଆନି ପୁନମ୍, ଡ.ବିଶ୍ୱଜିତ ମଣ୍ଡଳ, ଡ. ସୁଦୀପ୍ତ ପଲ ପ୍ରମୁଖ ଯୋଗଦେଇଥିଲେ। ଡ.ପଲ ପ୍ରକଳ୍ପର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ବୈଜ୍ଞାନିକମାନେ ଜୈବସାରର ଆର୍ଥିକ ଓ ପରିବେଶଗତ ଲାଭ , ଡାଲି ଓ ପନିପରିବା ଗୁଡିକରେ ଟ୍ରାଇକୋଡର୍ମାର ପ୍ରୟୋଗ, କୃଷକ ରାଜସ୍ୱ ବୃଦ୍ଧି ପାଇଁ ବିଭିନ୍ନ ଉପାୟରେ କୃଷି ପଦ୍ଧତି, ସମନ୍ୱିତ ଚାଷ ପଦ୍ଧତିର ଲାଭ, କୃଷି ବିଜ୍ଞାନକେନ୍ଦ୍ରର ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସହାୟକ କୃଷି ଉଦ୍ୟାନ ଅଧିକାରୀ ବିଜୟ ମହାନ୍ତ ଚାଷୀମାନେ କିପରି ଲାଭ ଉଠାଇପାରିବେ ସେ ସମ୍ପର୍କରେ କହିଥିଲେ। ପ୍ରଗତିର କୃଷି ବିଶେଷଜ୍ଞ ଡ. ଅଂଶୁମାନ ପଟ୍ଟନାୟକ ଜୈବସାର ପ୍ରୟୋଗର ପଦ୍ଧତି ସଂକ୍ରାନ୍ତରେ କହିଥିଲେ। ଏକମ୍ବାକୁ ଆଦର୍ଶ ଗ୍ରାମ କରିବା ପାଇଁ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ବିଷୟରେ କୁହାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଗତିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଲୁନା ପଣ୍ଡା ପରିଚାଳନା କରିଥିଲେ। ଉଭୟ ସଂସ୍ଥାର ଟେକ୍ନିସିଆନ, ଅନ୍ୟାନ୍ୟ ପ୍ରକଳ୍ପ କର୍ମଚାରୀମାନେ ସହଯୋଗ କରିଥିଲେ। ଜୈବ ସାରର ସମ୍ଭାବନା, ପରିଣାମ ବିଷୟରେ ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ୪୫ଜଣ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଠାରେ ଜୈବସାର ପ୍ରସ୍ତୁତି, ବ୍ୟବହାର ପ୍ରଦର୍ଶନ ହୋଇଥିଲା। କୋରାପୁଟ ପ୍ରଗତି ସହଯୋଗରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଲାୟନ୍ସ କ୍ଲବ୍ ଦ୍ୱାରା ଗୋବରଘାଟା ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ




ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଲାୟନ୍ସ କ୍ଲବ୍ ଜଳେଶ୍ୱର ତରଫରୁ ପରିବେଶ ସୁରକ୍ଷା ଏବଂ ହରିତ ପରିବେଶ ତିଆରି ପାଇଁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ମଙ୍ଗଳାବାର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଏସବି ନୋଡାଲ ଏବଂ ଯଦୁନାଥ ଉଚ୍ଚ ବିଦ୍ୟାଳୟ ଗୋବରାଘାଟା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କ୍ଲବ୍ ସଦସ୍ୟମାନେ ମିଶି ପ୍ରାୟ ୪୦ ଟି ଗଛ ରୋପଣ କରିଥିଲେ। ଯାହାର ପ୍ରମୁଖ ଭାବରେ ନଡ଼ିଆ ଓ ଗୁଆ ଗଛ ସାମିଲ କରାଯାଇଥିଲା। ଏହି ଗଛ ଗୁଡିକ ବିକଶିତ କରିବା ଦ୍ୱାରା ପରିବେଶ ଗୁରୁତ୍ୱ ପ୍ରତି ଜନସାଧାରଣଙ୍କର ଅନୁଭବ ବୃଦ୍ଧି ପାଇବ ବୋଲି କ୍ଲବ୍ ଅଧିକାରୀମାନେ ସୂଚନା ଦେଇଛନ୍ତି। କ୍ଲବ୍ ପକ୍ଷରୁ ଏହି ପ୍ରଚେଷ୍ଟା ଆଗାମୀ ଦିନରେ ମଧ ଜାରି ରହିବ ବୋଲି କ୍ଲବ ପକ୍ଷରୁ ଜଣା ପଡ଼ିଛି। ସମାଜରେ ଗଛର ଗୁରୁତ୍ୱ ବିଷୟରେ ସଚେତନତା ଆଣିବା ପାଇଁ ଏହି ପ୍ରକାର ଉଦ୍ୟମ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ସ୍ଥାନୀୟ ଗ୍ରାମବାସୀମାନେ ମତ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବର ସମ୍ପାଦକ ଶେଖ୍ ସବୀରଙ୍କ ନେତୃତ୍ୱରେ ବିନୋଦ କୁମାର ସାହୁ, ଗିରିଜା ଶଙ୍କର ଦାସ, ଶିରୀଶ ଚୌହାନ, ସମୀର ନନ୍ଦୀ, ରବିନାରାୟଣ ଦାସ, ରାଜୀବ ଧର, ତାରାପଦ କର, ସତ୍ୟ ନାରାୟଣ ମହାପାତ୍ର, ମୂଳଚାନ୍ଦ ଲଢ଼ା, ସେଖ ସୈଫୁଦ୍ଦିନ ପ୍ରମୁଖ ଲାୟନ୍ସ କ୍ଲବ ସଦସ୍ୟ ମାନେ ଉପସ୍ଥିତ ରହି ଚାରାରୋପଣ କାର୍ଯ୍ୟ କରିଥିଲେ। ଗୋବରଘାଟା ଗ୍ରାମର ଗ୍ରାମ ସଭାପତି ଶ୍ରୀଯୁକ୍ତ ଦୀପକ କୁମାର ଗିରି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁବେଶ ପ୍ରଧାନ ଏବଂ ଗୋପୀନାଥ ଗିରି ଓ ଅନ୍ୟ ଶିକ୍ଷକ ମାନେ ଏହି ମହାନ କାର୍ଯ୍ୟରେ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ ପ୍ରତ୍ୟେକ ମାସ ଏହି କାର୍ଯ୍ୟକ୍ରମ ବିଭିନ୍ନ ଶିକ୍ଷାନୁଷ୍ଠାନ, ହସ୍ପିଟାଲ, ମଠ ମନ୍ଦିର ପ୍ରାଙ୍ଗଣରେ ପରିବେଶକୁ ସୁରକ୍ଷା କରିବା ପାଇଁ ବୃକ୍ଷ ରୂପଣ କରି ଆସୁଥିବା ବେଳେ ଆଗକୁ ମଧ ଚାରାରୋପଣ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି ସଦସ୍ୟ ମାନେ କହିଛନ୍ତି ସେମାନଙ୍କର ଏହି ମହାନ କାର୍ଯ୍ୟକୁ ସମସ୍ତ ମହଲରେ ପ୍ରଶଂସା କରାଯାଉଛି।

# ତୁଳସୀ ଗସ୍ତରେ ତହସିଲଦାର



ମାଥିଲି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଉପାନ୍ତ ଟେମୁରୁପାଲି ପଞ୍ଚାୟତ ତୁଳସୀ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ତୁଳସୀ ଠାରୁ ଟେମୁରୁପାଲିକୁ ସଂଯୋଗ କରୁଥିବା ରାସ୍ତାର ମାନ ଦେଖିଥିଲେ। ଠିକାଦାରଙ୍କ ସହ କାମ ସମ୍ପର୍କରେ ପଚାରିବୁଝିବା ସହ ତୁଳସୀରେ ଚାଲିଥିବା କ୍ରସର ତଦାରଖ କରିଥିଲେ। ସେଠାକାର ଶିକ୍ଷା ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଲୋକଙ୍କ ମୌଳିକ ସୁବିଧା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଅବଗତ କରିଥିଲେ। ମାଥିଲି ତହସିଲଦାର ମାନସୀ ଭୋଇ ଲୋକଙ୍କ ଗୋଟି ଗୋଟି ଅଭିଯୋଗ ଶୁଣି କିଭଳି ବ୍ୟବସ୍ଥା କରାଯିବା ନେଇ ଲୋକଙ୍କୁ ପ୍ରତିଶ୍ରୁତି ମଧ ଦେଇଥିଲେ।

# ‘ଭରସା’ ପୋର୍ଟାଲରେ ଅଭିଯୋଗ ଶୁଣିବେ ବିଧାୟକ




ଛତ୍ରପୁର, (ଭାସ୍କର ନ୍ୟୁଜ୍) : ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଆଜି ଏକ ନୂତନ ପ୍ରୟାସ ଆରମ୍ଭ କରିଛନ୍ତି, ସାଧାରଣ ଜନତାଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନପାଇଁ ‘ଭରସା’ ପୋର୍ଟାଲର ଶୁଭାରମ୍ଭ କରିଛନ୍ତି। ଏହି ପୋର୍ଟାଲ ମାଧ୍ୟମରେ ସ୍ଥାନୀୟ ଲୋକେ ସରକାରୀ ଯୋଜନା ସମ୍ବନ୍ଧୀୟ ଅସୁବିଧା କିମ୍ବା ଅନ୍ୟାନ୍ୟ ଅଭିଯୋଗ ସିଧାସଳଖ ବିଧାୟକଙ୍କ ନିକଟରେ ଉପସ୍ଥାପନ କରିପାରିବେ। ଏଣିକି ଆଉ ଆପଣଙ୍କ ସମସ୍ୟା ଅଭିଯୋଗ କରିବାକୁ ଯିବାକୁ ପଡିବନି ବିଧାୟକଙ୍କ ଅଫିସ। ହାତ ପାହାନ୍ତାରେ ହେବ ସମସ୍ୟାର ସମାଧାନ, https://www.krushnaforodisha.com ଏହି ୱେବସାଇଟରେ ଆପଣ ମାନେ ଯେ କୌଣସି ସରକାରୀ ଯୋଜନା ଅସୁବିଧା ଥିଲେ ଅଭିଯୋଗ କରିପାରିବେ। ମୋବାଇଲରେ ସାଇଟ ଖୋଲି ନିଜ ନାମ, ନମ୍ବର, ଓ ଠିକଣା ସହ ନିଜର ସମସ୍ୟା ଟାଇପ କଲେ ସିଧାସଳଖ ଆପଣଙ୍କ ସମସ୍ୟା ପହଁଚିବ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ପାଖରେ। ଏହି ପୋର୍ଟାଲ ଜନସାଧାରଣଙ୍କ ସହ ସିଧାସଳଖ ଯୋଗାଯୋଗ ସ୍ଥାପନ କରିବ ଏବଂ ସେମାନଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଏକ ସଫଳ ମାଧ୍ୟମ ହେବ। ଏହି ଡିଜିଟାଲ ପ୍ଲାଟଫର୍ମ ଜନସାଧାରଣଙ୍କୁ ଅଭିଯୋଗ ଦାଖଲ କରିବାରେ ସହଜତା ପ୍ରଦାନ କରିବ ଏବଂ ସମାଧାନ ପ୍ରକ୍ରିୟାକୁ ଅଧିକ ପାରଦର୍ଶୀ କରିବ। ବିଧାୟକ ଶ୍ରୀ ନାୟକଙ୍କ ଏଭଳି ଉଦ୍ୟମକୁ ଛତ୍ରପୁରର ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକେ ସ୍ୱାଗତ କରିଛନ୍ତି। ଏହା ସରକାରୀ ଯୋଜନାରେ ସାମିଲ ହେବାରେ ଅସୁବିଧା ଦୂର କରିବ ବୋଲି ସେମାନେ ଆଶା ରଖିଛନ୍ତି। ପୋର୍ଟାଲରେ ଅଭିଯୋଗ ଦାଖଲ କରିବା ପାଇଁ ଏକ ସରଳ ଓ ବ୍ୟବହାରକାରୀ ଅନୁକୂଳ ଇଣ୍ଟରଫେସ ରହିଛି। ଏହା ଛତ୍ରପୁର ବିଧାନସଭା ଅଞ୍ଚଳରେ ସରକାରୀ ସେବାର ପ୍ରଭାବକୁ ଆହୁରି ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ଉପବାଚସ୍ପତି ରାମ ଚନ୍ଦ୍ର ପଣ୍ଡା, ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ସୁରଥ ପ୍ରଧାନ, ପଦ୍ମ ଚରଣ ସାହୁ, ଯୁବନେତା ବନଜ ନାହାକ, କେ ଚନ୍ଦ୍ର ଶେଖର ରେଡ୍ଡୀଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ମହିଳାଙ୍କ ପ୍ରତି ଅନ୍ୟାୟକୁ ତିବ୍ର ବିରୋଧ

# ଛାତ୍ର ବିଜେଡ଼ି ପକ୍ଷରୁ ଡିଜିପିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ ଆମେ ବୌଦ୍ଧ ଜିଲ୍ଲା କନ୍ଧମାଳ ପଞ୍ଚାୟତ କଲେଜର ଛାତ୍ରଛାତ୍ରୀ ମାନେ, ଓଡ଼ିଶା ରାଜ୍ୟରେ ମହିଳା ବିରୋଧୀ ଅପରାଧ ସମ୍ପର୍କରେ ଉଦ୍‌ବେଗ ଜନକ ଏବଂ ଅବନତିଶୀଳ ପରିସ୍ଥିତି ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ। ସମ୍ପ୍ରତି ଘଟିଥିବା ଘୃଣ୍ୟ ଘଟଣାର ଲହରୀ, ବିବ୍ରତକାରୀ ପରିସଂଖ୍ୟାନ ସହିତ, ରାଜ୍ୟରେ ମହିଳାମାନଙ୍କ ପାଇଁ ଅସୁରକ୍ଷିତତାର ଏକ ଭୟଙ୍କର ଚିତ୍ର ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାର ବିଫଳତାର ଏକ ଅନୁଭୂତିକୁ ଦର୍ଶାଉଛି। ବାଲେଶ୍ୱରରେ ଏକ ହୃଦୟବିଦାରକ ଘଟଣା ଘଟିଛି, ଯେଉଁଠାରେ ଭୋଗରାଇର ବାସିନ୍ଦା ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ତୃତୀୟ ବର୍ଷର ଛାତ୍ରୀ ଆତ୍ମହତ୍ୟା କରି ଜୁଲାଇ ୧୪ରେ ଭୁବନେଶ୍ୱର ଏମ୍ସରେ ଦୁଃଖଦ ମୃତ୍ୟୁବରଣ କରିଥିଲେ। ତାଙ୍କର ୯୦% ପୋଡ଼ି ଯାଇଥିଲା। ଜଣେ ଅଧ୍ୟାପକଙ୍କ ଦ୍ୱାରା ଯୌନ ନିର୍ଯାତନା ଅଭିଯୋଗ ପରେ ଛଅ ମାସରୁ ଅଧିକ ସମୟ ଧରି ନ୍ୟାୟ ପାଇବାରୁ ବଞ୍ଚିତ ହେବା ପରେ ଏହି ଚରମ ପଦକ୍ଷେପ ନିଆଯାଇଥିବା ଅଭିଯୋଗ ହୋଇଛି। ଛାତ୍ରୀ ଜଣକ କଲେଜ ଅଧକ୍ଷ, ସହଦେବ ଖୁଣ୍ଟା ପୋଲିସ ଷ୍ଟେସନ ଏବଂ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି, କିନ୍ତୁ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିଲା। ଜୁଲାଇ ୧ରେ ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ ରେ ଏକ ସାର୍ବଜନୀନ ଆବେଦନ କରିଥିଲେ, ଯେଉଁଥିରେ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଏବଂ ସ୍ଥାନୀୟ ନିର୍ବାଚିତ ପ୍ରତିନିଧିମାନଙ୍କୁ ଟ୍ୟାଗ୍ କରିଥିଲେ। ଏହି ନିବେଦନ ସତ୍ତ୍ୱେ, ତାଙ୍କୁ କୌଣସି ପ୍ରତିକ୍ରିୟା ମିଳିଲା ନାହିଁ, ଯାହା ଫଳରେ ସେ ୧୨ ଜୁଲାଇରେ ଆତ୍ମହତ୍ୟା କଲେ। ଏହି ଦୁଃଖଦ ଘଟଣା ରାଜ୍ୟର ଅଭିଯୋଗ ସମାଧାନ ଏବଂ ନ୍ୟାୟ ପ୍ରଦାନ ବ୍ୟବସ୍ଥାରେ ଏକ ଗମ୍ଭୀର ବିଫଳତାକୁ ଦର୍ଶାଉଛି। ପୋଲିସ ତାଙ୍କ ଏଫଆଇଆର ପଞ୍ଜିକୃତ କରିବାରେ ବିଫଳତା, କଲେଜ କର୍ତ୍ତୃପକ୍ଷଙ୍କ ନିଷ୍କ୍ରିୟତା ଏବଂ ନିର୍ବାଚିତ ଅଧିକାରୀଙ୍କ ନୀରବତା, ସିଧାସଳଖ ଅଭିଯୋଗ ପରେ ମଧ ଗର୍ଭବତୀ, ରାଜ୍ୟ ପରିଚାଳିତ ହଷ୍ଟେଲରେ ଝିଅମାନଙ୍କ ଉପରେ ଯୌନ ଶୋଷଣର ଏକ ଅଭିଯୋଗକୁ ଉଜାଗର କରି (୨୬ ଜୁଲାଇ, ୨୦୨୫ ରେ ରିପୋର୍ଟ କରାଯାଇଛି)। ଉପରୋକ୍ତ ତଥ୍ୟ ଏବଂ ସଂଖ୍ୟାଗୁଡ଼ିକ ସ୍ପଷ୍ଟ ଭାବରେ ଓଡ଼ିଶାରେ ମହିଳା ଅସୁରକ୍ଷାର ଉଦବେଗଜନକ ବୃଦ୍ଧିକୁ ସ୍ପଷ୍ଟ ଭାବରେ ଦର୍ଶାଉଛି। ଆମେ ନିଶ୍ଚିତ ଯେ, ଓଡ଼ିଶା ରାଜ୍ୟର ପୋଲିସ ମୁଖ୍ୟ ଭାବରେ, ଆପଣ ଆଇନ ଶୃଙ୍ଖଳା ପରିସ୍ଥିତିର ଅବନତି, ବିଶେଷକରି ମହିଳା ଏବଂ ଛାତ୍ରୀମାନଙ୍କ ସୁରକ୍ଷା ସମ୍ପର୍କରେ ଗଭୀର ଚିନ୍ତିତ ହେବା ଉଚିତ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆପଣଙ୍କ ହସ୍ତକ୍ଷେପକୁ ଆମେ ଆନ୍ତରିକ ଭାବରେ ଅନୁରୋଧ କରୁଛୁ ଏବଂ ନିରାପତ୍ତା, ନ୍ୟାୟ ଏବଂ ଦାୟିତ୍ୱ ଫେରାଇ ଆଣିବା ପାଇଁ ଓଡ଼ିଶାର ବିଭିନ୍ନ ଜିଲ୍ଲାର ପୋଲିସ ଅଧିକ୍ଷକମାନଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରିବାକୁ ଅନୁରୋଧ କରୁଛୁ। ମହିଳା, ଛାତ୍ର ଏବଂ ନାବାଳକଙ୍କ ବିରୁଦ୍ଧରେ ଅପରାଧ ବୃଦ୍ଧି ଏବଂ କଲେଜ ଏବଂ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ବଢୁଥିବା ଅସୁରକ୍ଷା ଉପରେ ତୁରନ୍ତ ଏବଂ ଗମ୍ଭୀର ଦୃଷ୍ଟି ଦେବା ଉଚିତ। ରାଜ୍ୟର ଡିଜି ଭାବରେ, ଆପଣଙ୍କ ତଦାରଖ ଏବଂ ଆପଣଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଆମର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ନିରାପଦ ଏବଂ ନିରାପଦ ପରିବେଶ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଏସଟି/ଏସସି ସ୍କୁଲ ହଷ୍ଟେଲର ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆପଣଙ୍କ ନେତୃତ୍ୱ ନ୍ୟାୟ ବ୍ୟବସ୍ଥାରେ ବିଶ୍ୱାସ ଫେରାଇ ଆଣିବା ଏବଂ ରାଜ୍ୟ ସାରା ମହିଳାମାନଙ୍କର ଅଧିକାର ଏବଂ ମର୍ଯ୍ୟାଦା ସୁରକ୍ଷିତ ରଖିବାରେ ବହୁତ ସାହାଯ୍ୟ କରିବ ବୋଲି ଦାବି ପତ୍ରରେ ଉଲ୍ଲେଖ ରହିଛି।




କରଞ୍ଜିଆ (ଭାସ୍କର ନ୍ୟୁଜ): ବିଜେପି ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା କୃଷକ ମୋର୍ଚ୍ଚା ପକ୍ଷରୁ 'ମା ପାଇଁ ଗଛଟିଏ ' ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସ୍ଥାନୀୟ ସତସଙ୍ଗ ବିହାର ଠାରେ ଅନୁଷ୍ଠିତ ହୋଇଛି । ରାଜ୍ୟ କୃଷକ ମର୍ଚ୍ଚାର ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ସତସଙ୍ଗ ବିହାର ଠାରେ ପିଜୁଳି, ପିସ୍ତା, ଅଶୋକ ଭଳି ଅନେକ କିସମର ଚାରାରୋପଣ କରାଯାଇଥିଲା । ପରିବେଶକୁ ସନ୍ତୁଳନ ରଖିବା, ଏକ ସୁସ୍ଥ ବାତାବରଣ ତିଆରି କରିବାରେ ସମସ୍ତେ ବର୍ଷକୁ ଗୋଟାଏ ହେଲେ ଗଛ ଲଗାଇବା ପାଇଁ ଶ୍ରୀଯୁକ୍ତ ସାହୁ ପରାମର୍ଶ ଦେଇଥିଲେ । ବୃକ୍ଷ ରୋପଣରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମଦନ ମହନ ମହାନ୍ତଙ୍କ ସହଯୋଗ ରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତ,ଜିଲ୍ଲା ଉପସଭାପତି ଜନାର୍ଦନ ବେହେରା,ମହେଶ୍ୱର ସାହା, କୃଷକ ମୋର୍ଚ୍ଚା ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀ ଝା, ସଂଖ୍ୟାଲଘୁ ସେଲ ର ଜିଲ୍ଲା ସଭାପତି ଅବଦୁଲ ଲତିଫ, ଯୁବନେତା ଲୁନା ମିଶ୍ର, ଦେବେନ୍ଦ୍ର ମହାନ୍ତ, ଜିଲ୍ଲା ସମ୍ପାଦକ ବିମଲ ସେନାପତି, ରଞ୍ଜନ ମହାନ୍ତ ସମେତ ଅନ୍ୟାନ୍ୟ ପ୍ରକୃତିପ୍ରେମୀଗଣ ବୃକ୍ଷରୋପଣ ଉତ୍ସବରେ ଯୋଗ ଦେଇଥିଲେ ।



## ବିପଦରେ ନାମଫଳକ

ବୋଲଗଡ, (ଭାସ୍କର ନ୍ୟୁଜ୍) : ରାଜସୁନାଖଳା ଠାରୁ ଧଳାପଥର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ସୂଚନା ଫଳକଟି ଦୀର୍ଘ ଦିନ ଧରି ରାସ୍ତାକୁ ଢଳି ରହିଛି। ତତ୍କାଳୀନ ସରକାରଙ୍କ ଏହି ନାମ ଫଳକ ଉପରେ ବର୍ତ୍ତମାନ ସରକାର ନୂଆ ନାମଫଳକ ଲଗାଇଛନ୍ତି। ପୂର୍ବ ସରକାର ନାମଫଳକ ହଟେଇବା ସମୟରେ ପଥଚାରୀ ଓ ସ୍ଥାନୀୟ ଲୋକଙ୍କ ବିରୋଧ ଅସନ୍ତୋଷ ସୃଷ୍ଟି ହେବାରୁ ବିଭାଗର କର୍ମଚାରୀମାନେ ତରବରିଆ ଭାବେ ନୂତନ ନାମ ଫଳକ ଲଗାଇ ଚାଲିଯାଇଛନ୍ତି। ଫଳରେ ତରବରିଆ କାର୍ଯ୍ୟ ପାଇଁ ଏହା ଏବେ ବିପଦ ସୃଷ୍ଟି କରୁଛି। ଚଟାଣରେ ସଠିକ୍ ସିମେଣ୍ଟ ନଥିବାରୁ ପବନରେ ରାସ୍ତା ଆଡକୁ ଢ଼ଳି ରହୁଛି। କେଉଁ ଦିନ ଯଦି ଫଳକଟି ଭାଙ୍ଗିପଡ଼ିବ ଏହାଦ୍ୱାରା ଧନ ଜୀବନ ହାନି ଆଶଂକା ସୃଷ୍ଟି ହୋଇଛି। ପଥଚାରୀ ଓ ସ୍ଥାନୀୟ ଲୋକେ ବହୁବାର ବିଭାଗକୁ ଫଳକଟି ମରାମତି କିମ୍ବା ଖୋଲି ନେବାକୁ ଜଣାଇ ଆସୁଥିଲେ ମଧ୍ୟ ଗ୍ରାମ ଉନ୍ନୟନ ବିଭାଗ ଏହାକୁ କର୍ଣ୍ଣପାତ କରିନାହିଁ। ତୁରନ୍ତ ଏହାକୁ ମରାମତି କିମ୍ବା ଖୋଲି ନେବାକୁ ଅଞ୍ଚଳ ପକ୍ଷରୁ ନିବେଦନ ହୋଇଛି।

## ପାଠ ପଢିବାକୁ ଆସି ୩ ଛାତ୍ର ଗୁରୁତର

କଣାସ, (ଭାସ୍କର ନ୍ୟୁଜ୍) : କଣାସ ବ୍ଲକ ଅର୍ନ୍ତଗତ ଅଣ୍ଡାରସିଂହ ଗ୍ରାମପଞ୍ଚାୟତ ଅଣ୍ଡାରସିଂହ ଗ୍ରାମରେ ସ୍ଥାପିତ ସାରଥିବିଶ୍ୱାଳ ବିଦ୍ୟାପୀଠର ନବମ ଓ ଦଶମ ଶ୍ରେଣୀ ୩ଜଣ ଛାତ୍ର ଆଜି ରାସ୍ତା ଦୁର୍ଘଟଣାରେ ଶିକାର ହୋଇ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଖବରନେବାରେ ଜଣାପଡିଛି ନବମ ଶ୍ରେଣୀ ଛାତ୍ର ସୌମ୍ୟରଂଜନ ବିଶ୍ୱାଳ, ସଦାଶିବ ବିଶ୍ୱାଳ ଏବଂ ଦଶମ ଶ୍ରେଣୀ ଛାତ୍ର ସମ୍ବିତ୍ କୁମାର ଚମ୍ପତି ମଧ୍ୟାହ୍ନ ଭୋଜନ ଖାଇ ସାରି ବିଦ୍ୟାଳୟ ବାହାରେ ଥିବା ନଳକୂପରୁ ବାସନ ଧୋଇସାରି ଫେରୁଥିବା ସମୟରେ ଏକ ପାସେଞ୍ଜର ଅଟୋ ନଂ-ଓଡି୦୨ଏ.ଏଚ୍୫୪୮୮ ଗାଡିଟି ନୂଆଜଗନ୍ନାଥ ସଡକରେ ନିରାକାରପୁର ଆଡୁ ବ୍ରହ୍ମଗିରି ଅଭିମୁଖେ ଯାଉଥିବା ସମୟରେ ତିନି ଜଣ ଛାତ୍ରଙ୍କୁ



ଧକ୍କାଦେଇ ଥିଲା। ତିନି ଜଣ ଛାତ୍ର ଗୁରୁତର ଆହତ୍ ହୋଇଥିବାବେଳେ ପ୍ରଥମେ ସେମାନଙ୍କୁ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଦିଆଯାଇଥିଲା। ତନ୍ମଧ୍ୟରେ ଦୁଇଜଣ ଛାତ୍ରଙ୍କର ଅବସ୍ଥା ବିଶେଷ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତିରତ କରିଥିଲେ। ଖବର ପାଇ କଣାସ ଥାନା ଆଇଆଇସି ପ୍ରସନ୍ନ ନାୟକ ଘଟଣା ସ୍ଥଳରେ ପହଞ୍ଚି ଉତେଜନା ଲାଗିରହିଥିବାରୁ ଉତ୍ତେଜିତ ଲୋକମାନଙ୍କୁ ବୁଝାସୁଝା କରି ଅଟୋଟିକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଥିଲେ। ଏ ସଂପର୍କରେ ବିଦ୍ୟାଳୟର ଶିକ୍ଷକମାନଙ୍କୁ ପଚାରିବାରୁ ସେମାନେ କୌଣସି ଉତ୍ତର ଦେଇନଥିଲେ ।

## ଅସରାଏ ବର୍ଷାରେ ହରିହର ମିନି ଷ୍ଟାଡିୟମ ଜଳାର୍ଣ୍ଣବ: ଖେଳାଳି ଅସନ୍ତୋଷ

ଆସିକା,(ଭାସ୍କର ନ୍ୟୁଜ୍) : ଅସରାଏ ବର୍ଷାରେ ଜଳାର୍ଣ୍ଣବ ଗଞ୍ଜାମ ଜିଲ୍ଲା ଆସିକା ସହରର ହରିହର ମିନି ଷ୍ଟାଡିୟମ। ବର୍ଷା ପରେ ପଡିଆରେ ଦୀର୍ଘ ଦିନ ଧରି ଜମି ରହୁଛି ପାଣି। ଫଳରେ ଖେଳାଳି ବହୁ ଅସୁବିଧା ଭୋଗିବା ସହ ଖେଳ ଅଭ୍ୟାସରେ ବାଧା ସୃଷ୍ଟି ହେଉଛି। ଅନ୍ୟପଟେ ଖେଳ ପଡିଆରେ ଆଲୋକୀକରଣ ନଥିବା ଯୋଗୁଁ ଦୀର୍ଘ ଦିନ ଧରି ଖେଳ ପଡିଆରେ ଏହି ଭଳି ସମସ୍ୟା ଲାଗି ରହିଥିଲେ ମଧ ପ୍ରଶାସନ



ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉନଥିବା ନେଇ ବିଭିନ୍ନ ମହଲ ରୁ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଆଜିକୁ ଠିକ୍ ବର୍ଷକ ତଳେ ଏହି ଅଗଷ୍ଟ ମାସରେ ଆସିକା ଏନ୍ଏସିକୁ ୩୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ପୂର୍ବତନ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା କିଛି ବୁଦ୍ଧିଜୀବି ଅଭିଯୋଗ ଶୁଣାଣିରେ ଖେଳପଡିଆ ବୁଲି ଦେଖିବାକୁ ଅନୁରୋଧ କରିଥିଲେ। ଅସରାଏ ବର୍ଷାରେ ଉବୁଟୁବୁ ଖେଳ ପଡିଆ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଥିଲେ। ଏହି ପରିସ୍ଥିତିକୁ ହୃଦବୋଧ କରି ୩୩ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଖେଳାଳି ଭୋଗୁଛନ୍ତି ବହୁ ସମସ୍ୟା। ତେବେ ସମସ୍ୟା ନେଇ ପ୍ରଶାସନିକ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆଗକୁ ଦେଖିବାକୁ ବାକି ରହିଲା ଏହି ସମସ୍ୟାର ସମାଧାନ କେବେ ହେଉଛି।

## ଲାଞ୍ଚୁଆ ପୋଲିସ ବାବୁଙ୍କ ଭିଡ଼ିଓ ଭାଇରାଲ

କରଞ୍ଜିଆ, (ଭାସ୍କର ନ୍ୟୁଜ୍) : ଦିନ ଦ୍ୱିପହରେ ଖୁଲମଖୁଲା ଲାଞ୍ଚ ନେଉଛନ୍ତି ପୋଲିସ ବାବୁ। ଯାହା ଏବେ ମୋବାଇଲରୁ ମୋବାଇଲକୁ ଭାଇରାଲ ହେବାରେ ଲାଗିଛି। ଏ ବାବୁ ଜଣକ ହେଉଛନ୍ତି ମୟୁରଭଞ୍ଜ ଜିଲ୍ଲା ରରୁଆଁ ଥାନାରେ କାର୍ଯ୍ୟରତ ASI ମୀନକେତନ ପ୍ରଧାନ, ଗୋଟିଏ ମୋଟର ସାଇକେଲକୁ ରିଲିଜ କରିବାକୁ ୨ ହଜାର ଟଙ୍କା ଲାଞ୍ଚ ନେଉଛନ୍ତି। ତେବେ ଲୋକଙ୍କ ସରକାରରେ ଏଭଳି ଲାଞ୍ଚୁଆ ପୋଲିସ ବାବୁଙ୍କ ପାଇଁ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ତାହା ଦେଖିବାକୁ ବାକି ରହିଲା।

## 'ମାତୃ କ୍ଷୀରର ବିକଳ୍ପ ନାହିଁ'

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ଇନର ହୁଇଲ କ୍ଲବ୍ ଅଫ ସୁବର୍ଣ୍ଣରେଖା ରାଇବଣିଆ ପକ୍ଷରୁ ଜଳେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱସ୍ତନ ପାନ ସପ୍ତାହ ପାଳନ ଅବସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଆରତୀ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଜଳେଶ୍ୱର ସରକାରୀ ଡାକ୍ତରଖାନାରେ ମେଡିକାଲ ଅଫିସର ଡାକ୍ତର ମୋହନଲାଲ ମହାନ୍ତି ଯୋଗଦେଇ ମାତୃ କ୍ଷୀରର ବିକଳ୍ପ ନାହିଁ, ଏହି କ୍ଷୀର ଅମୃତ ସହିତ ସମାନ ବୋଲି ମତ ପ୍ରକାଶ କରିବା ସହିତ ବୈଜ୍ଞାନିକଭିତ୍ତିକ ଉଦାହରଣ ପ୍ରଦାନ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ପୂର୍ବତନ ସଭାପତି ସୁଷମା ରାଣୀ ଭୂୟାଁ, ମହାବିଦ୍ୟାଳୟର ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ, ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ, ଅବସରପ୍ରାପ୍ତ ଅଧ୍ୟାପିକା ସୁଷମା ଚନ୍ଦ, ଅଧ୍ୟାପିକା ବର୍ଷା ଦାସ, ଅଧ୍ୟାପିକା ବବିତା ଦାସ, କ୍ଲବର କୋଷାଧ୍ୟକ୍ଷ ରଞ୍ଜିତା ଭୂୟାଁ, ସଭ୍ୟା ସବିତା ପରିଡ଼ା ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଶାଳାରେ ୧୨୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗ ଦେଇଥିବାବେଳେ ରୋଟାରୀ କ୍ଲବର ଉପଦେଷ୍ଟା ସୁକୁମାର ରଣା ଅତିଥି ପରିଚୟ କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଏଚ୍ଆଇଭି କୁଇଜ୍ ପ୍ରତିଯୋଗିତା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସଦରମହକୁମାସ୍ଥ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଏଚ୍ଆଇଭି ଏଡ଼ସ ସମ୍ପର୍କିତ କୁଇଜ ପ୍ରତିଯୋଗିତା ଓସାକ୍ସ ଏବଂ ଜୁନିଅର ରେଡକ୍ରସ ପକ୍ଷରୁ ଆୟୋଜିତ ହୋଇ କୃତୀ ଛାତ୍ର ମୋତି ରାଇସେନ ହେମ୍ବ୍ରମ, ଓଏଭି ସାହାରପଡା, ଖାଲିଆମେଣ୍ଟା ଧନେଇ ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଭିଲିପ୍ସା ଦାସ ଶ୍ରେଷ୍ଠ ସ୍ଥାନ ବଜାୟ ରଖି ରାଜ୍ୟସ୍ତରୀୟ କୁଇଜ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ଏଡିଏମଓ ଡ଼ଃ ଲକ୍ଷ୍ମୀକାନ୍ତ ମହାନ୍ତ, ଏପିଡିଏଚଓ ଡ଼ଃ ନିଲମ ମହାନ୍ତି, ରେଡ଼କ୍ରସ ଜିଲ୍ଲା ଯୁଗ୍ମ ସମ୍ପାଦକ ଏଆର ଖାନ, ଜିଲ୍ଲାଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା, ପ୍ରଧାନ ଶିକ୍ଷକ ଜୟପ୍ରକାଶ ରାଉତ, ଜୁନିଅର ରେଡ଼କ୍ରସ ଅଫିସର ପ୍ରଶାନ୍ତ ପରିଡା, ଆଇସିଟିସି ସୁପରଭାଇଜର ବ୍ରହ୍ମାନନ୍ଦ ସାହୁ ଯୋଗ ଦେଇ ଏଡ଼ସର ଭୟାବହତା ଓ, ପ୍ରତିକାର ଓ ସଚେତନତା ସମ୍ପର୍କରେ ଜ୍ଞାତବ୍ୟ ତଥ୍ୟ ପ୍ରଦାନ କରିଥିଲେ। ବୃନ୍ଦାବନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡାରେ ବୃଦ୍ଧ ଗୁରୁତର

ଆଳି, (ଭାସ୍କର ନ୍ୟୁଜ)କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ନିଆଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶାଳିଅଞ୍ଚ ଗ୍ରାମର ଜଣେ ବୃଦ୍ଧ ଚାଷୀ ଚାଷ କାର୍ଯ୍ୟ ନିମନ୍ତେ ଦିଗୋଛିଆ ଛକ ନିକଟ ବିଲକୁ ଯାଇଥିବାବେଳେ ତାଙ୍କୁ ସେଠାରେ ଏକ ବିଷଧର ସାପ କାମୁଡି ଦେଇଥିବା ସୂଚନା ମିଳିଛି। ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ଥାନା ଶାଳିଅଞ୍ଚ ଗ୍ରାମର ସୁଶାନ୍ତ ରାଉତ(୬୫) ଆଜି ଚାଷ କାର୍ଯ୍ୟ ପାଇଁ ବିଲକୁ ଯାଇଥିଲେ। କାର୍ଯ୍ୟସାରି ଘାସ କାଟିବା ସମୟରେ ହଠାତ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ସାପ କାମୁଡ଼ି ଦେବା ପରେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।

## ବିଦ୍ୟାଳୟ ପରିସରରୁ ବୃକ୍ଷଛେଦନ ଅଭିଯୋଗ

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଦୈନନ୍ଦିନ ହଜାର ହଜାର ମାତ୍ରାରେ ଗଛକଟା ହେଉଥିବାରୁ ଦ୍ରୁତଗତିରେ ଜଳବାୟୁ ପରିବର୍ତ୍ତନକୁ ନେଇ ସାରା ବିଶ୍ୱ ଚିନ୍ତାରେ ପଡିଥିବାବେଳେ ସରକାର ଲକ୍ଷଲକ୍ଷ ମାତ୍ରାରେ ବୃକ୍ଷରୋପଣ କରିବାପାଇଁ ବ୍ୟାପକ ପ୍ରସ୍ତୁତି କରିଚାଲିଛନ୍ତି। ଗୋଟିଏ ବୃକ୍ଷ ଗୋଟିଏ ଜୀବନ ମର୍ମରେ ପିଲାମାନଙ୍କୁ ଶିକ୍ଷକ ପାଠ ପଢାଉଥିବାବେଳେ ଅନ୍ୟପଟେ ଗଛକାଟି ପରିବେଶକୁ କ୍ଷତି ପହଁଚାଇବା ଭଳିକାର୍ଯ୍ୟ କରିଚାଲିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ରଘୁନାଥପୁର ଶିକ୍ଷାମଣ୍ଡଳ ଅଧିନ ପୁରୁଣା ବସନ୍ତ ସିଦ୍ଧେଶ୍ୱରୀ ସରକାରୀ ଉପ୍ରା ବିଦ୍ୟାଳୟରେ। ବିଦ୍ୟାଳୟ ପରିସରରେ ଥିବା ଆମ୍ବ, ପଣସ ଓ ଅନ୍ୟାନ୍ୟ ମୂଲ୍ୟବାନ ଗଛଗୁଡିକ ରହି ଛାୟାପ୍ରଦାନ କରିଥାନ୍ତି। ପ୍ରଚଣ୍ଡ ରୌଦ୍ରତାପରୁ ଛୋଟଛୋଟ ପିଲାମାନଙ୍କ ଠାରୁ



ଆରମ୍ଭକରି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଏହି ବୃକ୍ଷଛାଇ ଦ୍ୱାରା ରକ୍ଷାପାଇବା ଛଡ଼ା ବିଦ୍ୟାଳୟ ପରିସରରେ ଶୀତଳ ପବନ ବହି ଶୁଦ୍ଧ ଅମ୍ଳଜାନ ଯୋଗାଇଥାଏ। ଏହି ବୃକ୍ଷଗୁଡିକରୁ ପ୍ରଧାନ ଶିକ୍ଷୟିତ୍ରୀ ଓ ଏସ୍ଏମ୍ କମିଟିର ସଭାପତି ମିଳିତ ସଲାସୁତରାରେ ଅତି ନୃଶଂସ ଭାବେ ଡାଳପତ୍ର ଛେଦନ କରି ବିଦ୍ୟାଳୟ ପରିବେଶକୁ ଏକପ୍ରକାର ଶ୍ରୀହୀନ କରି ପକାଇଥବବା ଅଭିଯୋଗ ହେଉଛି। ଏହାକୁ ନେଇ ଗ୍ରାମବାସୀ ଓ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ମାନେ ମୁଖ୍ୟମନ୍ତ୍ରୀ, ବିଧାୟକ ତିର୍ତ୍ତୋଲ, ଜିଲ୍ଲାପାଳ, ଜିଲ୍ଲାଶିକ୍ଷା ଅଧିକାରୀ, ମଣ୍ଡଳଶିକ୍ଷା ଅଧିକାରୀ, ତହସିଲଦାର, ଆଇଆଇସି ରଘୁନାଥପୁରଙ୍କୁ ଅଭିଯୋଗ କରିଥିବା ଜଣାଯାଇଛି। ଏହି ଡାଳ, ପତ୍ର ଓ କାଠକୁ ସେମାନେ ମଧ୍ୟାହ୍ନ ଭୋଜନ ରୋଷେଇରେ ବ୍ୟବହାର କରିବେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେବେ ମଧ୍ୟାହ୍ନ ଭୋଜନ ଜାଳେଣି ପାଇଁ ସରକାର ଟଙ୍କା ଦେଉଥିବାବେଳେ କିପରି ଗଛଗୁଡ଼ିକୁ ଜାଳେଣି ପାଇଁ ପ୍ରଧାନ ଶିକ୍ଷୟତ୍ରୀ କାଟି ପକାଇଲେ ତାହା ତଦନ୍ତ ସାପେକ୍ଷ। ଅନ୍ୟପକ୍ଷରେ ଏହି ସମ୍ପର୍କରେ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାସିନୀ ଦେହୁରୀଙ୍କୁ ପଚାରିବାରୁ ସେ ଗଛର ଡାଳପତ୍ର କାଟିଥିବା ସ୍ୱୀକାର କରିଛନ୍ତି।

## ଛାତ୍ରଛାତ୍ରୀଙ୍କ ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ

କଣିହାଁ, (ଭାସ୍କର ନ୍ୟୁଜ୍): ରାଜ୍ୟରେ ଛାତ୍ରୀ ,ମହିଳା ଅସୁରକ୍ଷିତ, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତକୁ ଦୃଷ୍ଟିରେ ରଖି ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କ ଆହ୍ୱାନକ୍ରମେ କଣିହାଁ ବ୍ଲକ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ କଣିହାଁ ବ୍ଲକ ଓ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ୧୨ଘଟିକା ସମୟରେ କଲେଜ ଛାତ୍ରଛାତ୍ରୀମାନେ କଣିହାଁ ମେଡିକାଲ ଠାରୁ ଏକ ଶୋଭାଯାତ୍ରାରେ ବାହାରି କଣିହାଁ ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବାସହ ପରେ କଣିହାଁ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ କଣିହାଁ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଣିହାଁ ପଞ୍ଚାୟତ ସମିତି ଅଧକ୍ଷ ରାମକୃଷ୍ଣ ପ୍ରଧାନ, ବିଜୁ ଯୁବ ଜନତା ଦଳର ନେତା ଲିପୁନା ଭୁକ୍ତା, ଅନୁଗୋଳ ଜିଲ୍ଲା ଛାତ୍ର ସଭାପତି ରାଜୀବ ,ଜିଲ୍ଲା ଉପ ସଭାପତି ଅମିତ ଓ କଣିହାଁ ମହାବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

## ୧୦୯ ପଞ୍ଜିକୃତ ଅଭିଯୋଗର ହେଲା ଶୁଣାଣି



ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜନ ଶୁଣାଣି ଶିବିରରେ ମୋଟ ୧୦୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୮ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨୧ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୬ଟି, ଆବାସ ଯୋଜନା ସମ୍ପର୍କୀୟ ୧୫ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୨ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ଟି, ଭତ୍ତା ପାଇବା ପାଇଁ ୧୭ଟି ଏବଂ ଅନ୍ୟାନ୍ୟ ୨୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜଗତସିଂହପୁର ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦାଶରଥି ଜେନା, ତହସିଲଦାର ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିରାଇଲୋ ପଞ୍ଚାୟତରେ ମେଗା ପାନୀୟ ଜଳ ଯୋଗାଣ ପାଇଁ ଏଲ୍ ଆଣ୍ଡ ଟି କମ୍ପାନୀ ପକ୍ଷରୁ ପଞ୍ଚାୟତରେ ଅଧା ପନ୍ତରିଆ ଅବସ୍ଥାରେ ପଡ଼ିଥିବା ପାଇପ ବିଛାଇବା କାର୍ଯ୍ୟକୁ ପୁଣି ତ୍ୱରାନ୍ୱିତ କରିବାକୁ ସୁବ୍ରତ ସାମନ୍ତ ଅଭିଯୋଗ କରିଛନ୍ତି। ସେହିପରି ପଞ୍ଚାୟତରେ ୧୦୭ ଜଣ ୪ ମାସ ହେବ ପାଇଖାନା ନିର୍ମାଣ କରିଥିଲେ ମଧ ଏଯାବତ୍ ତାଙ୍କୁ ଟଙ୍କା ମିଳୁନଥିବାର ଆମ୍ବିକ ସରପଞ୍ଚ ରଞ୍ଜନ କୁମାର ଜେଠି ଅଭିଯୋଗ କରିଛନ୍ତି। ଜପା ପଞ୍ଚାୟତ ଇରାବିଣା ଗ୍ରାମର କ୍ୟାନ୍ସର ପୀଡ଼ିତା ପ୍ରତିମା ସ୍ୱାଇଁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ସ୍ୱାମୀ ବାବୁ ସ୍ୱାଇଁ ନିବେଦନ କରିଛନ୍ତି। କେସିପୁର ପଞ୍ଚାୟତ ଭୀରଙ୍ଗ ଗ୍ରାମରେ ମେଗା ପାନୀୟଜଳ ଯୋଗାଣ ପାଇପ୍ ପକାଇବା ପାଇଁ ଏଲ୍ ଆଣ୍ଡଟି କମ୍ପାନୀ ରାସ୍ତାକୁ ଖୋଳି ଅଧାରେ ଛାଡ଼ିଦେଇ ଯାଇଥିବାର ବିଜେପି ନେତା ମାନସ ସ୍ୱାଇଁ ଅଭିଯୋଗ କରିଛନ୍ତି। ଭିନ୍ନକ୍ଷମ ସାର୍ଟିଫିକେଟ ପାଇଁ ଗତ ନଭେମ୍ବର ମାସରୁ ଆବେଦନ କରିଥିଲେ ମଧ ତାଙ୍କୁ ଏଯାବତ୍ ତାହା ମିଳିନଥିବାର ଢ଼ିଙ୍କିଆ ଗ୍ରାମର ମନୋରଞ୍ଜନ ନାୟକ ଅଭିଯୋଗ କରିଛନ୍ତି।

## ବିନା ସୁରକ୍ଷାରେ ବିପଦପୂର୍ଣ୍ଣ ଯାତ୍ରା

ଆଳି, (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଅନେକ ଅଞ୍ଚଳକୁ ଯାତାୟତ କରିବା ପାଇଁ ସଡ଼କ ପଥରେ ସୁବିଧା ନ ଥିବା ଯୋଗୁଁ ନିଜ ଲକ୍ଷ୍ୟସ୍ଥଳକୁ ଯିବା ପାଇଁ ଡ଼ଙ୍ଗାର ସହାୟତା ଲୋଡିଥାନ୍ତି। ଆଳି ଅଞ୍ଚଳରେ ଥିବା ଅନେକ ଘାଟରେ ବିପଦ ସଂକୁଳ ଭାବେ ଯାତ୍ରୀ ପରିବହନ କରାଯାଉଛି। କିନ୍ତୁ ସରକାରଙ୍କ ପକ୍ଷରୁ ଡଙ୍ଗାରେ ଯାତାୟାତ କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ଗାଇଡଲାଇନ ରହିଛି। ଆଳି ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୂଚନା ସୂତ୍ରରୁ ପ୍ରକାଶ ଯେ ଆଳି ଅଞ୍ଚଳରେ ମୋଟ ୮ଟି ଘାଟ ଦେଇ ସାଧାରଣ ଲୋକମାନେ ପାଖ ବ୍ଲକ ଯାଜପୁର, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକକୁ ଯାତାୟତ କରନ୍ତି। କିନ୍ତୁ ରାଇସରପୁର, ମାଣିକପାଟଣା, ବିଜୟନଗର, ଏକମାଣିଆ, ଗିରିବନ୍ଧର ବଳିତର ଘାଟ, କଳମଡା ଶାସନ, ସଂସିଧା, ଠାକୁରପାଟଣା ଠାରେ ଘାଟ ରହିଥିବା ବେଳେ ଡ଼ଙ୍ଗା ଚାଳକ କୌଣସି ସୁରକ୍ଷା ତଥା ବିନା ଲାଇଫ ଜ୍ୟାକେଟରେ ଯାତ୍ରୀ ପରିବହନ କରୁଥିବା ଦେଖିବାକୁ ମିଳିଛି। ଦୈନିକ ଡ଼ଙ୍ଗାରେ ଆବଶ୍ୟକତା ଠାରୁ ଅଧିକ ଲୋକେ ଏବଂ ବାଇକ ସମେତ ଦୈନନ୍ଦିନର ଆବଶ୍ୟକ ସାମଗ୍ରୀ ପରିବହନ ନେଇ ଯାତାୟାତ



କରିଥାନ୍ତି। ହେଲେ ଯାତ୍ରୀଙ୍କ ସୁରକ୍ଷା ପାଇଁ କିଟ୍ କିମ୍ବା ଲାଇଫ ଜ୍ୟାକେଟ ପ୍ରଦାନ କରାଯାଇନାହିଁ। ପ୍ରତିବର୍ଷ ଘାଟରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ନିଲାମ ହେଉଛି । କିନ୍ତୁ ସରକାରଙ୍କ ନିୟମାନୁଯାୟୀ ଘାଟ ଡଙ୍ଗା ପଞ୍ଜିକରଣ ପ୍ରମାଣ ପତ୍ର, ଘାଟିଆ ଚାଳକ ପ୍ରମାଣପତ୍ର, ବୋଟ ଧାରଣ କ୍ଷମତା ପ୍ରମାଣପତ୍ର, ଧାର୍ଯ୍ୟ ମାହସୁଲ ପ୍ରମାଣ ପତ୍ର, ଲାଇଫ୍ ଜ୍ୟାକେଟ, ପ୍ରାଥମିକ ଚିକିତ୍ସା କିଟ୍, ସୂଚନାଫଳକ ଭଳି କୌଣସି ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି। ଅପରପକ୍ଷେ ଘାଟରେ ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ଅଧିକ ସଂଖ୍ୟକ ଯାତ୍ରୀ ଅସୁରକ୍ଷିତ ଭାବେ ନଦୀପାର ହେଉଛନ୍ତି। ଖବର ସୂତ୍ରରୁ ପ୍ରକାଶ ଯେ ୨୦୨୩ ମସିହା ଏପ୍ରିଲ ମାସ ୨୭ ତାରିଖ ସକାଳ ୬ ଘଟିକା ସମୟରେ ଏକମାଣିଆ ଘାଟରେ ୨୪ ଜଣ ଯାତ୍ରୀଙ୍କୁ ନେଇ ଘାଟିଆ ସୁଦର୍ଶନ ଭରା ନଦୀ ଯାଉଥିବା ସମୟରେ ଡ଼ଙ୍ଗା ବୁଡିଯିବା ଫଳରେ ଯାତ୍ରୀମାନଙ୍କୁ ବଞ୍ଚାଇବାକୁ ଯାଇ ନିଜେ ମୃତ୍ୟୁବରଣ କରିଥିଲେ। ତାଙ୍କ ସହିତ ପଟ୍ଟାମୁଣ୍ଡାଇ ବେଲତଳ ଗ୍ରାମର ଜଣେ ୧୫ବର୍ଷର ଛାତ୍ର ଦେବେନ୍ଦ୍ର ମଧ ବୁଡ଼ିଯାଇ ପ୍ରାଣ ହରାଇଥିଲେ। ଏହିଭଳି ବହୁ ଛୋଟ ବଡ଼ ଡ଼ଙ୍ଗା ବୁଡ଼ିର ନଜିର ରହିଥିବା ବେଳେ ଆଜି ଯାଏଁ ଏଥିପ୍ରତି କାହାର ବି ଦୃଷ୍ଟି ଗୋଚର ହେଉନାହିଁ। ଅପରପକ୍ଷେ ବର୍ତ୍ତମାନ ଆଳି ବ୍ଲକର ୧୭ ପଞ୍ଚାୟତର ୭୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଜଳବନ୍ଦୀ ଥିବାବେଳେ କିଛି ସ୍ଥାନରେ ସରକାରଙ୍କ ତରଫରୁ ଡ଼ଙ୍ଗା ଯୋଗାଇ ଦିଆଯାଇଥିବା ବେଳେ କିଛି ସ୍ଥାନରେ ବେସରକାରୀ ଡ଼ଙ୍ଗା ଦୈନିକ ଶତାଧିକ ଲୋକଙ୍କୁ ବନ୍ୟାଜଳରେ ନଦୀପାର କରାଉଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଘାଟ ତ ଘାଟ ଏହି ଉକ୍ଟ ବନ୍ୟା ପରିସ୍ଥିତିରେ କୌଣସି ଗୋଟାଏ ସ୍ଥାନରେ ବି ସୁରକ୍ଷା ଦିଗକୁ ଧ୍ୟାନ ଦିଆ ଯାଉନାହିଁ। ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ଏ ସମସ୍ୟା ନେଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ରଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ସେ ଉକ୍ତ ଘାଟ ଗୁଡିକୁ ଉକ୍ତ ସର୍କଲର ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରିବା ପରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ବନ୍ୟାଞ୍ଚଳମାନଙ୍କରେ ବ୍ୟବହାର ହେଉଥିବା ଡଙ୍ଗା ସମ୍ବନ୍ଧରେ ସେ ଆଳି ବ୍ଲକ ବିଡିଓ ଅବିନାଶ ବିଶ୍ୱଜିତ ସେଠିଙ୍କ ସହ ଆଲୋଚନା କରି ସେଠାରେ ମଧ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

## ବିଜେପି ନେତା ପ୍ରଦୀପ ତ୍ରିପାଠୀଙ୍କ ପରଲୋକ



ପାରାଦୀପ, (ଭାସ୍କର ନ୍ୟୁଜ୍) : ଭାରତୀୟ ଜନତା ପାର୍ଟିର ପୂର୍ବତନ ମଣ୍ଡଳ ସଭାପତି ତଥା ପୁରାତନ ବିଜେପି ନେତା ପ୍ରଦୀପ କୁମାର ତ୍ରିପାଠୀ (୫୫)ଙ୍କର ମଙ୍ଗଳବାର ଦିନ ପରଲୋକ ହୋଇଯାଇଛି। ଦୀର୍ଘଦିନ ହେବ ସେ ମେରୁଦଣ୍ଡ କର୍କଟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ବଡଭାଇ ଦିଲୀପ ତ୍ରିପାଠୀ, ସାନଭାଇ ତପନ ତ୍ରିପାଠୀ, ବିପିନ ତ୍ରିପାଠୀ ଓ ପରିବାର ସ୍ୱଜନ ଉପସ୍ଥିତ ଥିଲେ। ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ତାଙ୍କ ଶେଷ ଦର୍ଶନ କରି ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ତ୍ରିପାଠୀ ବିଜେପି କୁଜଙ୍ଗ ମଣ୍ଡଳ ସଭାପତି ଭାବେ ୩ ବର୍ଷ କାର୍ଯ୍ୟ କରି ତୃଣମୂଳ ସ୍ତରରେ ଦଳର ସଂଗଠନକୁ ସୁଦୃଢ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରାଦୀପ ମଣ୍ଡଳ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ସର୍ବେଶ୍ୱର ଜେନାଙ୍କ ସମେତ ବହୁ ବିଜେପି ନେତା, ବନ୍ଧୁ ଓ ବୁଦ୍ଧିଜୀବୀ ଗଭୀର ଶୋକ ବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ତେବେ ତାଙ୍କ ଅକାଳ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରାଶିଫଳ

ଗୁରୁବାର, ୦୭ ଅଗଷ୍ଟ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।



**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । ବ୍ୟବସାୟରେ ବିକାଶ ସହିତ ନୂତନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ସହିତ ମନୋରଞ୍ଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡ଼ି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ। ମନେରଖନ୍ତୁ ଯେ ବକ୍ତବ୍ୟ ଆକ୍ରମଣାତ୍ମକ ନୁହେଁ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।



**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୌଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ୍ୟ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋତିଷ ଗୁରୁ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରିବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ବୌଦ୍ଧ(ଭାସ୍କର ନ୍ୟୁଜ୍): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ବୁରକଟା ଛକ ତଥା ଜାତୀୟ ରାଜପଥ ନଂ ୫୭ କଡରେ ଥିବା ଅଗଷ୍ଟି କର୍ମୀଙ୍କ ଦୋକାନର ତାଲା ଓ ଆଇବେଷ୍ଟର ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହେବା ପରେ ଜହ୍ନାପଙ୍କ ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଛି । ଅଭିଯୋଗ ଅନୁଯାୟୀ ରବିବାର ବିଳମ୍ବିତ ରାତିରେ ବୁରକଟା ଛକ ନିକଟରେ ଥିବା ଅଗଷ୍ଟି କର୍ମୀଙ୍କ ଦୋକାନର ତାଲା ଓ ଆଇବେଷ୍ଟର ଭାଙ୍ଗି କେହି ଦୁର୍ବୃତ୍ତ ଚକୋଲେଟ, ବିସ୍କୁଟ ଓ ଅନ୍ୟାନ୍ୟ ସାମଗ୍ରୀ ସହ ନଗଦ ୨ ହଜାର ଟଙ୍କା ଚୋରି କରି ନେଇଛି । ସକାଳ ୭ ଘଣ୍ଟା ସମୟରେ ଦୋକାନ ଖୋଲିବାକୁ ଆସି ଚୋରି ହୋଇଥିବା ଜାଣିବା ପରେ ଅଗଷ୍ଟି କର୍ମୀ ଜହ୍ନାପଙ୍କ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି । ପୂର୍ବରୁ ମଧ ଅନେକ ଥର ଉକ୍ତ ଦୋକାନରୁ ଚୋରି ହୋଇଥିବା ଯୋଗୁଁ ଘଟଣାକୁ ଗୁରୁତର ସହ ନେଇ ଫାଣ୍ଡି ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି । ତେବେ ଶୁକ୍ରବାର ଜହ୍ନାପଙ୍କ ମେଡିକାଲ ପରିସରରୁ ଚୋରି ଉଦ୍ୟମ, ଶନିବାର ତେଲିବାଛ ଛକ ବ୍ୟାଙ୍କ ସହାୟତା କେନ୍ଦ୍ର ଏବଂ ରବିବାର ଏହି ଚୋରି ଯୋଗୁଁ ଲୋକ ଆତଙ୍କିତ ଅବସ୍ଥାରେ ରହୁଛନ୍ତି । ପୋଲିସର ନିଷ୍କ୍ରିୟତା ଯୋଗୁଁ ଦିନକୁ ଦିନ ଅଞ୍ଚଳ ରେ ଚୋରି ବଢିବାରେ ଲାଗିଛି ।

# ନୂଆପଡ଼ାରେ ଜଳିବ ଲାଲ, ହଳଦିଆ ଓ ସାଗୁଆ ଲାଇଟ୍

## ■ଏକତା ଛକରେ ଟ୍ରାଫିକ ପୋଷ୍ଟ ଉଦ୍‌ଘାଟିତ



ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ଏଣିକି ଜଳିବ ଲାଲ, ହଳଦିଆ ଏବଂ ସାଗୁଆ ଲାଇଟ୍ । ନୂଆପଡ଼ା ଏକତା ଛକ ଠାରେ ଟ୍ରାଫିକ ପୋଷ୍ଟ ଉଦ୍‌ଘାଟିତ ହୋଇଯାଇଛି । ଟ୍ରାଫିକ ଦେଇ ଜିଲ୍ଲା ସଦର ମହକୁମା ରେ ପରିଚାଳିତ ହେବ ଯାତାୟତ ସେବା। ଦୁର୍ଘଟଣା ନିୟନ୍ତ୍ରଣ ସହିତ ଅକାରଣ ଜାମରୁ ମୁକ୍ତ ହେବେ ମହକୁମା ବାସୀ। ଆଜି ଟ୍ରାଫିକ ସେବା ଉଦ୍‌ଘାଟନ କରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଯାନବାହାନ ଚଳାଚଳ କରିବାକୁ ସତର୍କତା ଅବଲମ୍ବନ କରିବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲିସ ଆରକ୍ଷୀ ଅଧିକ୍ଷକ ଜିଆର ରାଘବେନ୍ଦ୍ର, ନୂଆପଡ଼ା ଏନ୍ ଏ ସି ଅଧକ୍ଷ ଆଦମ ଖାନ୍, ଉପାଧକ୍ଷ ସଂଯୁକ୍ତା ପଣ୍ଡା, ନିର୍ବାହୀ ଅଧିକାରୀ କୁରୁକ୍ଷେତ୍ର ନାଏକ, ଶିବୁ ପାତ୍ର, ମଲୟ ରଞ୍ଜନ ମଣ୍ଡଳ, ଯାଜ୍ଞସେନୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ୫ ମୋବାଇଲ ଜବତ,ଜଣେ ଗିରଫ



ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): ଓରିଏଣ୍ଟ ଥାନା ସାନସୋଇ ଅଞ୍ଚଳର ଜନ୍‌କେୟ ପ୍ରଧାନ ଦେଇଥିବା ଅଭିଯୋଗ ଅନୁଯାୟରେ ପୋଲିସ ଆଜି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବ୍ରଜରାଜନଗର ଷ୍ଟେସନ ପଡ଼ାର ଦୀପକ ସିଂହ (୨୫)। ପୋଲିସ ତାଙ୍କ ନିକଟରୁ ୫ଟି ମୋବାଇଲ ଓ ଗୋଟିଏ ବ୍ଲୁଟୁଥ ଇୟର ଫୋନ ଜବତ କରିଥିବା ସୂଚନା ମିଳିଛି।

# ଜନମନ ଯୋଜନାରେ ସାମିଲ ପାଇଁ ଭୂଞ୍ଜିଆ ସମ୍ପ୍ରଦାୟର ୩ ପଞ୍ଚାୟତବାସୀଙ୍କ ଦାବିପତ୍ର




ନୂଆପଡ଼ା(ଭାସ୍କର ନ୍ୟୁଜ୍): ଆଦିମ ଜନଜାତି ଭୂଞ୍ଜିଆ ସମ୍ପ୍ରଦାୟର ଲୋକେ ନୂଆପଡ଼ା ଜିଲ୍ଲାର ବିଭିନ୍ନ ବ୍ଲକର ୨୧ ଗାଁରେ ବସବାସ କରନ୍ତି। ସେମାନଙ୍କ ପାଇଁ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ତିଆରି କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଜିଲ୍ଲାର କେତେକ ପଞ୍ଚାୟତର ଭୂଞ୍ଜିଆ ଏଥିରେ ସାମିଲ ହୋଇଥିବାବେଳେ କୋମନା ଓ ବୋଡେନ ବ୍ଲକର ୩ ପଞ୍ଚାୟତର ଭୂଞ୍ଜିଆ ସମ୍ପ୍ରଦାୟ ଅବାସରୁ ଏଥିରୁ ବଞ୍ଚିତ ହୋଇଛନ୍ତି। ମଙ୍ଗଳବାର ଏହି ୩ ପଞ୍ଚାୟତର ଭୂଞ୍ଜିଆ ସମ୍ପ୍ରଦାୟ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏସ୍‌ଓପି ଏଫ୍ ନଂ-୧୮୦୧୫/୨୮/୨୦୨୨ରେ ପିଭିଟିଜି ମାଧ୍ୟମରେ ଜାରି ବିଜ୍ଞପ୍ତି ଅନୁଯାୟୀ ଆଦିମ ଜନଜାତି ଭୂଞ୍ଜିଆ ସମ୍ପ୍ରଦାୟର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ତିଆରି କରିବା ପାଇଁ ଦିଆଯିବ। ସେହି ଅନୁଯାୟୀ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କର୍ମଚାରୀ ଘର ଘର ବୁଲି ସର୍ଭେ କରି କିଯ୍ୟୋଗ ମଧ କରିଛନ୍ତି। ଏହି ଯୋଜନାରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତର ଭୂଞ୍ଜିଆ ମାନଙ୍କୁ ସାମିଲ କରି ଘର ଦିଆଯାଉଛି। ହେଲେ କୋମନା ବ୍ଲକର ଦେଓଦର୍ହା ଓ ରଜନା ପଞ୍ଚାୟତ, ବୋଡେନ ବ୍ଲକର ନାଗପଡା ପଞ୍ଚାୟତରେ ବସବାସ କରୁଥିବା ଭୂଞ୍ଜିଆମାନେ ବଞ୍ଚିତ ରହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ନୂଆପଡା ଜିଲ୍ଲାର ୨୧ ଗାଁରେ ବସବାସ କରୁଥିବା ସବୁ ଭୂଞ୍ଜିଆ ଏକ ପ୍ରକାର। ଆଧାର କାର୍ଡ, ଭୋଟର କାର୍ଡ, ଜମି ପଟ୍ଟା ଭଳି ପ୍ରମାଣପତ୍ରରେ ମଧ ଗୋଟିଏ ଭୂଞ୍ଜିଆ ଲେଖାଯାଇଛି। ଏହି ବିଷୟରେ ପୂର୍ବରୁ ଜିଲ୍ଲା ପ୍ରଶାସନଠାରୁ ପୂର୍ବ ସରକାରଙ୍କୁ ଅବଗତ କରାଯାଇଥିଲା। ଯାହା ଫଳରେ କୋଭିଡ଼-୧୯ ସମୟରେ ତଦନ୍ତ କରି ୫ ପଞ୍ଚାୟତର ଭୂଞ୍ଜିଆଙ୍କୁ ୫ ହଜାର ଟଙ୍କା ଲେଖାଏ କରୁଣା ସହାୟତା ମିଳିଥିଲା। ଏବେ ୨ ପଞ୍ଚାୟତର ଲୋକେ ସୁବିଧା ପାଉଥିବାବେଳେ ୩ ପଞ୍ଚାୟତର ଭୂଞ୍ଜିଆମାନଙ୍କୁ କେଉଁ କାରଣରୁ ବଞ୍ଚିତ କରାଯାଉଛି ବୋଲି ପ୍ରଶ୍ନ କରି ଯୋଜନାରେ ସାମିଲ କରାଯାଉ ବୋଲି ଦାବି କରିଛନ୍ତି। ଏହି ସମୟରେ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ, ଜୟ ସିଂ ଚିନ୍ଦା, ଅତବଲ ଚିନ୍ଦା, ଦେବରାଜ ଚିନ୍ଦା, ଟିକଚନ ଚିନ୍ଦା, ଘାସିରାମ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀଗାଁରେ ଖୋଲିଲା ସେଣ୍ଟ୍ରାଲ ବ୍ୟାଙ୍କ



ରାଇଘର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଦୁର୍ଗମ ତଥା ନକ୍ସଲ ପ୍ରବଣ ଅଞ୍ଚଳ ଭାବେ ପରିଚିତ ହାତୀଗାଁ ଠାରେ ଆଜି ସେଣ୍ଟ୍ରାଲ ବ୍ୟାଙ୍କର ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି । ଘର ନିକଟରେ ବ୍ୟାଙ୍କ ସେବା ପାଇ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି । ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଯୋଗଦେଇ ହାତପାହାନ୍ତିରେ ସମସ୍ତ ବ୍ୟାଙ୍କ ସୁବିଧା ପାଇପାରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି । ଆଗରୁ ପେନସନ ଟଙ୍କା, ଆବାସ ଘର ଟଙ୍କା ଓ ଅନ୍ୟାନ୍ୟ ବ୍ୟାଙ୍କ କାର୍ଯ୍ୟ ପାଇଁ ସେଠାରେ କ୍ୟୁଓସ୍କୋ ବ୍ୟାଙ୍କ ଥାଇ ସୁଦ୍ଧା ୨୦ କିଲୋମିଟର ଦୂର ରାଇଘରକୁ ଆସିବାକୁ ପଡୁଥିଲା । ବିଶେଷ କରି ବୁଢାବୁଢ଼ୀ ଓ ବିକଳାଙ୍ଗ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ । ବର୍ତ୍ତମାନ ଏଠାରେ ଏହି ବ୍ୟାଙ୍କ ଖୋଲା ଯିବା ଦ୍ୱାରା ମୌଳିକ ସମସ୍ୟା ଆଉ ହେବନାହିଁ ବୋଲି ଅଧକ୍ଷ ଶ୍ରୀ ଝଙ୍କାର ପ୍ରତିକ୍ରିୟା ରଖିଥିଲେ । ଏଥିସହ ଏହି ଉଦ୍‌ଘାଟନୀ ଉତ୍ସବ ରେ ଅନ୍ୟ ସମ୍ମାନିତ ଅତିଥିଭାବେ ସ୍ଥାନୀୟ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ହାତୀଗାଁ ସରପଞ୍ଚ ମହେଶ ଗଣ୍ଡ, ସମ୍ବଲପୁର ରିଜନାଲ ମୁଖ୍ୟ ଦିବ୍ୟନ୍ଦୁ କୁମାର, ହାତୀଗାଁର ବ୍ୟାଙ୍କ ଶାଖାପରିଚାଳକ ସୌମ୍ୟ ମିଶ୍ରଙ୍କ ସମେତ ପଞ୍ଚାୟତର ବହୁ ମାନ୍ୟଗଣ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଟ୍ରାନ୍ସଫର୍ମର ଚୋରିରେ ଟେମ୍ପୁ ଗାଡ଼ି ସହ ଡ୍ରାଇଭର ଗିରଫ

କୋଷାଗୁମୁଡା(ଭାସ୍କର ନ୍ୟୁଜ୍): କୋଷାଗୁମୁଡା ବିଦ୍ୟୁତ ଯନ୍ତ୍ରୀଙ୍କ ଏତଲାକୁ ଭିତ୍ତି କରି କୋଷାଗୁମୁଡା ଥାନାଧିକାରୀ ଉମେଶ ଚନ୍ଦ୍ର ନାୟକ ଟ୍ରାନ୍ସଫର୍ମର ଚୋରି ଘଟଣାରେ ଜଣେ ଟେମ୍ପୁ ଚାଳକକୁ ଧରିବା ସହ ଟ୍ରାନ୍ସଫର୍ମର ଓ ଟେମ୍ପୁକୁ ଜବତ କରିଛନ୍ତି । ଘଟଣାଟି ହେଉଛି ନେଇଗାଁ ଠାରେ ଥିବା ଏକ ଟ୍ରାନ୍ସଫର୍ମରକୁ କୋଟପାଡ଼ରୁ ଜଣେ ଟେମ୍ପୁ ସହ ଆସି କିଛି ସ୍ଥାନୀୟ ଯୁବକଙ୍କ ସହ ଚୋରି କରି ନେଇଯାଉଥିବା ସମୟରେ ପୋଲିସ ମାଡି ବସିଥିଲା । ଏହି ଧରପଗଡ଼ ରେ କେବଳ ଟେମ୍ପୁ ଚାଳକ ଧରାପଡିଥିବା ବେଳେ ଆଉ ୩ଜଣ ଚମ୍ପଟ ମାରି ପଳାଇଥିଲେ । ବର୍ତ୍ତମାନ ଟେମ୍ପୁ ସହ ଟ୍ରାନ୍ସଫର୍ମରକୁ ବଡ଼ଆମ୍ବଡା ପୋଲିସ ଫାଣ୍ଡିରେ ରଖାଯାଇଥିବା ବେଳେ ଅଭିଯୁକ୍ତ ନାମରେ ୧୫୭/୨୫ରେ ଧାରା ୩୦୩(୩) ବିଏନଏସରେ ମାମଲା ରୁଜୁ କରି ଥାନାଧିକାରୀ ଶ୍ରୀ ନାୟକ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଯଥା ଶୀଘ୍ର ଧରିବା ପାଇଁ ଅନୁସନ୍ଧାନ ଜାରୀ ରଖିଛନ୍ତି ବୋଲି ଜଣାପଡ଼ିଛି ।

# ନକଲି ବିଦେଶୀ ମଦ କାରବାର ଅଭିଯୋଗରେ ଜଣେ ଗିରଫ





ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ପୋଲିସ ଗତକାଲି ସନ୍ଧ୍ୟାରେ ପାଟ୍ରୋଲିଂ କରୁଥିବା ସମୟରେ ଗଣେଶ ନଗର ଅଞ୍ଚଳର ଗୋଟିଏ ଦୋକାନରେ ନକଲି ବିଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି କରୁଥିବା ସମ୍ବନ୍ଧରେ ଖବର ପାଇଥିଲା । ପୋଲିସ ଚଢଉ କରି ଏହି ଘଟଣାରେ ପ୍ରମୋଦ କୁମାର ସାହୁକୁ ଗିରଫ କରିଛି। ଏହା ସହିତ ପୋଲିସ ଘଟଣାସ୍ଥଳରୁ ୨ଟି ୫ ଲିଟର ଜାରକିନ, ଗୋଟିଏ ସ୍ପିରିଟ ବୋତଲ, ୧ କେଜି ୟୁରିଆ ସାର, ୧୮୦ ଏମଏଲ ୧୧ଟି ଇମ୍ପେରାଲ ବ୍ଲୁ ଭର୍ତ୍ତି ବୋତଲ, ୧୮୦ ଏମଏଲ ୬ଟି ଷ୍ଟର୍ଲିଙ୍ଗ ରିଜର୍ଭ ବି୭ ଭର୍ତ୍ତି ବୋତଲ, ୯୦ ଏମଏଲ ୧୨ଟି ଇମ୍ପେରାଲ ବ୍ଲୁ ଭର୍ତ୍ତି ବୋତଲ, ୭ଟି କିଙ୍ଗଫିସର ବିୟର ଭର୍ତ୍ତି ବୋତଲ, ବିଭିନ୍ନ ପ୍ରକାରର ଖାଲି ବୋତଲ ଆଦି ଜବତ କରିଛି। ଅପରପକ୍ଷରେ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର



ନବରଙ୍ଗପୁର(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୭୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୬୯ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୬ଟି ଗ୍ରାମ୍ୟ ତଥା ସାମୂହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୁଖ୍ୟତଃ ଭତ୍ତା, ଆବାସ ଗୃହ,ଜମି ପଟ୍ଟା ଉପରେ ଥିଲା।

# ଦଣ୍ଡବମରେ ସରିଲା ଶେଷ ସୋମବାର



ଚନ୍ଦାହାଣ୍ଡି (ଭାସ୍କର ନ୍ୟୁଜ୍): ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ଚନ୍ଦାହାଣ୍ଡି ବ୍ଲକ ର ପ୍ରତେକ ଶୈବ ପୀଠ ରେ ବୋଲବମ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମାସର ଶେଷ ସୋମବାର ହୋଇଥିବାରୁ ଅନେକ କାଉଡିଆ ଭକ୍ତ ମାନେ ନିଜ ନିଜ ଗ୍ରାମ ର ଶିବ ମନ୍ଦିରରେ ଜଳାଭିଷେକ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଚନ୍ଦାହାଣ୍ଡି ବ୍ଲକ ବରୀଗୁଡା ଗ୍ରାମରେ ମଧ କାଉଡିଆଙ୍କ ଏକ ଅଭିନବ ଉପାୟରେ ଜଳାଭିଷେକ କରିଥିବା ଦେଖିବାକୁ ମିଳଥିଲା। ସକାଳୁ ମୋହରା ସ୍ଥିତ ଏକ ନଦୀରୁ ଜଳ ଉଠାଇବା ସହ ଦଣ୍ଡବମ ମାଧ୍ୟମରେ ପ୍ରାୟ ଦୁଇକିଲୋମିଟର ପର୍ଯ୍ୟନ୍ତ ରାସ୍ତାରେ ଗଡି ଗଡି ବରୀଗୁଡା ଠାରେ ଥିବା ହରିହର ମନ୍ଦିରରେ ପହଞ୍ଚି ଶିବ ଙ୍କ ଉପରେ ଜଳାଭିଷେକ କରିଥିଲେ। ଏହି ଦଣ୍ଡ ବମ ସମୟରେ ଗ୍ରାମର ସମସ୍ତ ମହିଳା ଝିଅ ଏବଂ ପୁରୁଷ ମାନେ ପ୍ରତ୍ୟେକ ଘର ଦୁଆର ସାମନା ରେ ରହି ଭକ୍ତ ମାନଙ୍କୁ ବାଲଟି ବାଲଟି ପାଣି ଢାଳି ରାସ୍ତା ପରିଷ୍କାର କରିବା ସହ କାଉଡିଆ ମାନଙ୍କ ଉପରେ ପାଣି ଢାଳି ସେମାନଙ୍କୁ ଉତ୍ସାହିତ କରିଥିବା ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁମାନେ ନିଜସ୍ୱ ଇଚ୍ଛା ରେ ଥଣ୍ଡା ଜଳ ସହ ଅନାନ୍ୟା ସାମଗ୍ରୀ ପ୍ରସାଦ ସେବନ କରିବା ପାଇଁ ପ୍ରଦାନ କରିଥିଲେ। ମୁସଲମାନ ଭାଇ ମାନେ ମଧ ଏକ ଭାଇଚାରାର ପରିଚୟ ଦେଇ କାଉଡିଆଙ୍କ ଉପରେ ପାଇପ ମାଧ୍ୟମରେ ଜଳ ଢାଳିଥିବା ଦେଖିବାକୁ ମିଳିଥିଲା। ବ୍ଲକର ସମସ୍ତ ଶୈବ ପୀଠରେ ଶାନ୍ତି ଶୃଙ୍ଖଳା ସହ ଶେଷ ସୋମବାରଟି ସରିଥିବା ଦେଖିବାକୁ ମିଳିଥିଲା।

# ପ୍ରାଥମିକ ତାଲିମ୍ ସେବା ଶିବିର



କନ୍ଧମାଳ(ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ବିଳାସପୁର ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଜୁନିଅର ରେଡ଼କ୍ରସ୍ ଆନୁକୁଲ୍ୟରେ ପ୍ରାଥମିକ ତାଲିମ୍ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି ।ପ୍ରଧାନ ଶିକ୍ଷକ ଚଣ୍ଡୀ ପ୍ରସାଦ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ବିପର୍ଯ୍ୟୟ ପରିଚାଳନା ସାଧନା କର୍ମୀ ବନମାଳୀ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ହଠାତ୍ ମୂର୍ଚ୍ଛା ହେବା,ସାପ କାମୁଡା, ନିଆଁରୁ ରକ୍ଷା ପାଇବା ପାଇଁ ପ୍ରତିରକ୍ଷାତ୍ମକ ବ୍ୟବସ୍ଥା ତଥା ମୁଣ୍ଡ ଫଟା,ରକ୍ତସ୍ରାବର ତତ୍କାଳ ଚିକିତ୍ସା ଓ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଜୁନିଅର ରେଡକ୍ରସ୍ ପରାମର୍ଶଦାତା ସସ୍ମିତା ପାତ୍ର ସଂଯୋଜନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିଲେ। ପରିଶେଷରେ କ୍ରୀଡ଼ା ଶିକ୍ଷକ ଆଦିନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଓରମାସ୍ ପକ୍ଷରୁ ରାକ୍ଷୀ ମହୋତ୍ସବ ଆୟୋଜିତ



ରାୟଗଡ(ଭାସ୍କର ନ୍ୟୁଜ୍): ରକ୍ଷା ବନ୍ଧନର ପବିତ୍ର ଅବସରରେ ଓଡ଼ିଶା ଗ୍ରାମୀଣ ବିକାଶ ଏବଂ ମାର୍କେଟିଂ ସୋସାଇଟି (ଓରମାସ), ରାୟଗଡ ତରଫରୁ ଜିଲ୍ଲାପରିଷଦ ରାୟଗଡ଼ ସହଯୋଗରେ ଟ୍ରାଇବାଲ୍ ୱାର୍ଲ୍ଡ, ଆଇଟିଡିଏ, ରାୟଗଡା ସମ୍ମୁଖରେ ୫ରୁ ୯ ଅଗଷ୍ଟ ୨୦୨୫ପର୍ଯ୍ୟନ୍ତ ଏକ 'ରାକ୍ଷୀ ମହୋତ୍ସବ' ଆୟୋଜନ କରୁଛି। ଏହି ମହୋତ୍ସବ ଗ୍ରାମୀଣ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀ ମାନଙ୍କ ହସ୍ତନିର୍ମିତ ରାକ୍ଷୀ, ପରିବେଶ ଅନୁକୂଳ ଉତ୍ପାଦ, ପାରମ୍ପରିକ ହସ୍ତଶିଳ୍ପ ଏବଂ ସ୍ୱଦେଶୀ ଖାଦ୍ୟ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ କରିବା ପାଇଁ ଏକ ସକ୍ରିୟ ପ୍ଲାଟଫର୍ମ ପ୍ରଦାନ କରିବା ପାଇଁ ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଗ୍ରାମୀଣ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା, ମହିଳା କାରିଗରମାନଙ୍କୁ ସଶକ୍ତ କରିବା ଏବଂ ଗ୍ରାହକମାନଙ୍କ ସହିତ ସିଧାସଳଖ ଯୋଡ଼ି ସ୍ଥାୟୀ ଜୀବିକାକୁ ସମର୍ଥନ କରିବା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ, ରାୟଗଡ଼ା, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ରାୟଗଡ଼ ରମେଶ କୁମାର ଜେନା, ରାୟଗଡ଼ାର ପ୍ରକଳ୍ପ ପ୍ରଶାସକ,ଆଇଟିଡିଏ, ଚନ୍ଦ୍ରକାନ୍ତ ମାଝୀ, ତାସିଲିଂଦାର, ପ୍ରିୟଦର୍ଶିନୀ ସ୍ୱାଇଁ, ରାୟଗଡ଼ାର ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ, ଏବଂ ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡିଶା ଜୀବିକା ମିଶନ , ରାୟଗଡ଼ା ଏବଂ ସିନିୟର ଲେଖାପାଳ ଓରମାସ, ରାୟଗଡ଼ା ଏବଂ FPOSର ଓରମାସ ଟିମ୍ ଏବଂ ସିଇଓଙ୍କ ଉପସ୍ଥିତ ଥିଲେ । ଜିଲ୍ଲା ସାରା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ପିଜି ଦ୍ୱାରା ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ବାଉଁଶ ରାକ୍ଷୀ, ଜୈବିକ ଉତ୍ପାଦ, ବାଜରା ଆଧାରିତ ଖାଦ୍ୟ, ଔଷଧୀୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ପାରମ୍ପରିକ ହସ୍ତଶିଳ୍ପ ପ୍ରଦର୍ଶନ ଏବଂ ବିକ୍ରୟ କରାଯାଉଛି। ଏହି ଉତ୍ସବ କେବଳ ରକ୍ଷା ବନ୍ଧନର ସାଂସ୍କୃତିକ ମହତ୍ତ୍ୱକୁ ପାଳନ କରେ ନାହିଁ ବରଂ ପରିବେଶ ଅନୁକୂଳ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରେ। ସ୍ଥାନୀୟ କାରିଗରମାନଙ୍କୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଉତ୍ସାହିତ କରେ। ଓରମାସ ଏବଂ ଜିଲ୍ଲା ପ୍ରଶାସନ ରାୟଗଡ଼ାର ନାଗରିକମାନଙ୍କୁ ମହୋତ୍ସବ ପରିଦର୍ଶନ କରିବାକୁ ଏବଂ ଗ୍ରାମୀଣ ଉତ୍ପାଦକମାନଙ୍କ ଉତ୍ପାଦ କ୍ରୟ କରି ସେମାନଙ୍କ ସଶକ୍ତିକରଣରେ ଯୋଗଦାନ ଦେବାକୁ ଅନୁରୋଧ କରୁଛନ୍ତି ।

## ବାଲିମେଳା ଛକରେ ଟ୍ରାଫିକ ସିଗ୍ନାଲ ଲାଇଟ୍ ଶୁଭାରମ୍ଭ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ବାଲିମେଳା ଛକ ଠାରେ ଟ୍ରାଫିକ ସିଗ୍ନାଲ ଲାଇଟ୍‌ର ଶୁଭାରମ୍ଭ କରିଛନ୍ତି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ । ଏହାଦ୍ୱାରା ବାଲିମେଳା ଛକଠାରେ ଲାଗିରହିଥିବା ଟ୍ରାଫିକ ସମସ୍ୟା ଦୂର ହୋଇ ପାରିଛି ଓ ଏହାଦ୍ୱାରା ସହର ବାସୀ ଉପକୃତ ହୋଇପାରିବେ । ଏହି ଅବସରରେ ପୌର ପରିଷଦ ଅଧକ୍ଷ ମନୋଜ ବାରିକ, ଉପାଧକ୍ଷ କବିତା ମାହନ୍ତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକଙ୍କ ସମେତ ସମସ୍ତ ୱାର୍ଡର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।

# ଓଡ଼ିଶା ରାଜସ୍ୱ ଅମଲା ସଂଘର ଆନ୍ଦୋଳନ ନିଷ୍ପତ୍ତି

ନବରଙ୍ଗପୁର (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜସ୍ୱ ଅମଲା ସଂଘର ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୯ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କର ଆହେତୁକ ବିଳମ୍ବ ହେତୁ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ର ନିଷ୍ପତ୍ତି ଅନୁସାରେ ରାଜ୍ୟ ର ସମସ୍ତ ୨୧ ଗୋଟି ସାଂସଦ ଏବଂ ୧୪୭ ଗୋଟି ବିଧାୟକ ମାନଙ୍କୁ ଦାବି ଗୁଡିକ ବିଷୟରେ ଅବଗତ କରାଇବା ଏବଂ ସରକାରଙ୍କ ପାଖରେ ଏହି ଦାବିଗୁଡିକୁ ପହଞ୍ଚାଇବା ସକାଶେ ନିଷ୍ପତି ନିଆଯାଇଥିଲା । ଏହି ପରିପ୍ରେକ୍ଷୀରେ, ଆଜି ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା, ନବରଙ୍ଗପୁର ସଭାପତି ଆଶୁତୋଷ ମହାନ୍ତିଙ୍କ ନେତୃତ୍ୱରେ ଦଶଦଫା ଦାବି ସମ୍ବଳିତ ଦାବିପତ୍ର ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଗୌରୀ ଶଙ୍କର ମାଝୀଙ୍କୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା ଓ ପ୍ରକାଶଥାଉକି, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କର ଦୀର୍ଘଦିନର ଦାବି ପୂରଣ କରିବା ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ପୋଷଣ କରୁଥିବା ଯୋଗୁଁ ଜିଲ୍ଲା ସ୍ତରରେ ଅମଲାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଦାବିଗୁଡିକ ମଧ୍ୟରେ ମୁଖ୍ୟତଃ, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ORSP- ୨୦୧୭ ନିୟମ ଅନୁଯାୟୀ ଲେବେଲ-୯ କୁ ବୃଦ୍ଧି କରାଯାଉ । ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ପତ୍ର ସଂଖ୍ୟା :- ୮୮୯୮ ତାରିଖ – ୧୫-୦୩-୨୦୨୪ ଅନୁଯାୟୀ ସମସ୍ତ ଜିଲ୍ଲାପାଳ ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯାଉ । ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯାଉ । ୨୦୨୦ ମସିହାରେ ଲାଗୁ କରାଯାଇଥିବା ପୁନଃ ଥଇଥାନ ଯୋଜନାର ନିୟମାବଳୀକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇ ୧୯୯୦ ମସିହା ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତାଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯାଉ । ଓଡ଼ିଶା ରାଜସ୍ୱ ସେବା ପଦ୍ଧତି ରେ ରାଜସ୍ୱ ଅମଲାମାନଙ୍କୁ ସତ ପ୍ରତିଶତ ପଦୋନ୍ନତି ଦିଆଯାଉ । ନୂତନ ପେନସନ ଯୋଜନାକୁ ରଦ୍ଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ଏବଂ ବିଭିନ୍ନ ମାଧ୍ୟମରେ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ମଧ ହୋଇସାରିଛି । କିନ୍ତୁ ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ପରେ ମଧ ବର୍ତ୍ତମାନ ଯାଏଁ ଫଳ ଶୂନ୍ୟ ହୋଇଅଛି । ଏହି ପରିପ୍ରେକ୍ଷୀରେ,ରାଜ୍ୟ ସରକାର ଆଗାମୀ ୧୦ ଅଗଷ୍ଟ ୨୦୨୫ ତାରିଖ ମଧ୍ୟରେ ଉପରୋକ୍ତ ଦାବିଗୁଡିକ ପୂରଣ ନ କରନ୍ତି ତାହେଲେ, ରାଜ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକରେ ଗୃହୀତ ହୋଇଥିବା ନିଷ୍ପତ୍ତି ଅନୁସାରେ ଅଗଷ୍ଟ ୧୧ ତାରିଖ ଠାରୁ ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି, ସମ୍ପାଦକ ମୈଥିଲୀ ପଟ୍ଟନାୟକ ପ୍ରକାଶ କରିଥିଲେ। ଏହି ଅବସରରେ ରାଜ୍ୟ ସଭାପତି ତ୍ରିପତି ବାଲାଜି ସାହୁ, ଖଣ୍ଡୀୟ ଉପସଭାପତି କୈଲାଶ ଚନ୍ଦ୍ର ଦାଶ, ନିତେଶ ରଥ, ବୈକୁଣ୍ଠନାଥ ନାୟକ, ପଦଲାମ ଭତ୍ରା , ସୌରଭ ଦାସ, ଧନୁର୍ଜୟ ମାଝୀ ସାଗର ଚୌଧୁରୀ, ସତ୍ୟ ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଶହୀଦ୍ ନରସିଂ ଡମ୍ ସମାଜକୁ ଆଦିବାସୀ ମାନ୍ୟତା ପାଇଁ ଜନ ସମାବେଶ



ମାଲକାନାଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ବ୍ଲକ ଶହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ମାଲକାନଗିରି ବ୍ଲକ ପଦ୍ମଗିରି ଧାନ ମଣ୍ଡି ଠାରେ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ଆଜିର ଶହୀଦ୍ ନରସିଂ ଡମ୍ ସମାଜ କାର୍ଯ୍ୟକ୍ରମରେ ନୂତନ ବ୍ଲକ ସଭାପତି ଦେନିରାମ ନାଗୁଲ ଓ ବ୍ଲକ କମିଟି ପଦାଧିକାରୀଙ୍କ ନେତୃତ୍ୱରେ ମାଲକାନଗିରି ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତର ଶହୀଦ୍ ନରସିଂ ଡମ୍ ସମାଜ କର୍ମକର୍ତ୍ତା, ମାଲକାନଗିରି ଜିଲ୍ଲାର ୭ ବ୍ଲକ ର ଶହୀଦ୍ ନରସିଂ ଡମ୍ ସମାଜ କର୍ମକର୍ତ୍ତା ଏବଂ ମାଲକାନଗିରି ଜିଲ୍ଲା ଶହୀଦ୍ ନରସିଂ ଡମ୍ ସମାଜ ଜିଲ୍ଲା ନେତୃମଣ୍ଡଳୀଙ୍କ ସହ ହଜାର ହଜାର ଶହୀଦ୍ ନରସିଂ ଡମ୍ ସମାଜ ର ଜନ ସାଧାରଣ ଯୋଗ ଦେଇ ଏକ ବିରାଟ ପଟୁଆରରେ ପଦ୍ମଗିରିରେ ନିଜ ଡମ୍ ଜାତିର ପାରମ୍ପରିକ ପୋଷାକ ଓ ନାଚ,ଗୀତ, ଡମ୍‌ଜାତିର ପାରମ୍ପରିକ ବାଜା ବଜେଇ ଢ଼େମସା ନାଚି ରାଲି ମାଧ୍ୟମରେ ବାବା ସାହେବ ଡ଼.ଭୀମ୍ ରାଓ ଆମ୍ବେଦକର ଓ ସହୀଦ୍ ନର୍ସିଂ ଡମ୍‌ଙ୍କ ଜୟଗାନ କରି ଆଦିବାସୀ ମାନ୍ୟତା ନିମନ୍ତେ ପଦ୍ମଗିରି ଧାନ ମଣ୍ଡିରେ ଆୟୋଜିତ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ । ଆଜିର ଆୟୋଜିତ ଶହୀଦ୍ ନରସିଂ ଡମ୍ ସମାଜ, ମାଲକାନଗିରି ବ୍ଲକ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଳରାମ ଅନୁଗୁଳିଆ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜ ଉପ ସଭାପତି ଡମ୍ବରୁ ବାଗ ଓ ଅବିଭକ୍ତ କୋରାପୁଟ ଜିଲ୍ଲା ଡମ୍ ସମାଜ ଯୁଗ୍ମ ସମ୍ପାଦକ କଣ୍ଟେଶ୍ୱର ପଟଲା ଯୋଗ ଦେଇଥିଲେ । ଏଥିରେ ମାଲକାନଗିରି ଜିଲ୍ଲାର ଶହୀଦ୍ ନରସିଂ ଡମ୍ ସମାଜର ଦୁଇ ବରିଷ୍ଠ ଉପଦେଷ୍ଟା ତଥା ମୁଖ୍ୟବକ୍ତା ସନ୍ତୋଷ କୁମାର ଏବଂ ରାଜେନ୍ଦ୍ର କୂଳଦୀପ ଯୋଗ ଦେଇ ଉପସ୍ଥିତ ଶହୀଦ୍ ନରସିଂ ଡମ୍ ସମାଜର ସମସ୍ତ ଜନ ସାଧାରଣଙ୍କୁ ଡମ୍ ଜାତି ଓ ଡମ୍‌ମାନଙ୍କ ଅଧିକାର ଉପରେ ପ୍ରାଞ୍ଜଳ ଭାବେ ବୁଝେଇବା ସହ ଡମ୍ ଜାତି ର ସାମ୍ବିଧାନିକ ଅଧିକାର ନିମନ୍ତେ ୬ ଦଫା ଦାବି ସରକାରଙ୍କ ନିକଟରେ ଦାବି ଜଣାଇଲେ। ଚିଠି ନଂ-୧୮/୦୧/୨୦୧୭ 'କୋର୍ଡ' ଭାରତ ସରକାରଙ୍କର ଅନୁଯାୟୀ ଆଦିବାସୀ ମାନ୍ୟତା ପ୍ରଦାନ ନିମନ୍ତେ ନୂତନ ମାର୍ଗଦର୍ଶିକା ଅନୁଯାୟୀ ମୂଳନିବାସୀ ଡମ୍‌ମାନଙ୍କୁ ଆଦିବାସୀ ମାନ୍ୟତା ପ୍ରଦାନ କରାଯାଉ । ଜିଲ୍ଲାର ୭ ଗୋଟି ବ୍ଲକ, ଗୋଟିଏ ମ୍ୟୁନିସିପାଲଟି,ଗୋଟିଏ ଏନଏସି ରେ ବସବାସ କରୁଥିବା ଭୂମିହୀନମାନଙ୍କୁ ଓଡିଶା ଭୂସଂସ୍କାର ଆଇନ ଅନୁଯାୟୀ ସ୍ଥାୟୀ ଭାବରେ ଥଇଥାନ କରାଯାଉ । ଜିଲ୍ଲାରେ ବସବାସ କରୁଥିବା ସମସ୍ତ ମୂଳନିବାସୀ ଶିକ୍ଷିତ ଡମ୍ ଯୁବତୀ ଓ ଯୁବକ ଯୋଗ୍ୟତା ସ୍ୱତନ୍ତ୍ର ସଂରକ୍ଷଣ ପ୍ରଦାନ କରାଯାଉ । ୨୦୦୬ ଜଙ୍ଗଲ ଜମି ଆଇନ ଅନୁଯାୟୀ ମୂଳନୀବାସୀ ଡମ୍‌ମାନଙ୍କୁ ଗୋଷ୍ଠିଗତ ଏବଂ ବ୍ୟକ୍ତିଗତ ଅଧିକାର ନିମନ୍ତେ ପଟ୍ଟା ପ୍ରଦାନ କରାଯାଉ । ଧର୍ମ ନିର୍ବିଶେଷରେ ମୂଳନିବାସୀ ଡମ୍‌ମାନଙ୍କ ଜାତି ଭିତ୍ତିକ ଜନଗଣନା କରାଯାଉ । ଡମ୍ ଭାଷାକୁ ସରକାରୀ ବିଦ୍ୟାଳୟରେ ପାଠପଢା ନିମନ୍ତେ ମାନ୍ୟତା ପ୍ରଦାନ କରାଯାଉ । ଆଜିର ଶହୀଦ୍ ନରସିଂ ଡମ୍ ସମାଜ, ଆଦିବାସୀ ମାନ୍ୟତା ନିମନ୍ତେ ଜନ ସମାବେଶ କାର୍ଯ୍ୟକ୍ରମରେ ନୂତନ ବ୍ଲକ କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ନରସିଂ ଡମ୍ ସମାଜର ବରିଷ୍ଠ କର୍ମକର୍ତ୍ତା ପର୍ଶୁରାମ ଭକ୍ତ , ମଦନ ଖସଲା ,ତୁଳସିରାମ ଦଳେଇ ,ଡନେଲ ପୋଟଲା , ନାଟଗୁରୁ ଧନୁର୍ଜୟ ହନ୍ତାଳ ସର୍ବ ବିଶୋଇ,ଶିବ ଖରା ,ବିଜୟ ପୁସୁରୁ, ମଙ୍ଗଳା ପାଙ୍ଗି ,ବସନ୍ତ ନାୟକ ପ୍ରମୁଖଙ୍କ ସହ ମାଲକାନଗିରି ଜିଲ୍ଲାର ୭ଟି ବ୍ଲକ ସଭାପତି ଏବଂ ୫ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ଥିଲେ ।



ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ମହାବିଦ୍ୟାଳୟ ରେ ସମ୍ପୂର୍ଣ୍ଣ ଅବ୍ୟବସ୍ଥା କୁ ନେଇ ଆଜି ସକାଳୁ ପିଲାମାନେ ଧାରଣା ରେ ବସିଥିଲେ କ୍ଷ ଆଳି ମହାବିଦ୍ୟାଳୟ ରେ ପିଲା ମାନେ ଦୀର୍ଘ ଦିନ ଧରି ନହିଁ ନଥିବାର ସମ୍ମୁଖୀନ ହେଉଛନ୍ତି ଛାତ୍ର ଛାତ୍ରୀ । ବାରମ୍ବାର ଅଭିଯୋଗ ଗୁହାରୀ ପରେ ମଧ ଛାତ୍ର ଛାତ୍ରୀଙ୍କ ସମସ୍ୟାର ସମାଧାନ ହେଉନାହିଁ । ବାଧ ହୋଇ ଧରଣା ରେ ବସିବାକୁ ମହାବିଦ୍ୟାଳୟର ଅଧକ୍ଷ କୁ ସମସ୍ୟା ବାବଦ ରେ ପୂର୍ବରୁ ଦାବୀପତ୍ର ସହ ଧାରଣା ରେ ବସିବାକୁ ଚେତାବନି ଦେଇଥିଲେ । ସୂଚନା ଯୋଗ୍ୟ କି ଗତ ୨୬ ତାରିଖ ରେ ଛାତ୍ର ଛାତ୍ରୀ ଅଧକ୍ଷ ଙ୍କୁ ଏକ ଦାବୀପତ୍ର ମଧ୍ୟରେ ମହାବିଦ୍ୟାଳୟରେ ବର୍ଷା ପାଣି ନିଷ୍କାସନ ନହେବା ଯୋଗୁଁ ପାଣି ଜମି ରହିବା, ସାଧାରଣ ଶୌଚାଳୟ ନଥିବା, ଖେଳ ପଡିଆର ସୁବିଧା ନଥିବା ଏବଂ ପରିଶେଷରେ ରେ ମହାବିଦ୍ୟାଳୟ ରେ ପାଠାଗାର ର ସମସ୍ୟା ଗୁଡ଼ିକୁ ଧ୍ୟାନ ଦେବାକୁ ଅଧକ୍ଷ ଙ୍କୁ ଜଣାଇବା ସହ ଏହାର ଯଦି ସମାଧାନ ନକରାଯାଏ ତେବେ ଅଗଷ୍ଟ ୬ ତାରିଖ ରେ ଧାରଣା ଦେବାକୁ ଚେତାବନୀ ଦେଇଥିଲେ । କିନ୍ତୁ ବଡ ଦୁଃଖ ପରିତାପର ବିଷୟ କି ଅଭିଯୋଗ ର ୧୦ ଦିନ ବିତିଯାଇଥିଲେ ମଧ ଛାତ୍ର ଛାତ୍ରୀ ଙ୍କ ଅଭିଯୋଗ ଉପରେ କଲେଜ କମିଟି କିଛି ଧ୍ୟାନ ଦେଲେ ନାହିଁ । ଏହାକୁ ନେଇ ଛାତ୍ର ଛାତ୍ରୀ ମାନେ ଆଜି ସକାଳୁ ଧାରଣା ବସିବା ସହ ମହାବିଦ୍ୟାଳୟ ଗେଟ ରେ ତାଲା ପକାଇ ଦେଇଥିଲେ । ଅଧ୍ୟାପକ ମାନେ ବୁଝା ସୁଝା କରିବା ପରେ ମଧ ସେମାନେ ବୁଝି ନ ଥିଲେ । ଶେଷରେ ନୂତନ ଅଧକ୍ଷ ରବିନାରାୟଣ ଦାସ ଆସି ପିଲା ମାନଙ୍କୁ ବୁଝାଇବା ସହ ଏହାର ସମାଧାନ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଛାତ୍ର ଛାତ୍ରୀ ମାନେ ଆନ୍ଦୋଳନରୁ ଓହରିଥିଲେ ।



# ପୂର୍ବତନ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଭାପତି ନିଲମ୍ବିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟିର ଅନୁମୋଦନ କ୍ରମେ ପୂର୍ବତନ ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ସଭାପତି ସମରେନ୍ଦ୍ର ନନ୍ଦଙ୍କୁ ଦଳ ଭିତରେ ବିଶୃଙ୍ଖଳ ଆଚରଣ ଯୋଗୁଁ କଂଗ୍ରେସ ଦଳରୁ ନିଲମ୍ବନ କରାଯାଇଛି । ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧକ୍ଷ ସୁଜୀତ୍ ପାଢ଼ୀ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ...

ସକ୍ରିୟ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରିଥିଲେ । ସୂଚନାଯୋଗ୍ୟ ଯେ ଶ୍ରୀ ମାଝୀ ମଙ୍ଗଳବାର ରାତିରେ ନୂଆଦିଲ୍ଲୀରେ ପହଞ୍ଚିଥିଲେ । ଆସନ୍ତା ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିବସ ଓଡ଼ିଶାରେ ପାଳନ ପାଇଁ ନିମନ୍ତ୍ରଣ କରିବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ସହ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ୍ୟ ଦିଲ୍ଲୀ ଗସ୍ତରେ ଅଛନ୍ତି ।

### ଅନୁପାଳନ ନ କଲେ...

ସମୟରେ ଦେୟର ୫ ପ୍ରତିଶତ ରିହାତି ପ୍ରଦାନ କରାଯିବ । ଟ୍ରେନ ଲାଇସେନ୍ସ ନବୀକରଣ ଓ ନିରୀକ୍ଷଣ ସମୟରେ ଅନୁପାଳନ ଆସନ୍ତା ସେପ୍ଟେମ୍ବର ୩୦ ସୁଦ୍ଧା ସୁନିଶ୍ଚିତ କରାଯିବ । ଅନୁପାଳନ କରୁନଥିବା ପ୍ରତିଷ୍ଠାନଗୁଡ଼ିକୁ ନୋଟିସ ଜାରି କରାଯିବ ଏବଂ ସେମାନଙ୍କୁ ନାମ ଫଳକ ସଂଶୋଧନ ପାଇଁ ୫୫ ଦିନର ସମୟ ଦିଆଯିବ । ଓଡ଼ିଆରେ ନାମଫଳକ ନ ଲେଖିଲେ ଦିନକୁ ୫୦୦ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯିବ । ଚିଠିରେ ଆହୁରି କୁହାଯାଇଛି ଯେ ମହାନଗରନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଏହି ନିର୍ଦ୍ଦେଶ ସଂପର୍କରେ ଦୋକାନୀ ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ସଚେତନ କରାଇବା ସହ ଏହା ଲେଖିବା ପାଇଁ ପରାମର୍ଶ ଦେବାକୁ କୁହାଯାଇଛି ।

### କେରଳର ୨୮...

ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ ପ୍ରବଳ ବର୍ଷା ଯୋଗୁ ସରସ୍ୱତୀ ଓ ମନ୍ଦାକିନୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଫଳରେ ଲୋକଙ୍କ ମନରେ ଛନକା ପଶିଛି । ନଦୀ ନିକଟକୁ ନ ଯିବାପାଇଁ ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ସ୍ଥିତି ବିଗିଡି ଯାଇଥିବାରୁ କେଦାରନାଥ ଯାତ୍ରାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି । ସୂଚନାଯୋଗ୍ୟ ଯେ ମଙ୍ଗଳବାର ଉତ୍ତରକାଶୀରେ ବାଦଲଫଟା ବର୍ଷା ସହ ଭୂସ୍ଖଳନ ହେବାରୁ ଧରାଲି ଗାଁ ସଂପୂର୍ଣ୍ଣ ନଦୀଗର୍ଭକୁ ଚାଲିଯାଇଛି । ଏପରିକି ବହୁ ଲୋକ ମାଟି ଭିତରେ ଚାପିହୋଇ ରହିଥିବା ଆଶଙ୍କାରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଉଦ୍ଧାର କାର୍ଯ୍ୟ ଏବେ ବି ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି ।

### ଭାରତ ଉପରେ...

ସରକାର ଆବଶ୍ୟକ ପଦକ୍ଷେପ ନେବେ । ଏହି ଟାରିଫ ଭାରତର ଅର୍ଥନୀତି ଉପରେ କିଛିଟା ପ୍ରଭାବ ପକାଇପାରେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ତେବେ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଟ୍ରମ୍ପ ଭାରତ ଉପରେ ଶୁଳ୍କ ଲାଗୁ କଲେ ଭାରତର ଅର୍ଥନୀତି ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ।

### ଅଭିଯୁକ୍ତଙ୍କ ଛାତି...

ବୋଲି ମଧ୍ୟ ଧମକ ଦେଇଥିଲେ । ଏହି ଘଟଣାରେ ଜ୍ୟୋତିପ୍ରକାଶ ଓ ଶୁଭ୍ର ସମ୍ବିତଙ୍କୁ ଗିରଫ କରି ଏବେ ଘାଣ୍ଟୁଛି କ୍ରାଇମବ୍ରାଞ୍ଚ । ଜ୍ୟୋତିପ୍ରକାଶଙ୍କ ମୋବାଇଲ ଫୋନ୍ କ୍ରାଇମବ୍ରାଞ୍ଚ ନିଜ ଅକ୍ତିଆରକୁ ନେବାପରେ ଘଟଣା ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ଭିଡିଓ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଏହି ଭିଡିଓ ଅନେକ ଗୁମର ଖୋଲିବା ନିଶ୍ଚିତ ବୋଲି କୁହାଯାଉଛି । ଏଭଳି ସମୟରେ ଆଉଏକ ଘଟଣା ମଧ୍ୟ କ୍ରାଇମବ୍ରାଞ୍ଚ ହାତରେ ଲାଗିଛି । ଆତ୍ମାହୂତି ପୂର୍ବରୁ ପୀଡ଼ିତା କିଛି ଲୋକଙ୍କୁ କଲ୍ କରିଥିବା ଜଣାପଡ଼ିଛି । ସେହି ଲୋକମାନେ କିଏ ? ଯେଉଁମାନେ ଏବେ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଛନ୍ତି । ଏହି ବ୍ୟକ୍ତିମାନଙ୍କ ମଧ୍ୟରେ କଲେଜର ଅଧ୍ୟାପକ ଜଣେ ଅଛନ୍ତି । ଏହି ଅଧ୍ୟାପକ ଜଣକ ପୀଡ଼ିତାଙ୍କୁ କି ପରାମର୍ଶ ଦେଇଥିଲେ କିମ୍ବା ଅଧ୍ୟାପକ କାହାଠାରୁ ପରାମର୍ଶ ନେଇ ପୀଡ଼ିତାଙ୍କ ସହ ଆଲୋଚନା କରିଥିଲେ ସେ ନେଇ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି । ଏହାରିଭିତରେ ମଙ୍ଗଳବାର ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କ ଜାମିନ ଆବେଦନକୁ ଅଦାଲତ ଖାରଜ କରିଛନ୍ତି । ଦିଲ୍ଲୀପଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହୋଇଥିବା ଦର୍ଶାଇ ଆଇନଜୀବୀ ଜାମିନ ଆବେଦନ କରିଥିଲେ । ଏପରିକି ଦିଲ୍ଲୀପଙ୍କୁ ଗିରଫର କାରଣ ଦର୍ଶାଯାଇ ନଥିଲା । ତେଣୁ ଜାମିନ ପାଇଁ ଉପର କୋର୍ଟକୁ ଯିବୁ ବୋଲି ଦିଲ୍ଲୀପଙ୍କ ଓକିଲ କହିଛନ୍ତି ।

### ଜଳିଗଲେ ଆଉ...

କିଡ୍‌ନୀ ବା ବୃକକ୍ ଆମ ଶରୀରର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଯାହା ରକ୍ତକୁ ସଫା କରିବା, ବିଷାକ୍ତ ଉପାଦାନ ବାହାର କରିବା ଏବଂ ଶରୀରରେ ଜଳ ଏବଂ ଖଣିଜ ପଦାର୍ଥର ସନ୍ତୁଳନ ବଜାୟ ରଖିବା ପାଇଁ କାମ କରେ। କିଡ୍‌ନୀରେ ଇନ୍‌ଫେକ୍ସନ ବା ସଂକ୍ରମଣ ହେଲେ ଏହି ସାଧାରଣ କାର୍ଯ୍ୟ ବାଧାପ୍ରାପ୍ତ ହୁଏ। ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, କିଡ୍‌ନୀ ସଂକ୍ରମଣର ଲକ୍ଷଣଗୁଡ଼ିକ ଧିରେ ଧିରେ ଏବଂ କେତେବେଳେ ହଠାତ୍ ଦେଖାଯାଇପାରେ। ଏହାର ବିଶେଷ ଲକ୍ଷଣଗୁଡ଼ିକ ମଧ୍ୟରେ ଉଚ୍ଚ ଜ୍ୱର, ଥଣ୍ଡା ଲାଗିବା, ଅଣ୍ଟା କିମ୍ବା ପିଠିର ତଳ ଭାଗରେ ଯନ୍ତ୍ରଣା ଦେଖାଦିଏ। ପରିସ୍ରା କରିବା ସମୟରେ ଜଳାପୋଡ଼ା ଅନୁଭବ, ବାରମ୍ବାର ପରିସ୍ରା କିମ୍ବା ବହୁତ କମ୍ ପରିସ୍ରା ହେବା ମଧ୍ୟ ଏହାର ଲକ୍ଷଣ ହୋଇପାରେ। ପରିସ୍ରାରେ ଗନ୍ଧ, ଫେଣ କିମ୍ବା ରକ୍ତ ମଧ୍ୟ ଦେଖିବାକୁ ମିଳିଥାଏ। ଶରୀରରେ ଥକ୍କାପଣ, ବାନ୍ତି କିମ୍ବା ବାନ୍ତି ମଧ୍ୟ ସାଧାରଣ ଲକ୍ଷଣ। ଯଦି ସଂକ୍ରମଣ ବୃଦ୍ଧି ପାଏ, ତେବେ ଜଣେ ବ୍ୟକ୍ତି ଦ୍ୱନ୍ଦ୍ୱ, ମୁଣ୍ଡ ବୁଲାଇବା ଏବଂ ରକ୍ତଚାପ ହ୍ରାସ ପରି ଅବସ୍ଥାର ସମ୍ମୁଖୀନ ହୋଇପାରନ୍ତି। ଯଦି ଏହି ଲକ୍ଷଣଗୁଡ଼ିକ ଦୁଇ-ତିନି ଦିନରୁ ଅଧିକ ସମୟ ପର୍ଯ୍ୟନ୍ତ ଲାଗି ରହେ କିମ୍ବା ଦ୍ରୁତଗତିରେ ବୃଦ୍ଧି ପାଏ, ତେବେ ତୁରନ୍ତ ଡାକ୍ତରଙ୍କ ସହିତ ଯୋଗାଯୋଗ କରିବା ଉଚିତ୍। ଯଦି ସମୟ ମଧ୍ୟରେ ଚିକିତ୍ସା ନ କରାଯାଏ, ତେବେ ଏହି ସଂକ୍ରମଣ କିଡ୍‌ନୀ ଫେଲ୍ ପରି ଘାତକ ସାବ୍ୟସ୍ତ ହୋଇପାରେ।



## ଭାଇରାଲ ହେଉଛି ଭିଡିଓ

# ଛାଡ଼ପତ୍ର ପରେ ମୃଣାଲଙ୍କ ପ୍ରେମରେ ଧନୁଷ

ନିର୍ଦ୍ଦେଶକ ଐଶ୍ୱର୍ଯ୍ୟା ରଜନୀକାନ୍ତ ଏବଂ ଅଭିନେତା-ନିର୍ଦ୍ଦେଶକ ଧନୁଷ ପରସ୍ପରକୁ ଛାଡ଼ପତ୍ର ଦେଇସାରିଛନ୍ତି। ବିବାହର ୨୦ବର୍ଷ ପରେ ସେ ଛାଡ଼ପତ୍ର ପାଇଁ ଆବେଦନ କରିବା ପରେ ପରସ୍ପର ଠାରୁ ଅଲଗା ହୋଇଯାଇଥିଲେ। ଏବେ ଛାଡ଼ପତ୍ର ପରେ ଧନୁଷଙ୍କୁ ତାଙ୍କର ନୂଆ ପ୍ରେମିକା ମିଳିଥିବା ଚର୍ଚ୍ଚା ହେଉଛି। ବିବାହ ବିଚ୍ଛେଦ ପରେ ଧନୁଷ ପୁଣି ଥରେ ପ୍ରେମ କରିବା ଆରମ୍ଭ କରିଥିବା ସାମ୍ନାକୁ ଆସିଛି। ଚର୍ଚ୍ଚା ହେଉଛି ଯେ, ଧନୁଷ ଅଭିନେତ୍ରୀ ମୃଣାଲ ଠାକୁରଙ୍କୁ ଡେଟ୍ କରୁଛନ୍ତି। ଦୁହିଁଙ୍କ ଏକ ଭିଡିଓ ଭାଇରାଲ ହେବା ପରେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି। ସୂଚନା ମୁତାବକ, ମୃଣାଲ ଅଗଷ୍ଟ ୧ ତାରିଖରେ ଏକ ଜନ୍ମଦିନ ପାର୍ଟିର ଆୟୋଜନ କରିଥିଲେ। ଧନୁଷ ମଧ୍ୟ ଏହି ପାର୍ଟିରେ ଯୋଗ ଦେଇଥିଲେ। ଏହି ପାର୍ଟିରେ ଦୁହେଁ ପରସ୍ପରର ଅତି ନିକଟତର ହୋଇ କଥା ହେଉଥିବା ଭାଇରାଲ ଭିଡିଓରେ ଦେଖାଯାଇଛି। ଭିଡିଓରେ ଧନୁଷ, ମୃଣାଲଙ୍କ ହାତ ଧରି କଥା ହେଉଥିବାର ଦେଖିବାକୁ ମିଳିଛି। ଏହି ଭିଡିଓ ଭାଇରାଲ ହେବା ପରେ ଏବେ ଦୁହେଁ ଡେଟ୍ କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପୂର୍ବରୁ ଜୁଲାଇ ୨୦୨୫ରେ, ଧନୁଷ ଆନନ୍ଦ ଏଲ୍ ରାୟଙ୍କ ଫିଲ୍ମ 'ତେରେ ଇସ୍କ ମେଁ'ର ସୁଟିଂ ଶେଷ କରିଥିଲେ। ଏହି ଫିଲ୍ମର ରାପ୍-ଅପ୍ ପାର୍ଟିରେ ଅଭିନେତ୍ରୀ ତମନ୍ନା ଭାଟିଆ, ଭୂମି ପେଡନେକର, କନିକା ଢିଲୋନ୍ ଏବଂ ମୃଣାଲ ଠାକୁରଙ୍କୁ ଦେଖିବାକୁ ମିଳିଥିଲା। ଏହା ପରେ, କାଜୋଲଙ୍କ ଫିଲ୍ମ 'ମା'ର ସ୍କ୍ରିନିଂରେ ଧନୁଷ ଏବଂ ମୃଣାଲଙ୍କୁ ସାଥିରେ ଦେଖିବାକୁ ମିଳିଥିଲା। ତା'ପରେ ଉଭୟଙ୍କୁ 'ସନ୍ ଅଫ୍ ସର୍ଦ୍ଦାର' ଫିଲ୍ମର ପ୍ରିମିୟରରେ ମଧ୍ୟ ଏକାଠି ଦେଖିବାକୁ ମିଳିଥିଲା। ଏସବୁ ଦୁହିଁଙ୍କ ଡେଟିଂ ଚର୍ଚ୍ଚାକୁ ବଢ଼ାଇଥିବା ବେଳେ ଦୁହେଁ ଏହି ଚର୍ଚ୍ଚା ଉପରେ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି।



# ଆଜି ପତାକା ଦିବସ



ଆମ ଦେଶର ପ୍ରଥମ ଜାତୀୟ ପତାକା ୧୯୦୬ ମସିହା ଅଗଷ୍ଟ ୭ ତାରିଖ ଦିନ କଲିକତାର ଗ୍ରୀନ ପାର୍କ ଠାରେ ଉତ୍ତୋଳନ କରାଯାଇଥିଲା। ସେତେବେଳେ ପ୍ରଥମେ ପତାକାରେ ସ୍ଥାନୀତ ହୋଇଥିଲା ସବୁଜ, ହଳଦିଆ ଓ ଲାଲ ତିନୋଟି ରଙ୍ଗ। 'ବନ୍ଦେ ମାତରମ୍' ଲେଖାଯିବା ପରେ ୧୯୨୯ ମସିହାରେ ଉତ୍ତୋଳିତ କରାଯାଇଥିଲା ଆମର ନୂତନ ଜାତୀୟ ପତାକା। ଏହା ପୂର୍ବରୁ ଜାତୀୟ ପତାକାକୁ ଅନେକଥର ପ୍ରସ୍ତୁତ କରାଯାଇଥିଲା। ୧୯୦୭ ଅଗଷ୍ଟ ୨୨ ତାରିଖ ଦିନ ମ୍ୟାଡ଼ମ୍ କାମାଙ୍କ ଦ୍ୱାରା ଆମ ଦେଶର ଦ୍ୱିତୀୟ ଜାତୀୟ ପତାକା ଉତ୍ତୋଳନ ହୋଇଥିଲା। ଏହାପରେ ୧୯୧୭ ମସିହାରେ ଡକ୍ଟର ଆନିବେଶାନ୍ତ ଓ ଲୋକମାନ୍ୟ ତିଲକଙ୍କ ଦ୍ୱାରା ଦୁଇ ରଙ୍ଗ ବିଶିଷ୍ଟ ପତାକା ଉତ୍ତୋଳନ ହୋଇଥିଲା। ୧୯୨୧ ଖ୍ରୀଷ୍ଟାବ୍ଦରେ ଏହା ତିନି ରଙ୍ଗ ବିଶିଷ୍ଟ ପତାକା ହେଲା। ଆମ ପ୍ରିୟ ପତାକାର ଶୁଭ ନାମ 'ତ୍ରିରଙ୍ଗା'। ଏଥିରେ ତିନିରଙ୍ଗର ସମାହାର ଥିବାରୁ ଏହାକୁ ତ୍ରିରଙ୍ଗାର ନାମ ଦିଆଯାଇଥିଲା। ଜାତୀୟ ପତାକାକୁ ସମସ୍ତେ ସମ୍ମାନ ପ୍ରଦର୍ଶନ କରିଥାନ୍ତି। ତ୍ରିରଙ୍ଗାର ଉପରି ଭାଗରେ ଥିବା କମଳା ରଙ୍ଗ ତ୍ୟାଗ, ଐଶ୍ୱର୍ଯ୍ୟ ଓ ସାହସର ପ୍ରତୀକ ହେଉଥିବା ବେଳେ ମଝିରେ ଥିବା ଧଳାରଙ୍ଗ ସତ୍ୟ, ଶାନ୍ତି, ମୈତ୍ରୀ ବିଶ୍ୱଭାତୃତ୍ୱର ପ୍ରତୀକ ଏବଂ ନିମ୍ନରେ ଥିବା ସବୁଜ ରଙ୍ଗ ବିଶ୍ୱାସ, ଉତ୍ତମ ବୁଝାମଣା ଓ ସବୁଜ ବିପ୍ଳବର ପ୍ରତୀକ ସୂଚୀତ କରିଥାଏ। ପତାକା ମଧ୍ୟରେ ଥିବା ଅଶୋକ ଚକ୍ର ସତ୍ୟ, ଧର୍ମ ଓ ନ୍ୟାୟର ପରମ ବିଜୟ ସଂପର୍କରେ ସର୍ବଶେଷ ସୂଚନା ଦେଇଥାଏ। ଏହି ପବିତ୍ର ଅଶୋକଚକ୍ର ଯଥାର୍ଥରେ ବୁଝାଇ ଦିଏ ସତ୍ୟମେବ ଜୟତେ।



# ଛାଡ଼ପତ୍ର ନେବେ ହଂସିକା!

ଚର୍ଚ୍ଚାରେ ବଲିଉଡ ଅଭିନେତ୍ରୀ ହଂସିକା ମୋଟୱାନୀ। ବର୍ତ୍ତମାନ ତାଙ୍କ ପର୍ସନାଲ ଲାଇଫ ଲାଇମ୍ ଲାଇଟ୍‌କୁ ଆସିଛି। ଶୁଣିବାକୁ ମିଳିଛି ଯେ ତାଙ୍କ ଶିଳ୍ପପତି ସ୍ୱାମୀ ସୋହେଲ ଖତୁରିଆଙ୍କ ଠାରୁ ଅଲଗା ହେଉଛନ୍ତି। ଏ ବିଷୟରେ ସେ ନିଜେ କିଛି କହି ନାହାଁନ୍ତି, କିନ୍ତୁ ଏହି ଖବର ଏବେ ଖୁବ୍ ଚର୍ଚ୍ଚା ହେଉଛି। ଗତ ମାସରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ ସେମାନଙ୍କ ବିବାହରେ ଫାଟ ସୃଷ୍ଟି ହୋଇଛି। ହଂସିକା ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଚୁପ୍ ରହିଛନ୍ତି। ହଂସିକାଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଆଲୋଚନା ବହୁତ ବଢ଼ିଛି। ଯାହାର କାରଣ ହେଉଛି ଅଭିନେତ୍ରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ। ହଂସିକା ତାଙ୍କ ସ୍ୱାମୀଙ୍କ ଫଟୋ ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ଡିଲିଟ କରିଦେଇଛନ୍ତି। ୧୮ ଜୁଲାଇ, ୨୦୨୫ ପରେ ତାଙ୍କ ଇନଷ୍ଟାଗ୍ରାମ ପେଜରେ କୌଣସି ପୋଷ୍ଟ ସେୟାର କରି ନାହାଁନ୍ତି। ବର୍ତ୍ତମାନ ପାଇଁ ସେ କୌଣସି ଇନଷ୍ଟାଗ୍ରାମ ଷ୍ଟୋରୀ ମଧ୍ୟ ସେୟାର କରି ନାହାଁନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି ସୋହେଲ ହଂସିକାଙ୍କ ବେଷ୍ଟଫ୍ରେଣ୍ଡଙ୍କ ସ୍ୱାମୀ ଥିଲେ। ହଂସିକା ଉଭୟଙ୍କ ବିବାହରେ ମଧ୍ୟ ଯୋଗ ଦେଇଥିଲେ, କିନ୍ତୁ ପରେ ତାଙ୍କ ବେଷ୍ଟଫ୍ରେଣ୍ଡ ଏବଂ ସୋହେଲ ଅଲଗା ହୋଇ ଯାଇଥିଲେ। କୁହାଯାଇଛି ଯେ ୪ ଡିସେମ୍ବର ୨୦୨୨ରେ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଏହି ଯୋଡି ଗତ କିଛି ସମୟ ଧରି ଅଲଗା ରହୁଛନ୍ତି। ହଂସିକା ତାଙ୍କ ମା'ଙ୍କ ସହ ରହୁଛନ୍ତି ଓ ସୋହେଲ ତାଙ୍କ ପିତାମାତାଙ୍କ ସହ ରହୁଛନ୍ତି। ଏକ ବଡ଼ ପରିବାର ସହ ତାଳମେଳ ରଖିବା ଏକ ସମସ୍ୟା ଥିଲା, ଲାଗୁଛି ସମସ୍ୟା ଏବେ ମଧ୍ୟ ରହିଛି। ହଂସିକା ମୋଟୱାନୀ ଓ ସୋହେଲ ଖତୁରିଆ ଡିଭୋର୍ସ କିମ୍ବା ସମ୍ପର୍କରେ ଫାଟ ନେଇ ଏ ପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ବୟାନ ଦେଇ ନାହାଁନ୍ତି।



# ବର୍ଷାଦିନେ ଝାଳ ଦୁର୍ଗନ୍ଧ ନେଇ ଚିନ୍ତିତ କି ?

ପ୍ରାୟତଃ ବର୍ଷାଦିନେ ନାନାଦି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିଥାଏ। ସେଥି ଭିତରୁ ଦେହର ଝାଳ ହେଉଛି ଅନ୍ୟତମ। ଝାଳ ମଧ୍ୟ ସ୍ୱାଭାବିକ ଭାବେ ମହିଳା ମାନଙ୍କୁ ଅସ୍ତବ୍ୟସ୍ତ କରିଦେଇଥାଏ। ତେବେ ଆପଣଙ୍କର ସାମାନ୍ୟତମ ସତର୍କତା ଆପଣଙ୍କୁ କେବଳ ସୁଗନ୍ଧପୂର୍ଣ୍ଣ କରିବନି ଆପଣଙ୍କ ବ୍ୟକ୍ତିତ୍ୱ ଓ ଆପଣଙ୍କ ଶାରୀରିକ ସୌନ୍ଦର୍ଯ୍ୟକୁ ବଢ଼ାଇବ ନିଶ୍ଚୟ। ତେଣୁ ଏହି ବର୍ଷାଦିନେ ଝାଳ ସମସ୍ୟାକୁ ନେଇ କେତେକ ଟିପ୍ସ...



- ପ୍ରତିଦିନ ଲେମ୍ବୁରସ ମିଶ୍ରିତ ଜଳରେ ସ୍ନାନ କରନ୍ତୁ। ସ୍ନାନ ପରେ ଗୋଟିଏ ମଗରେ ପାଣି ନେଇ, ଦୁଇ-ତିନି ବୁନ୍ଦା ଗୋଲାପ ଜଳ ମିଶାଇ ଦେହରେ ଢ଼ାଳନ୍ତୁ।
- ସ୍ନାନ ପରେ ହାଲୁକା ସୁଗନ୍ଧର ଟାଲକମ୍ ପାଉଡର ପକାନ୍ତୁ। ବାହାରକୁ ଯାଉଥିଲେ ଅତର ପକାଇ ପାରନ୍ତି। ପାଉଡର କିଣିବା କ୍ଷେତ୍ରରେ ଶରୀର ପାଇଁ ଉପଯୋଗୀ ସୁଗନ୍ଧପୂର୍ଣ୍ଣ ପାଉଡର ପସନ୍ଦ କରନ୍ତୁ।
- ହାତରୁ ଅଧିକ ଝାଳ ବାହାରୁଥିଲେ ଦୁଇ ଗ୍ଲାସ ପାଣିରେ ଏକ ଚାମଚ ଫିଟିକିରି ଗୁଣ୍ଡ ଗୋଳାଇ ଦିନରେ ଦୁଇ-ତିନି ଥର ହାତ ଧୁଅନ୍ତୁ।
- ପାଦରେ ବରଫ ଘଷିଲେ ଅଧିକ ଝାଳ ବୋହିବା ସମସ୍ୟା ଦୂର ହୁଏ। ପ୍ରତି ସପ୍ତାହରେ ପାଦରେ ମେହେନ୍ଦୀ କିମ୍ବା ମୁଲତାନି ମାଟି ବୋଳନ୍ତୁ।
- ହାତରେ ଝାଳ ନପୋଛି ସଫା ସୂତା କପଡ଼ା କିମ୍ବା ଟିସୁ ପେପର ବ୍ୟବହାର କରନ୍ତୁ। ପ୍ରତିଦିନ ସଫା ଲୁଗା ପିନ୍ଧନ୍ତୁ।
- ବର୍ଷାଦିନେ ବାହାରେ ଆର୍ଦ୍ରତା ରହୁଥିବାରୁ ଅନେକ କମ୍ ପାଣି ପିଇଥାନ୍ତି କିନ୍ତୁ ଖାଦ୍ୟ ତୁଳନା ଅନୁଯାୟୀ ନଖ ଉଷୁମ ପାଣି ପିଇବା ଶରୀର ପାଇଁ ଖୁବ ଭଲ।
- ଯଦି ଝାଳଜନିତ ସମସ୍ୟାରେ ଅଧିକ ପୀଡିତ ତେବେ ଏ କ୍ଷେତ୍ରରେ ଚର୍ମ ଓ ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି।

ଦେହରୁ ଝାଳ ବୋହିବା ଏକ ଶାରୀରିକ ପ୍ରକ୍ରିୟା। ଏହାକୁ ନେଇ ସେପରି ବ୍ୟସ୍ତ ହେବା ମଧ୍ୟ କୌଣସି କାରଣ ନାହିଁ କିନ୍ତୁ କେତେକଙ୍କ କ୍ଷେତ୍ରରେ ଏହା ଅସ୍ୱାଭାବିକ ଭାବେ ଝାଳ ବୋହିଥାଏ। ତେବେ ଅଧିକ ଝାଳ ବୋହିବା ମଧ୍ୟ ଶାରୀରିକ ବିଲକ୍ଷଣର ଏକ ବଡ଼ କାରଣ। ବର୍ଷାଦିନେ ବାହାରେ ଅତ୍ୟଧିକ ତିନ୍ତିବା ଠାରୁ ଯଥା ସମ୍ଭବ ଦୂରେଇ ରହିବା ଭଲ। ବର୍ଷାରେ କୌଣସି ପରିସ୍ଥିତିରେ ତିନ୍ତିଗଲେ ଆପଣ ଭଲ ଭାବେ ପୋଛି ହେବା ପାଇଁ ପ୍ରଥମେ ଚେଷ୍ଟା କରନ୍ତୁ। ଆପଣଙ୍କର ସାମାନ୍ୟତମ ସତର୍କତା ଆପଣଙ୍କୁ ସୁସ୍ଥ ରଖିବାରେ ସହାୟ ହେବ।

# ଓଡ଼ିଆ ଚଳଚ୍ଚିତ୍ରର ଜନକ ମୋହନ ସୁନ୍ଦର ଦେବ ଗୋସ୍ୱାମୀ




ଓଡ଼ିଶାବାସୀଙ୍କୁ ପ୍ରଥମେ ଓଡ଼ିଆ ଚଳଚ୍ଚିତ୍ରର ସ୍ୱାଦ ଚଖାଇଥିଲେ ମୋହନ ସୁନ୍ଦର ଦେବ ଗୋସ୍ୱାମୀ। ସର୍ବପ୍ରଥମ ଓଡ଼ିଆ କଳାଧଳା କଥାକୁହା ଚଳଚ୍ଚିତ୍ର 'ସୀତା ବିବାହ'ର ସେ ପ୍ରଯୋଜକ ଓ ନିର୍ଦ୍ଦେଶକ। ଏହାର ଚିତ୍ରନାଟ୍ୟ ମଧ୍ୟ ରଚନା କରିଥିଲେ। ୧୯୩୬ ଏପ୍ରିଲ ୨୮ରେ ପୁରୀର ଲକ୍ଷ୍ମୀ ଟକିଜ୍‌ରେ ସୀତା ବିବାହ ମୁକ୍ତିଲାଭ କରିଥିଲା। ଚଳଚ୍ଚିତ୍ରରେ ଥିବା ମୋଟ ଚଉଦଟି ଗୀତ ମଧ୍ୟରୁ ବାରଟି ରଚନା କରିଥିଲେ ମୋହନ ସୁନ୍ଦର। ନିଜେ ବିଶ୍ୱାମିତ୍ର ଭୂମିକାରେ ବି ଅଭିନୟ କରିଥିଲେ। ପୁରୀ ଓ କଲିକତାରେ ଚଳଚ୍ଚିତ୍ରର ସୁଟିଂ ହୋଇଥିଲା। ସେତେବେଳେ ଏହି ଚଳଚ୍ଚିତ୍ର ନିର୍ମାଣରେ ଖର୍ଚ୍ଚ ହୋଇଥିଲା ୨୯,୭୮୧ ଟଙ୍କା ୧୦ ଅଣା। ଚଳଚ୍ଚିତ୍ର ସଂପୂର୍ଣ୍ଣ ପାଇଁ ଅର୍ଥର ଅଭାବ ହେବାରୁ ସେ ନିଜ ପତ୍ନୀଙ୍କର ଗହଣା ବିକିଥିଲେ। ଏପରିକି ନିଜ ଘରକୁ ବନ୍ଧକ ରଖି କିଛି ଟଙ୍କା ଯୋଗାଡ଼ କରିଥିଲେ। କଳା ପ୍ରତି ସେ ଥିଲେ ପୂର୍ଣ୍ଣ ସମର୍ପିତ। ଚଳଚ୍ଚିତ୍ର ନିର୍ମାଣରେ ପାଦ ଦେବା ପୂର୍ବରୁ ମୋହନ ସୁନ୍ଦର ଜଣେ ଦକ୍ଷ ରଙ୍ଗମଞ୍ଚ ଅଭିନେତା ଥିଲେ। ସୁମଧୁର କଣ୍ଠରେ ଗୀତ ଗାଇବା ସହିତ ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇବାରେ ସେ ଥିଲେ ପାରଙ୍ଗମ। ରାଜ୍ୟ ବାହାରେ ମଧ୍ୟ ତାଙ୍କର ରାସଦଳର ସୁଖ୍ୟାତି ଥିଲା। ଓଡ଼ିଆ ଚଳଚ୍ଚିତ୍ରର ଜନକ ମୋହନ ସୁନ୍ଦର ୧୮୯୨ ଅଗଷ୍ଟ ଆଜିର ଦିନରେ ପୁରୀରେ ଜନ୍ମଗ୍ରହଣ କରିଥିଲେ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବଶୀଘ୍ର ୧୬୩୫ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ। ନୂତନ ରାଜସ୍ୱ ଗ୍ରାମର ସୀମା ଯେଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନରହିବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଏସଓପି ଜାରି କରାଯାଇଛି। ବିଭାଗର ଏସଓପି ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ-ରେକର୍ଡ ଓ ସର୍ଭେ ଓ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲ୍ଲାପାଳ ଏବଂ ଆର୍‌ଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିଠିରେ ଲେଖିଛନ୍ତି ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବି ହୋଇ ଆସୁଥିଲା। ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ରାଜ୍ୟରେ ୧୯୯୧ରୁ ୨୦୨୪ ପର୍ଯ୍ୟନ୍ତ ୩୪ ବର୍ଷ ଭିତରେ ମାତ୍ର ୧ ହଜାର ଗାଁକୁ ରାଜସ୍ୱ ଗାଁ ଭାବେ ଘୋଷିତ ହୋଇଥିଲା। ହେଲେ ପୂର୍ବତନ ସରକାର ସେଥିରୁ ମାତ୍ର ୩୦୦ ଗାଁର ମ୍ୟାପ ପ୍ରସ୍ତୁତ ହୋଇଥିଲା। କିନ୍ତୁ ବାକି ୭୦୦ ଗାଁର ମ୍ୟାପ କରିପାରିଲେ ନାହିଁ ପୂର୍ବ ସରକାର। ତେଣୁ ମ୍ୟାପ ହୋଇନଥିବା ବାକି ଗାଁ ଏବଂ ନୂଆ ଗାଁ ମିଶାଇ ୧୬୩୫ ରାଜସ୍ୱ ଗାଁ ଗୁଡ଼ିକର ମ୍ୟାପ କରିବା ପାଇଁ ଯାଉଛନ୍ତି ସରକାର ବୋଲି ସେ କହିଛନ୍ତି।

# ଯକ୍ଷ୍ମା ରୋଗୀଙ୍କୁ ସହାୟତା ରାଶି ନମିଳିବା ନେଇ ଅସନ୍ତୋଷ

ତିହିଡ଼ି, (ଭାସ୍କର ନ୍ୟୁଜ୍): ସରକାରଙ୍କ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ଯକ୍ଷ୍ମା ରୋଗୀମାନଙ୍କୁ ସୁଷମ ଖାଦ୍ୟ ଖାଇବା ପାଇଁ ୧ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଉଛି। ଯକ୍ଷ୍ମା ରୋଗୀମାନେ ସାଧାରଣତଃ ଦୁର୍ବଳ ହୋଇଥିବାରୁ ସେମାନଙ୍କୁ ସୁଷମ ଖାଦ୍ୟ ପାଇଁ ସରକାର ଏହି ସହାୟତା ରାଶି ପ୍ରଦାନ କରୁଛନ୍ତି। ମାତ୍ର ଭଦ୍ରକ ଜିଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଯକ୍ଷ୍ମା ବିଭାଗ ଅଧୀନରେ ଥିବା ଯକ୍ଷ୍ମା ରୋଗୀମାନଙ୍କୁ ୪ମାସ ଧରି ସହାୟତା ରାଶି ମିଳିନାହିଁ। ଯେଉଁଥିପାଇଁ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ସହାୟତା ରାଶି ପାଇବା ପାଇଁ ବାରମ୍ବାର ଡାକ୍ତରଖାନାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି। ବୁଧବାର ଓରଡ଼ା ଗ୍ରାମର ରାମଚନ୍ଦ୍ର ମଳିକ, ବୋଡ଼କ ଗ୍ରାମର ମାଳତୀ ସାମଲ, ସାନ ଓରାଳି ଗ୍ରାମର ଅମୂଲ୍ୟ ମଳିକ ପ୍ରମୁଖ ଯକ୍ଷ୍ମା ରୋଗୀ ଡାକ୍ତରଖାନାର ଯକ୍ଷ୍ମା ବିଭାଗକୁ ସହାୟତା ରାଶି ନପାଇବା ନେଇ ବୁଝିବାକୁ ଆସିଥିଲେ। କିଛି ରୋଗୀଙ୍କ ବ୍ୟାଙ୍କ ଜମା ଖାତାକୁ ୪ମାସ ହେବ ସହାୟତା ରାଶି ଯାଇନାହିଁ। ଯେଉଁଥିପାଇଁ ସେମାନେ ସୁଷମ ଖାଦ୍ୟ ଖାଇବାରୁ ବଂଚିତ ହୋଇଛନ୍ତି। ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ଯକ୍ଷ୍ମା ବିଭାଗ ଅଧୀନରେ ୬୫ଜଣ ଯକ୍ଷ୍ମା ରୋଗୀ ଚିକିତ୍ସାଧୀନ ଅଛନ୍ତି। ଯକ୍ଷ୍ମା ରୋଗୀମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ମାଗଣା ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। ମାତ୍ର ରୋଗୀମାନେ ଔଷଧ ଖାଇବା ପରେ ସେମାନଙ୍କର ପାର୍ଶ୍ୱ ପ୍ରତିକ୍ରିୟା ନହେବା ପାଇଁ ସୁଷମ ଖାଦ୍ୟ ଖାଇବାକୁ ସରକାରଙ୍କ ଠାରୁ ସହାୟତା ରାଶି ଯୋଗାଇ ଦିଆଯାଉଛି। ଯେଉଁ ରୋଗୀମାନେ ସହାୟତା ରାଶି ପାଇ ପାରୁନାହାନ୍ତି ସେମାନେ ସୁଷମ ଖାଦ୍ୟ ଖାଇ ପାରୁନାହାନ୍ତି। ଯାହାଫଳରେ ସେମାନଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେଉଛି। ତୁରନ୍ତ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ଦାବି କରାଯାଇଛି। ତେବେ ସ୍ୱାସ୍ଥ୍ୟକେନ୍ଦ୍ର ଯକ୍ଷ୍ମା ନିରୀକ୍ଷକ ବୀରେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଭିନ୍ନ କାରଣ ପାଇଁ କିଛି ରୋଗୀ ସହାୟତା ରାଶି ପାଇ ପାରୁନାହାନ୍ତି। ସେମାନଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯାଉଛି।

## ଆୟାପ୍ପା ମନ୍ଦିରରେ ବଡ଼ ଧରଣର ଚୋରି

# ମନ୍ଦିରକୁ ଖାଲି କରିଦେଲେ ଦୁର୍ବୃତ୍ତ





ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌରାଞ୍ଚଳ ଅଧୀନରେ ଥିବା ୮ ନମ୍ବର୍ ୱାର୍ଡ ଡଙ୍ଗରି ସାହିରେ ଥିବା ଆୟାପା ମନ୍ଦିର ଠାରେ ଗତ କାଲି ରାତି ବଡ ଧରଣର ଚୋରି ହେଇଛି। ମନ୍ଦିରରେ ଥିବା ସମସ୍ତ ଜିନିଷକୁ ଦୁର୍ବୃତ୍ତମାନେ ଚୋରି ହୋଇଥିବା ନେଇ ଥାନାର ଦ୍ୱାରସ୍ଥ। ବୁଧବାର ମନ୍ଦିର କାର୍ଯ୍ୟ ଆରମ୍ଭ କରିବା ପାଇଁ ମନ୍ଦିର ସଂଘର କିଛି ସଦସ୍ୟ ଏକତ୍ର ହେବା ପାଇଁ ମନ୍ଦିରକୁ ଯାଇଥିଲେ। ଚୋରି ହୋଇଥିବା ଜାଣିବା ପରେ ଆୟାପ୍ପା ସେବା ସଂଘର ସଭାପତି ନଳିନୀ ରଞ୍ଜନ ମିଶ୍ର ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଚୋରଙ୍କୁ ଧରିବା ପାଇଁ ତତ୍ପରତା ପ୍ରକାଶ ପାଇଛି। ମନ୍ଦିରରୁ ୧ କିଲୋ ରୁପା, ପିତଳ ୩ କ୍ୱିଣ୍ଟାଲ, ବଡ ବେଟେରି, ମାଇକସେଟ, ସମରସିବଲ ପାଣି ମୋଟର ସହ ବହୁତ୍ ଜିନିଷ ପତ୍ର ଚୋରି ହୋଇଥିବା ଏତଲାରେ ଦର୍ଶାଯାଇଛି। ଚୋରୀ ସାମଗ୍ରୀର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେଇଥିବା ଅନୁମାନ କରାଯାଉଛି। ବୁଧବାର ନବରଙ୍ଗପୁର ପୋଲିସ ସାଇଣ୍ଟିଫିକ ଟିମ୍ ଓ ଅନୁସନ୍ଧାନି କୁକୁର ମନ୍ଦିରରେ ପହଁଚି ତଦନ୍ତ କରିଥିଲା। ଅପରପକ୍ଷରେ ଉମରକୋଟରେ ଥିବା ସମସ୍ତ କଂସାବାସନ ଦୋକାନ ସହ ବିଭିନ୍ନ କବାଡି ଦୋକାନ ଗୁଡିକୁ ମନ୍ଦିର କମିଟି ପକ୍ଷରୁ ଚୋରି ହେଇଥିବା କଥା ସୂଚନା ପ୍ରଦାନ କରାଯିବ ସହ କେହି ଯଦି ଚୋରି ହେଇଥିବା ସାମଗ୍ରୀ ବିକ୍ରୀ ପାଇଁ ଆଣେ ତୁରନ୍ତ କମିଟିକୁ ଜଣାଇବା ପାଇଁ ଅନୁରୋଧ କରାଯାଇଛି।

## ସାମ୍ବାଦିକଙ୍କ ପିତୃ ବିୟୋଗ

ଫୁଲନଖରା, (ଭାସ୍କର ନ୍ୟୁଜ୍): ସଦର ଥାନା ଅନ୍ତର୍ଗତ ଗଙ୍ଗେଶ୍ୱର ମୌଜାର ଧର୍ମପ୍ରାଣ ତଥା କୁରାଙ୍ଗଶାସନ ସିଦ୍ଧେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ଯୁଧିଷ୍ଠିର ପାତ୍ରଙ୍କ ବୁଧବାର ପ୍ରତ୍ୟୁଷରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୮୪ବର୍ଷ ବୟସ ହୋଇଥିଲା। ସେ ଶିକ୍ଷକତା ପରେ ପରିବେଶ ସୁରକ୍ଷାରେ ନିଜକୁ ନିୟୋଜିତ କରିଥିଲେ। ଏଥିପାଇଁ ସେ ୨୦୧୨ ମସିହାରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ଚିନ୍ତାମଣି ନାୟକ, ଦୁଷ୍ମନ୍ତକୁମାର ସ୍ୱାଇଁ, ବିନୋଦକୁମାର ରାୟ, ସନ୍ତୋଷକୁମାର ପାତ୍ର, ସାଇମୋହନ ବିଶ୍ୱାଳ, ପ୍ରମୋଦକୁମାର ଜେନା, ପଦ୍ମଲୋଚନ ରାଉତ, ପ୍ରଦୀପ କେଶରୀ ପାତ୍ର, ମଧୁସୂଦନ ସୁବୁଦ୍ଧି, ପ୍ରଭାତ କେଶରୀ ପାତ୍ର, ପ୍ରମୋଦକୁମାର ପାତ୍ର, ରାଧାଶ୍ୟାମ ସୁବୁଦ୍ଧି, ଲଳିତକୁମାର ପାତ୍ର ଓ ରୁନା ବିଶ୍ୱାଳଙ୍କ ସମେତ ତିନି ଝିଅ, ତିନି ବୋହୂ, ଜ୍ୱାଇଁ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଏହି ଖବର ପାଇ ଆଇନଜୀବୀ ଅଭିରାମ ପାତ୍ର, ସୁନ୍ଦରପ୍ରଭାତ ଦାସ, ସନ୍ନ୍ୟାସୀଜୀ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଅଜୟକୁମାର ଦାଶ, ସତ୍ୟରଂଜନ ଦାସ ମହାପାତ୍ର, ପ୍ରମୁଖ ଗଙ୍ଗେଶ୍ୱର ଚିନ୍ତାମଣି ଫାର୍ମ ସ୍ଥିତ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠପୁତ୍ର ତଥା ସାମ୍ବାଦିକ ପ୍ରତାପକେଶରୀ ପାତ୍ର ମୁଖାଗ୍ନି ଦେଇଥିଲେ।

# ବିରିଡି ଥାନାରେ ଥାର୍ଡ଼ଡିଗ୍ରୀ ଅଭିଯୋଗ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ବିରିଡି ଥାନାରେ ଗତ ୨୫.୭.୨୦୨୫ରେ ବାଲିଆ ଗ୍ରାମର ପାର୍ଥ ସାରଥୀ ଦାସ ନାମକ ଜଣେ ଯୁବକକୁ ପୋଲିସ ଅମାନୁଷିକ ଭାବେ ଦିନ ୧ଟାରୁ ୪ ଟା ପର୍ଯ୍ୟନ୍ତ ପିଟିବା ଘଟଣାକୁ ନେଇ ଏସପିଙ୍କ ନିକଟରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ଗତ ୨୫.୭.୨୦୨୫ ତାରିଖରେ ବିରିଡି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତିର୍ତ୍ତୋଲ ବିଧାୟକ ଡ଼ଃ ରମାକାନ୍ତ ଭୋଇ ଏକ ବୈଠକ ରଖିଥିଲେ। ବୈଠକ ସରିବା ପରେ ପାର୍ଥ ସାରଥୀ ବ୍ଲକରେ କରିଥିବା ଠିକା କାମର ବିଲ ସମ୍ପର୍କରେ ବୁଝାବୁଝି କରୁଥିବା ସମୟରେ ହଠାତ କେତେକ ବିଶୃଙ୍ଖଳିତ ଯୁବକ ବ୍ଲକ କାର୍ଯ୍ୟାଳୟକୁ ପଶିଆସି ପାର୍ଥ ସାରଥୀଙ୍କୁ ମାଡ଼ ମାରିଥିଲେ। ସେମାନଙ୍କୁ ପ୍ରତିବାଦ କରିବାରୁ ବିରିଡି ଥାନା ଅଧିକାରୀ ସବ୍ୟସାଚି ରାଉତ ହଠାତ ପାର୍ଥ ସାରଥୀଙ୍କୁ ଧରି ବିରିଡି ଥାନାକୁ ନେଇ ଆସିଥିଲେ। ବିରିଡି ଥାନାରେ ଦିନ ୧ଟା ଠାରୁ ୪ଟା ପର୍ଯ୍ୟନ୍ତ ତାଙ୍କୁ ପୋଲିସ ଗାଡ଼ିରେ ମାଡ଼ ମାରିବା ସହିତ ଅକଥନୀୟ ଯନ୍ତ୍ରଣା ଦିଆଯାଇଥିଲା। ଦିନ ୪ଟା ୩୦ ମିନିଟରେ ପାର୍ଥ ସାରଥିଙ୍କ ସମ୍ପର୍କୀୟଙ୍କୁ ଡକାଇ ପୋଲିସ ତାଙ୍କୁ ଛାଡି ଦେଇଥିଲା ଓ ଧମକ ଦେଇଥିଲା ଡାକ୍ତରଙ୍କୁ ପୋଲିସ ମାଡ଼ କଥା କହିଲେ ପୁଣି ଥାନାରେ ପୁରାଇ ସେକିବି। ପୋଲିସ ମାଡରେ ଆହତ ପାର୍ଥ ସାରଥୀ ସମ୍ପର୍କୀୟଙ୍କ ସହିତ ଭୁବନେଶ୍ୱର ଯାଇ ୮ନଂ ମେଡ଼ିକାଲରେ ୨୬ ଜୁଲାଇରେ ଚିକିତ୍ସିତ ହୋଇଥିଲେ ଏବଂ ଅଗଷ୍ଟ ୨ ତାରିଖ ଦିନ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଡାକ୍ତର ଦେଖାଇବା ପରେ ତାଙ୍କୁ କଟକ ମେଡ଼ିକାଲ ପଠାଇ ଦିଆଯାଇଥିଲା ଓ ସେ କଟକରେ ଚିକିତ୍ସିତ ହେଉଛନ୍ତି। ୩ ତାରିଖ ଦିନ ଘଟଣା ସମ୍ପର୍କରେ ସେ ଏସପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଜଗତସିଂହପୁର ଏସପି ଭବାନୀ ଶଙ୍କର ଉଦଗାତା କହିଛନ୍ତି ଯେ ଥାନାର ସିସିଟିଭି ଯାଞ୍ଚ କରିବା ସହିତ ଘଟଣାର ତଦନ୍ତ ହେବ।

# ଯୁକ୍ତ ୩ ଛାତ୍ରିଙ୍କୁ ମରଣାନ୍ତକ ଆକ୍ରମଣ, ଛାତ୍ରି ଗୁରୁତର



କାଳିମେଳା, (ଭାସ୍କର ନ୍ୟୁଜ୍): ଚୋରି କରିବାକୁ ଆସି ଯୁକ୍ତ ୩ ଛାତ୍ରୀଙ୍କୁ ମାରାଣତ୍ମକ ଆକ୍ରମଣରେ ଛାତ୍ରୀଜଣଙ୍କ ଗୁରୁତର ଆହତ। ଆହତ ଛାତ୍ରୀ ଜଣଙ୍କ ହେଲେ ଖୁସୁବୁ ଗୋଲଦାର (୧୮)। ପୋଲିସ ଖବର ପାଇ ଘଟଣା ସ୍ଥଳେ ପହଞ୍ଚି ତଦନ୍ତ ଜାରି ରଖିଛି। ଘଟଣାଟି ଘଟିଛି ଏମଭି ୭୯ ଥାନା ନାଲଗୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଏମପିଭି ୭୪ ଗ୍ରାମ ନିକଟରେ। ଗ୍ରାମର ରାସ୍ତା ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜ ପଥ କଡରେ ଥିବା ଜଣେ ଶିକ୍ଷକଙ୍କ ଘରେ ଘଟିଛି ଏପରି ଘଟଣା। ପରିବାର ପକ୍ଷରୁ ଜଣାଯାଇଛି ଗତ ରାତି ଦୁଇଟା ସମୟରେ କେହି ଦୁର୍ବୃତ୍ତ ଘର ନିକଟ ଆମ୍ବଗଛରେ ଚଢି ଘର ଛାତ ଉପରକୁ ଯାଇ ସିଡିଘର ଖୋଲି ଘର ମଧ୍ୟରେ ପଶିଥିଲା। ପଶିବା ପରେ ଶିକ୍ଷକ ଏବଂ ତାଙ୍କ ପତ୍ନୀ ସୋଇଥିବା ଘରର କବାଟ ବନ୍ଦ କରି ଚୋରି କରିବା ପାଇଁ ଚେଷ୍ଟା କରୁଥିଲାବେଳେ ସେହି ସମୟରେ ପ୍ରଥମ ଘରେ ଶୋଇଥିବା ଖୁସୁବୁ ଉଠିପଡିବାରୁ ଦୁର୍ବୃତ୍ତ ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଧରିଥିବା ଏକ ଟାଙ୍ଗିଆରେ ତାଙ୍କ ମୁଣ୍ଡକୁ ହାଣି ଦେଇଥିଲା। ଚିତ୍କାର କରିବା ବେଳେ ଦୁର୍ବୃତ୍ତ ଜଣଙ୍କ ତାଙ୍କ ବେକ ଚାପି ଧରିଥିଲା। ଯୁବତୀ ଜଣଙ୍କ ସାହସର ସହ ଦୁର୍ବୃତ୍ତକୁ ଏକ ଶକ୍ତ ଗୋଇଠା ମାରିବା ସହ ଚିତ୍କାର କରିଥିଲା। ଫଳରେ ଭୟଭିତ ହୋଇ ଦୁର୍ବୃତ୍ତ ଖସିଯାଇଛି। ସେମାନେ କେତେ ଜଣ ଥିଲେ ତାହା ପୋଲିସର ଯାଞ୍ଚ ପରେ ଜଣାପଡିବ। ଥାନା ଅଧିକାରୀ ଚନ୍ଦ୍ରକାନ୍ତ ତାଣ୍ଡିଙ୍କ କହିବା ଅନୁଯାଇ ସିସିଟିଭି ଯାଞ୍ଚ କରାଯାଉଛି। ଅତିଶୀଘ୍ର ଅଭିଯୁକ୍ତମାନେ ଧରାପଡିବେ। ଦୁର୍ବୃତ୍ତ ମାନେ ରାସ୍ତା କଡରେ ଥିବା ସଞ୍ଜୟ ବିଶ୍ୱାସଙ୍କ ଦୋକାନ ଗୃହ ମଧ୍ୟରେ ପଶିଲେ, କିନ୍ତୁ କିଛି ଚୋରି କରିପାରି ନଥିବା ମାଲିକ ବିଶ୍ୱାସ କହିଛନ୍ତି।

## ଛାତରୁ ଖସି ଯୁବକ ଗୁରୁତର

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅରେହିକଣା ପଞ୍ଚାୟତ ଅରେହିକଣା ଗ୍ରାମରେ ଏକ ଯୁବକ ଭାରସାମ୍ୟ ହରାଇ ପ୍ରଥମ ମହଲା ଖସି ଗୁରୁତର ଭାବେ ଆହତ ହୋଇଥିବା ଜଣାପଡିଛି। ଖବରସୂତ୍ରରୁ ପ୍ରକାଶ ଆଳି ଥାନା ଅରେହିକଣା ଗ୍ରାମର ସାଗର ମଲିକ(୧୮) ପ୍ରଥମ ମହଲାକୁ ଘରୋଇ କାର୍ଯ୍ୟ ପାଇଁ ଯାଇଥିଲେ। ବର୍ଷାଯୋଗୁଁ ଛାତରେ ଶିଉଳି ଲାଗିଥିବା ହେତୁସାଗରଙ୍କ ଗୋଡ଼ ଖସିଯିବାରୁ ସେ ଉପର ମହଲାରୁ ଖସି ଗୁରୁତର ଆହତ ହୋଇଛନ୍ତି। ଫଳରେ ତାଙ୍କ ବାମ ହାତ, ଡାହାଣ ଗୋଡ଼, ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗୁରୁତର ଆହତ ସାଗରଙ୍କୁ ସ୍ଥାନୀୟ ଲୋକେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା କରାଇ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କେନ୍ଦ୍ରାପଡ଼ାକୁ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି।

# ପେନ୍‌ସନ୍ ଓ ଚାକିରି ସର୍ତ୍ତାବଳୀ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ




ଢେଙ୍କାନାଳ, (ଭାସ୍କର ନ୍ୟୁଜ୍): ରାଜ୍ୟ ସଂଘର ଆହ୍ୱାନ କ୍ରମେ ଢେଙ୍କାନାଳ ଜିଲ୍ଲା ୬୨୨ ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘର ପେନ୍‌ସନ୍ ଓ ଚାକିରୀ ସର୍ତ୍ତାବଳୀ ଦାବି ନେଇ ଏକ ବିରାଟ ପଟୁଆର ସ୍ଥାନୀୟ କୋର୍ଟ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସିଥିଲା। ଢେଙ୍କାନାଳ ଜିଲ୍ଲାର ବିଭିନ୍ନ +୨ ଓ +୩ କଲେଜ୍‌ର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପକା ଓ କର୍ମଚାରୀମାନେ ଉକ୍ତ ପଟୁଆରରେ ଯୋଗଦାନ କରିଥିଲେ। ଦୀର୍ଘ ୩୦ ରୁ ୩୫ବର୍ଷ ଧରି ଏ ବର୍ଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଗ୍ରାମାଂଚଳର ୭୦ ଭାଗରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନୀରବଚ୍ଛିନ୍ନ ଭାବରେ ଶିକ୍ଷାଦାନ କରି ଅବସର ଗ୍ରହଣ କରିବା ପରେ ସେମାନଙ୍କ ପାଇଁ ନା ଅଛି ପେନ୍‌ସନ୍, ନା ଅଛି ଚାକିରୀ ସର୍ତ୍ତାବଳୀ। ତେଣୁ ସେମାନେ ଅବସର ପରେ ନାହିଁ ନଥିବା ଦୁଃଖ ଓ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ଉକ୍ତ ଘେରାଉ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି, ଅଧ୍ୟକ୍ଷ ଗୋଲକ ନାୟକ ଯୋଗଦାନ କରି ବର୍ତ୍ତମାନର ସରକାରଙ୍କୁ ସଚେତନ କରାଇବା ସହିତ ଖୁବ୍ ଶୀଘ୍ର ଏ ବର୍ଗର ଶିକ୍ଷକମାନଙ୍କର ଦାବୀ ପୂରଣ ପାଇଁ ସରକାରଙ୍କ ପାଖରେ ଦୃଢ ଦାବୀ ରଖିଥିଲେ। ଯଦି ଦାବି ପୂରଣ ନ ହୁଏ, ତେବେ ଆଗାମୀ ଦିନରେ ଏ ବର୍ଗର ସମସ୍ତ ଶିକ୍ଷାନୁଷ୍ଠାନରେ ତାଲା ଝୁଲିବ ବୋଲି ଚେତାବନୀ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ। ଆଜି ଏକ ବିରାଟ ଶୋଭାଯାତ୍ରାରେ ଜିଲ୍ଲାର ଶତାଧିକ ଅଧ୍ୟାପକ ଓ କର୍ମଚାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଆସି ନାର୍ଯ୍ୟଦାବି ହାସଲ କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଭାରତର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡିଶା ରାଜ୍ୟର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ମଧ୍ୟ ଯଦି ସରକାର ଏସବୁ ବର୍ଗର କର୍ମଚାରୀଙ୍କ ନାର୍ଯ୍ୟ ଦାବି ପୂରଣ କରିବାରେ ବିଳମ୍ବ କରନ୍ତି, ତେବେ ଆଗାମୀ ୧୬ ତାରିଖ ଠାରୁ ଏକ ମହାସଂଗ୍ରାମର ଆରମ୍ଭ ହେବ ବୋଲି ଜିଲ୍ଲାର ଏ ବର୍ଗର ଶିକ୍ଷକ ନେତାମାନେ ଘୋଷଣା କରିଅଛନ୍ତି। ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଡଃ. ସମୀର କୁମାର ସାହୁ, ପୂର୍ବତନ ସଭାପତି ବିଜୟ କୁମାର ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ପ୍ରଭାତ କୁମାର ସାମଲ, ଶିଶିର କୁମାର ରାଉତ, ପ୍ରଦୀପ ମିଶ୍ର, ଜିଲ୍ଲା ଉପସଭାପତି ଡଃ. କବିତା ମହାନ୍ତି ଓ ଡଃ ପୁଷ୍ପଲତା ରଥ ପ୍ରଭୃତି ତାଙ୍କର ବକ୍ତବ୍ୟ ରଖିଥିଲେ। ଢେଙ୍କାନାଳ ଜିଲ୍ଲା ପୋଲିସଙ୍କ ସହାୟତାରେ ଏକ ୫ଜଣିଆ ଶିକ୍ଷକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରମେଶ କୁମାର ସେଠୀଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।

## ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ଛାତ୍ର ବିଜେଡ଼ିର ବିକ୍ଷୋଭ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ସମଗ୍ର ରାଜ୍ୟରେ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ପଡିଛି। ବିଜେପି ସରକାରର ଅପାରଗତା ବିରୁଦ୍ଧରେ ମହିଳାମାନଙ୍କୁ ସୁରେକ୍ଷା ଦିଅ ଦାବିରେ ଯାଜପୁର ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ପୋଲିସ ଡିଜିଙ୍କୁ ଯାଜପୁର ଏସପିଙ୍କ ମାଧ୍ୟମରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମଗ୍ର ଯାଜପୁର ଜିଲ୍ଲା ବିଜେଡି ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ବିଜେଡି ନେତା ଭବ ପ୍ରସାଦ ଦାସଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାରେ ଯୁବକ ଛାତ୍ରମାନେ ଏକ ପଟୁଆରରେ ବିଭିନ୍ନ ନାରାବାଜି କରିଥିଲେ। ବିଜେପି ସରକାର ହାୟ ହାୟ ନାରୀ ସୁରେକ୍ଷା ଯୋଗାଇ ବାରେ ମୋହନ ସରକାର ବିଫଳ। ସରକାର ରହିବାର ଅଧିକାର ନାହିଁ, ତୁରନ୍ତ ଗାଦି ଛାଡ଼ ବୋଲି ନାରା ଦେଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପଦର୍ଶନ କରିଥିଲେ। ବିଜୁ ଯୁବ ଛାତ୍ର ଜନତା ଦଳ ଏସପିଙ୍କୁ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପଦାନ କରିଥିଲେ।

# ଯୁବକକୁ ମାରି ରାସ୍ତାରେ ଫିଙ୍ଗିଦେଲେ ଦୁର୍ବୃତ୍ତ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳର ଯୁବକକୁ ହତ୍ୟା କଲେ ଦୁର୍ବୃତ୍ତ। ଯାହାକୁ ନେଇ ମୃତ ଯୁବକଙ୍କ ସମ୍ପର୍କୀୟ ମାମୁଁ ଥାନାରେ ଆଣିଛନ୍ତି ଅଭିଯୋଗ। ଏପରି ବିଭତ୍ସ ହତ୍ୟାକାଣ୍ଡ ଘଟି ଚାଲିଥିବା ବେଳେ ତୁରନ୍ତ ଏ ଦିଗରେ ପୁରୀ ପୋଲିସ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ନିମାପଡ଼ା ନହନ୍ତରା ଗ୍ରାମର ଅଜୟ କୁମାର ସେଠୀ (୨୬) ନାମକ ଯୁବକ ଗତ ମଙ୍ଗଳବାର ରାତ୍ରରେ ଘରକୁ ଫେରି ନଥିଲେ। ପରିବାର ଲୋକେ ଖୋଜ ଖବର କରିଥିଲେ ମଧ୍ୟ କୌଣସି ସନ୍ଧାନ ପାଇପାରି ନଥିଲେ। ବୁଧବାର ସକାଳୁ ଖବର ପାଇଲେ ଜଣେ ଯୁବକ ପିପିଲି-ଭୁବନେଶ୍ୱର ବାଇପାସ୍ ରୋଡ଼୍‌ରେ ମରି ପଡ଼ିଛି। ପରିବାର ସେଠାକୁ ଯାଇ ଚିହ୍ନଟ କରିଥିବା ବେଳେ ଯୁବକକୁ କେହି ମାରି ସେଠାରେ ଫିଙ୍ଗି ଦେଇଥିବା ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପିପିଲି ପୋଲିସ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଜାରି ରଖିଥିଲେ ମଧ୍ୟ ପିପିଲି ପୋଲିସ ରାଜନୀତିକ କୁଜି ନେତାଙ୍କ କଥାରେ ପରିଚାଳିତ ହେଉଥିବା ବେଳେ ଏଠାରୁ କିପରି ନ୍ୟାୟ ମିଳିପାରିବ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ସଭାରେ 'ଓଡ଼ିଶା ଭାସ୍କର'ର ସାମ୍ବାଦିକଙ୍କୁ ଆକ୍ରମଣ ହୋଇଥିଲେ ମଧ୍ୟ ପୋଲିସ ଆଜିପର୍ଯ୍ୟନ୍ତ ଅଭିଯୁକ୍ତକୁ ବାନ୍ଧିପାରୁ ନାହିଁ। ଏହି ଅଭିଯୁକ୍ତ ଅନେକ ସମୟରେ ପିପିଲି ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ସହ ଦାଦାବଟି ଠାରୁ ଆରମ୍ଭ କରି ବିଭିନ୍ନ ଲୋକଙ୍କ ଠାରୁ ଦଳୀୟ ଧମକ ଦେଇ ଚାନ୍ଦା ଆଦାୟ କରୁଥିବା ଶୁଣିବାକୁ ମିଳୁଛି। ତଥାପି ଏପରି ବ୍ୟକ୍ତିକୁ ପିପିଲି ପୋଲିସ ଘଣ୍ଟଘୋଡ଼ାଇ ରଖିବା ପଛରେ ପୋଲିସର ମହତ୍ ଉଦ୍ଦେଶ୍ୟ ରହିଛି ବୋଲି ଜଣାପଡ଼ିଛି। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ସଭାରେ ସମ୍ବାଦିକ ସୁରକ୍ଷିତ ରହୁ ନଥିବା ବେଳେ ସାଧାରଣ ଜନତାଙ୍କୁ ପୋଲିସ କି ନ୍ୟାୟ ଦେବ ତାହା ଏବେ ଜନସାଧାରଣଙ୍କ ପାଇଁ ଚିନ୍ତା ପ୍ରକଟ କରିଛି।

# ଅଜଣା ଯୁବକଙ୍କ ପରିଚୟକୁ ନେଇ ଗ୍ରାମବାସୀ ଭୟଭୀତ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଅଜଣା ଯୁବକଙ୍କ ପରିଚୟକୁ ନେଇ ଗ୍ରାମବାସୀଙ୍କ ଭୟ। ଅସ୍ତରଙ୍ଗ ଥାନାରେ ପୂର୍ବରୁ ଲିଖିତ ଅଭିଯୋଗ ଦେବା ପରେ ୧୫ଦିନର ମହଲତପରେ କାହିଁକି ପୋଲିସ ଯୁବକଙ୍କ ନିର୍ଦ୍ଦିଷ୍ଟ କାଗଜ ପତ୍ର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ ତାହା ସନ୍ଦେହ। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବରାଙ୍ଗ ଗ୍ରାମରେ ସୁକା ମୁଣ୍ଡା ନାମକ ଯୁବକ। ଘର ବ୍ରହ୍ମପୁର, କରଞ୍ଜିଆ ବୋଲି ସୂଚନା ମିଳିଛି। ବ୍ୟକ୍ତି ଜଣକ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରି ଅସ୍ତରଙ୍ଗ ଅଞ୍ଚଳରେ ନାମ ପରିବର୍ତ୍ତନ କରି ବସବାସ କରୁଛନ୍ତି। ଯାହା ଫଳରେ ଗ୍ରାମବାସୀ ଯୁବକ ପ୍ରକୃତ ପରିଚୟ ସ୍ପଷ୍ଟ ସୂଚନା ମିଳିପାରୁନଥିବା ବେଳେ ଏକ ମାସ ମଧ୍ୟରେ ବରାଙ୍ଗ ଗ୍ରାମରେ ୨ଟି ଘଟଣା ଘଟାଇ ସାରିଲେଣି। ଏହା ସହ ଯୁବକଙ୍କୁ ଦେଖି ସ୍ଥାନୀୟ ଲୋକ ଭୟଭିତଥିବା ବେଳେ ନିଜକୁ ମାଓବାଦୀ ବୋଲି ଧମକ ଦେଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। କିନ୍ତୁ ଘଟଣାକୁ ସତ୍ୟାସତ୍ୟ ପୋଲିସ ଅନୁସନ୍ଧାନ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳ ରହୁଥିବା ଯୁବକ ପ୍ରକୃତ ନାଁ କଣ, ତାଙ୍କ ପାଖରେ କଣ ପରିଚୟ ପତ୍ର ରହିଛି ପୋଲିସ ଯାଞ୍ଚ କରୁଥିବା ବେଳେ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉକ୍ତ ଯୁବକଙ୍କ ସ୍ୱଷ୍ଟ ପରିଚୟ ପତ୍ର ନ ମିଳିଲେ ସ୍ଥାନୀୟ ଅଞ୍ଚଳରୁ ବିତାଡିତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଜଗୁ ସାଗର ପୋଖରୀ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ତତ୍ପର



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ଅଞ୍ଚଳର ବହୁ ପୁରାତନ ଐତିହାସିକ ଜଗୁ ସାଗର ପୋଖରୀ ଆଡି ପୋତି ବାସଗୃହ ନିର୍ମାଣ ଏବଂ ରାସ୍ତାକୁ ଜବରଦଖଲ ସହ ଘର ତିଆରି କରି ଭଡ଼ା ଟଙ୍କା ଆଦାୟ କରୁଥିବାରୁ ନେଇ ବାରମ୍ବାର ଦାବି ପରେ ଏବେ ପ୍ରଶାସନ ତତ୍ପର ହୋଇଛି। ଧାମନଗର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଅମିନ ପଙ୍କଜ କୁମାର ନାୟକ, ରାଜସ୍ୱ ନିରୀକ୍ଷକ ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ପୋଖରୀର ଆଡି ରେ କେଉଁମାନେ ସରକାରୀ ଜମି ଜବର ଦଖଲ କରିଛନ୍ତି ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରି ତହସିଲରେ ଜମା କରାଯିବ ବୋଲି ରାଜସ୍ୱ ନିରୀକ୍ଷକ ସୂଚନା ଦେଇଛନ୍ତି। ଏପଟରେ ସରକାରୀ ଜମି ଚିହ୍ନଟ କରି ଉଚ୍ଛେଦ କରାଗଲେ ଟ୍ରାଫିକ ସମସ୍ୟା ଦୂର ହେବା ସହ ଗମନାଗମନ ସୁବିଧା ହୋଇ ପାରିବ ବୋଲି ସାଧାରଣରେ ଆଲୋଚନା ସହିତ ଦାବି ହେଉଛି। ଏ ସମ୍ପର୍କରେ ତହସିଲଦାର ସହ ଯୋଗାଯୋଗ କରିଥିଲେ ଯେ ସମସ୍ତ ତଥ୍ୟ ପ୍ରସ୍ତୁତ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ। ସୂଚନା ଥାଉକି ଦୀର୍ଘ ବର୍ଷ ହେବ ଧାମନଗର ବଜାର ସନ୍ନିକଟରେ ଏହି ସର୍ବ ପୁରାତନ ପୋଖରିଟି ରହିଛି। ଧିରେଧିରେ ଚାରି ପାଖରେ ସ୍ଥାନୀୟ ଲୋକମାନେ ଜବର ଦଖଲ କରି ପୋଖରିକୁ ସଂକୁଚିତ କରିସାରିଲେଣି। ଉକ୍ତ ପୋଖରିକୁ ବର୍ଷେ ପୂର୍ବେ ପୁନରୁଦ୍ଧାର ପାଇଁ ୩୦ ଲକ୍ଷ ଖର୍ଚ୍ଚ କରା ଯାଇଥିଲା। ମାତ୍ର ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଅର୍ଥ ହରିଲୁଟ ହୋଇ ଯାଇଥିବା ବେଳେ ଏବେ ପୋଖରି ଆଡି ଜବରଦଖଲ ହୋଇଛି। ଏବେ ପ୍ରଶାସନ ଉଚ୍ଛେଦ ପାଇଁ ଅଣ୍ଟା ଭିଡି ଥିବା ବେଳେ କେତେ ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।

# ପାଣିରେ ବୁଡ଼ି ରହିଛି ବୋଡ଼କ ହଟନଗର-ଓରାଳି ରାସ୍ତା



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ବୋଡ଼କ ପଞ୍ଚାୟତର ହଟନଗର-ଓରାଳି ରାସ୍ତାଟି ପାଣିରେ ବୁଡ଼ି ରହିଛି। ଯାହାଫଳରେ ଓରାଳି ହଟନଗର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଓରାଳି ଗ୍ରାମର ୩ଶହ ପରିବାର ଜଳବନ୍ଦୀରେ ରହିଛନ୍ତି। ହଟନଗର ଠାରେ ଥିବା ରେବନଦୀରେ ସୁରକ୍ଷା ପ୍ରାଚୀର ନିର୍ମାଣ ଅଧାପନ୍ତରିଆ ହୋଇ ପଡ଼ି ରହିଛି। ସୁରକ୍ଷା ପ୍ରାଚୀର ନିର୍ମାଣ କରୁଥିବା ଠିକାଦାର ନିର୍ମାଣ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଏହି ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ସାଳନ୍ଦୀ ଜଳସେଚନ ବିଭାଗ ପକ୍ଷରୁ ୨କୋଟି ୧୦ଲକ୍ଷ ଟଙ୍କା ମଂଜୁର ହୋଇ ନିର୍ମାଣ କାର୍ଯ୍ୟ ଚାଲିଥିଲା। ମାତ୍ର ଠିକାଦାର ନିର୍ମାଣ କାର୍ଯ୍ୟକୁ ଅଧାରୁ ଛାଡ଼ି ଦେଇଥିବାରୁ ଓରାଳି-ହଟନଗର ରାସ୍ତା ପାଣିରେ ବୁଡ଼ି ରହିଛି। ବର୍ଷାଦିନ ପୂର୍ବରୁ ସରକାରଙ୍କ ଠାରୁ ଅନୁଦାନ ଯୋଗାଇ ଦିଆଯାଇ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଉଥିଲା। ମାତ୍ର ଠିକାଦାରଙ୍କ ଅବହେଳା ପାଇଁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିଲା ନାହିଁ। ଯେଉଁଥିପାଇଁ ନଦୀରେ ବନ୍ୟା ଆସି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଓରାଳି-ହଟନଗର ରାସ୍ତାଟି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇ ଯାଇଛି। ଯାହାଫଳରେ ଓରାଳି ଗ୍ରାମର ୨ହଜାର ଲୋକ ରାସ୍ତାରେ ଯାତାୟତ କରି ନପାରି ପାଣି ଘେରରେ ରହିଛନ୍ତି। ସ୍କୁଲ ପିଲାମାନେ ମଧ୍ୟ ରାସ୍ତାରେ ଯାଇ ପାରୁନାହାନ୍ତି। ନଦୀରେ କୁମ୍ଭୀର ଭୟ ଥିବାରୁ ଲୋକମାନେ ଆତଂକିତ ଅବସ୍ଥାରେ ରହିଛନ୍ତି। ରାସ୍ତାଟି ପାଣିରେ ବୁଡ଼ି ରହିଥିବାରୁ ଓରାଳି ଗ୍ରାମକୁ କୌଣସି ଜରୁରୀ କାଳୀନ ଗାଡ଼ି ଯାଇ ପାରୁନାହିଁ। ଓରାଳି ଗ୍ରାମରେ ଅଗ୍ନିକାଣ୍ଡ ଘଟିଲେ କିମ୍ବା କୌଣସି ଲୋକ ଗୁରୁତର ଅସୁସ୍ଥ ହେଲେ ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା କଷ୍ଟସାଧ୍ୟ ହୋଇ ପଡ଼ିଛି। ତୁରନ୍ତ ସୁରକ୍ଷା ପ୍ରାଚୀର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହିତ ରାସ୍ତା ନିର୍ମାଣ କରାଯିବାକୁ ଦାବି କରାଯାଇଛି। ତେବେ ଏ ସମ୍ପର୍କରେ ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ କୃତିବାସ ମହାପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଯାଇଛି, ଅନୁଦାନ ଆସିଲେ ରାସ୍ତା ନିର୍ମାଣ ହେବ।

## ଦୁର୍ଘଟଣାରେ ଯୁବତୀ ମୃତ

ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଦ୍ରୁତ ଗତିରେ ଚଳାଉଥିଲେ ବାଇକ୍, ପିନ୍ଧି ନଥିଲେ ହେଲମେଣ୍ଟ। ବେପାରୁଆ ଗାଡ଼ି ଚାଳନା ଯୋଗୁଁ ଏକ ପଥର ପାଚେରୀରେ ଧକ୍କା ହେଲା ବାଇକ୍। ବାଇକ୍‌ରେ ଆରୋହଣ କରିଥିବା ଯୁବତୀ ଜଣକ ଛିଟିକି ପଡି ଘଟଣା ସ୍ଥଳରେ ମୃତ୍ୟୁବରଣ କରିଛନ୍ତି ଏବଂ ବାଇକ୍ ଚାଳକ ଜଣକ ଗୁରୁତର ଆହତ ହୋଇ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ଏଭଳି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ଚାନ୍ଦପୁର ଥାନା ଅଧିନସ୍ଥ ରାଇପଡା ଗାଁ ଛକ ନିକଟରେ। ଗୁରୁତର ଆହତ ହୋଇଥିବା ଯୁବକ ତଥା ବାଇକ୍ ଚାଳକ ଜଣକ ରଣପୁର ଅଞ୍ଚଳର ଚନ୍ଦନ ସ୍ୱାଇଁ ହୋଇଥିବା ବେଳେ ମୃତ ଯୁବତୀ ଜଣକ ନିକଟସ୍ଥ ଚିଙ୍ଗୁଡ଼ି କମ୍ପାନୀରେ ଦିନ ମଜୁରିଆ ଭାବେ କାର୍ଯ୍ୟ କରୁଥିବା ବର୍ଷା ଭୋଇ। ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଚାନ୍ଦପୁର ପୋଲିସ। ବେପାରୁଆ ଭାବେ ବାଇକ୍ ଚାଳନା ଯୋଗୁଁ ଏପରି ଦୁର୍ଘଟଣା ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଚାନ୍ଦପୁର ପୋଲିସ ପକ୍ଷରୁ କୁହାଯାଇଛି।



# ଆମ କଳାହାଣ୍ଡି







## ଦେବଦୂତ ସାଜିଛି ପଣ୍ଡରା ମାଳି ସମାଜ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଦୁଃଖୀଙ୍କ ରାହା ପାଲଟିଛି ପଣ୍ଡରା ମାଳି ସମାଜ। ଦୁଃଖ ବେଳକୁ ଆଗ ଧାଡିରେ ଛିଡା ହୋଇ ଏକ ମାନବିକତାର ପରିଚୟ ସୃଷ୍ଟି କରି ପାରିଛି। ସମାଜର ଚିନ୍ତନ ଓ ସଦସ୍ୟଙ୍କ ମହାନତାରେ ଏବେ ସମାଜ ଅଗ୍ରସର ହେବାରେ ଲାଗିଛି। ମୁଖ୍ୟତଃ ସମାଜ ଭିତରେ ଆର୍ଥିକ ଶିକ୍ଷାଗତ ଓ ରାଜନୀତିକୁ ଦୃଢ଼ ରଖିବା ସଂକଳ୍ପ ବଦ୍ଧ ଥିବା ଚର୍ଚ୍ଚା ହେଉଛି। କେବଳ



ସହାୟତା ସମର୍ପଣ ଭାବ ସମ୍ପ୍ରଦାୟତା ଭିତରେ ନ ରଖି ସମାଜର ଅନେକ ଦୁଃଖୀରଙ୍କୀଙ୍କ ଦରଦକୁ ଅନୁଭବ କରି ସେବାସମର୍ପଣ ଭାବ ନେଇ ଏକ ମାନବିକତାର ଆଦର୍ଶ ବଜାଇ ରଖି ପାରିଛନ୍ତି। ନିକଟରେ ଜୁନାଗଡ଼ ବ୍ଲକ ସହରର ତାଳବନ୍ଧ ପଡାର ନିରୀହ ବାସନ୍ତୀ ଝାଙ୍କର କଥା ହେଉ ଅବା ଗୋଲାମୁଣ୍ଡା ବ୍ଲକର ଦାଦନ ଶ୍ରମିକଙ୍କ ମୃତ୍ୟୁ କଥା ହେଉ ଅବା ଯାହାର ଅର୍ଥ ଅଭାବରେ ବାହାର ରାଜ୍ୟରେ ଶବ ନିଜ ଗାଁକୁ ଆସି ପାରୁନାହିଁ। ପଣ୍ଡରା ମାଳି ସମାଜର ସହାୟତାରେ ଗାଁକୁ ଶବ ଆସି ପାରିଥିଲା। ସେତେବେଳେ ପଣ୍ଡରା ମାଳି ସମାଜକୁ ବିଭିନ୍ନ ମହଲରେ ପ୍ରଶଂସାର ସୁଅ ଛୁଟିଥିଲା। ପୁଣି ଏବେ ଜୁନାଗଡ଼ ସହରରେ ବସବାସ କରୁଥିବା ବାସନ୍ତୀ ପୁଝାରିଙ୍କୁ ସହାୟତାର ହାତ ବଢ଼ାଇଛି ମାଳି ସମାଜ। ଅତ୍ୟନ୍ତ ଗରିବ ଓ ବହୁ କଷ୍ଟରେ ଜୀବନଯାପନ କରୁଥିବା ଖବର ଜାଣିବା ପରେ ପଣ୍ଡରା ମାଳି ସମାଜ ଆର୍ଥିକ ସହାୟତା କରିଛି। ସେଭଳି ଧର୍ମଗଡ଼ ବ୍ଲକ କେବିଡ଼ି ଗ୍ରାମର ଜୟଶଙ୍କର ନାଏକ ଏକ ଦୁର୍ଘଟଣାରେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକ ଥିବାବେଳେ ପଣ୍ଡରା ମାଳି ସମାଜ ଦେବଦୂତ ଭାବେ ଠିଆ ହୋଇ ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ତେବେ ସମାଜର ଶ୍ରେଷ୍ଠ ନେତୃତ୍ୱ ନେଉଥିବା ମଧ୍ୟରେ ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, କୁଳପତି ପ୍ରକାଶ ବଣିଆ, ସଭାପତି ଈଶ୍ୱର ପୁଝାରି, ସମ୍ପାଦକ ଲୋକେଶ ନାଏକ, ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକ, ରତନ ନାଏକ, ବିପୁଳ ବଣିଆ, କାର୍ଗିଲ ବଣିଆ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ଜଣାପଡେ।

## ନିଅଣ୍ଟିଆ ବର୍ଷାରେ ଜମି ଫାଟି ଆଁ କଲାଣି

### ମରୁଡି ହେବା ନେଇ ଚିନ୍ତାରେ ଚାଷୀ



ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରେ ବର୍ତ୍ତମାନ ଶ୍ରାବଣ ମାସରେ ବୈଶାଖର ତାତି ପାଇଁ ଜମି ଫାଟି ଆଁ କରିଥିବା ବେଳେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ବ୍ଲକର ଚାଷୀ ଆଉ ଏକ ମରୁଡି ଚିନ୍ତାରେ ଅଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାଧାରଣତଃ ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ହୋଇଥିବାରୁ ବିଗତ କେତେ ବର୍ଷ ହେଲା ଅନେକ ଗ୍ରାମପଞ୍ଚାୟତ ମରୁଡିର ଶିକାର ହୋଇଥିବା ବେଳେ ଚଳିତବର୍ଷ ସଂପୂର୍ଣ୍ଣ ବ୍ଲକରେ ମରୁଡିର ପଦଧ୍ୱନୀକୁ ନେଇ ଚିନ୍ତାରେ ଚାଷୀ। ଚଳିତବର୍ଷ ସ୍ୱଳ୍ପ ବୃଷ୍ଟିପାତ ପାଇଁ ଗୋଲାମୁଣ୍ଡା ବ୍ଲକରେ ଧାନ ଚାଷ କାର୍ଯ୍ୟ ପଛାଇ ଯାଇଥିବା ବେଳେ ଜୁଲାଇ ମାସ ପ୍ରଥମ ଭାଗରେ ଗୋଲାମୁଣ୍ଡା ବ୍ଲକରେ ମଧ୍ୟମ ଧରଣର ବର୍ଷା ଯୋଗୁଁ ଚାଷୀ ରୂଆବେଉଷଣ କାର୍ଯ୍ୟରେ ମଜି ଯାଇଥିଲା। ବ୍ଲକର ୪୦ ପ୍ରତିଶତ ଅଞ୍ଚଳରେ ରୂଆବେଉଷଣ କାର୍ଯ୍ୟ ସରିଯାଇଥିବା ବେଳେ ବର୍ଷା ଉଭାନ ହୋଇଯାଇଥିବାରୁ ଚାଷୀ ମୁଣ୍ଡରେ ଚଡକ ପଡିଛି। ବର୍ତ୍ତମାନ ଶ୍ରାବଣ ମାସ ହୋଇଥିବା ବେଳେ ଏହି ସମୟରେ ବର୍ଷା ଲାଗି ରହିବା କଥା କିନ୍ତୁ ଶ୍ରାବଣ ମାସରେ ବୈଶାଖ ମାସର ତାତି ଅନୁଭୁତ ହେଉଛି। ବର୍ତ୍ତମାନ ଯେତିକି ଜମିରେ ଚାଷକାର୍ଯ୍ୟ ହୋଇଯାଇଛି ସେସବୁ ଜମିରେ ପାଣିର ଅଭାବ ଯୋଗୁଁ ଜମି ଫାଟି ଆଁ କଲାଣି। ଗୋଲାମୁଣ୍ଡା ବ୍ଲକର ୨୮ ଗୋଟି ଗ୍ରାମପଞ୍ଚାୟତରେ ବର୍ତ୍ତମାନ ଆବଶ୍ୟକଠାରୁ କମ ବର୍ଷା ହେଇଥିବାରୁ ଚାଷୀମାନେ ଘୋର ଚିନ୍ତାରେ। କେତେକ ଅଞ୍ଚଳରେ ଚାଷୀ ରୁଆବେଉଷଣ ପାଇଁ ଧାନ ତଳି ପକାଇ ଥିବା ସମୟରେ ତଳିଗୁଡିକ ବର୍ଷା ଓ ଖରା ଯୋଗୁଁ ଶୁଖିବାକୁ ଲାଗିଲାଣି। ଜମିରେ ରୂଆ ହୋଇଥିବା ଧାନ ଓ ବୁଣା ଧାନ ମଧ୍ୟ ପାଣି ଅଭାବରୁ ଠିକ ଭାବରେ ବଢି ନପାରି ମରିବାକୁ ଲାଗିଲାଣି। ସାଧାରଣତଃ ଶ୍ରାବଣ ମାସର ବର୍ଷାରେ ନଦୀ ନାଳ ଓ ଡ୍ୟାମ ଗୁଡିକ ପରିପୂର୍ଣ୍ଣ ହୋଇଥାଏ। ଯଦ୍ୱାରା ଚାଷୀ ଶ୍ରାବଣ ମାସ ପରେ ଧାନ ଚାଷ ପାଇଁ ପାଣି ଦରକାର ହେଲେ ନଦୀ ନାଳ ଓ ଡ୍ୟାମରୁ ପାଣି ଲଗାଇଥାଏ। ଚଳିତବର୍ଷ ନଦୀ ନାଳ ଓ ଡ୍ୟାମ ଗୁଡିକରେ ମଧ୍ୟ ଜଳସ୍ତର କମ୍ ରହିଛି। ଯାହାକି ଚାଷୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ବର୍ତ୍ତମାନ ସମୟରେ ଚାଷୀ ରୂଆବେଉଷଣ କାର୍ଯ୍ୟରେ ମଜିଯିବା କଥା କିନ୍ତୁ ବର୍ଷା ଅଭାବ ଯୋଗୁଁ ଚାଷୀ କେବଳ ଭସା ବାଦଲକୁ ଚାହିଁ ବସିଛି। ଚାଷୀ ଧାନ କରଜ କରି ବିହନ ରାସାୟନିକ ସାର କିଣିଥିବା ବେଳେ ବିଗତ କେତେକ ବର୍ଷ ହେଲା ଗୋଲାମୁଣ୍ଡା ବ୍ଲକର ଚାଷୀ ଧାନ ଚାଷ କରି ମରୁଡିର ସମ୍ମୁଖୀନ ହୋଇ ତାଙ୍କର ସାର ଓ ବିହନ ଖର୍ଚ୍ଚ ମଧ୍ୟ ବାହାରି ପାରିନଥିବା ବେଳେ ଚଳିତ ବର୍ଷ ମଧ୍ୟ ଏପରି ପରିସ୍ଥିତି ଦେଖାଦେଲେ ଚାଷୀଙ୍କୁ ସାର ଓ ବିହନ ଖର୍ଚ୍ଚ ମିଳିବ କି ନାହିଁ ଆଶଙ୍କାରେ ଅଛନ୍ତି ବ୍ଲକର ଚାଷୀ। ଆଗାମୀ ଏକ ସପ୍ତାହ ମଧ୍ୟରେ ଯଦି ସଠିକ ପରିମାଣରେ ବର୍ଷା ନହେଲେ ଚଳିତବର୍ଷ ମଧ୍ୟ ଗୋଲାମୁଣ୍ଡା ବ୍ଲକର ଚାଷୀ ଭୟାବହ ମରୁଡିର ସମ୍ମୁଖୀନ ହେବେ ବୋଲି ବ୍ଲକର ଚାଷୀ ମହଲରେ ଚର୍ଚ୍ଚା ଯୋର ଧରିଛି। ଅପରପକ୍ଷରେ ବ୍ଲକର ଅନେକ ଗ୍ରାମପଞ୍ଚାୟତର ଚାଷୀଙ୍କ ଧାନ ତଳି ଓ ରୂଆ ଧାନ ମରିବା ଯାଇଥିବା ବେଳେ ବର୍ଷା ହେଲେ ମଧ୍ୟ ଏହା ବଢି ପାରିବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ଜିଲ୍ଲା ଜର୍ଜ କୋର୍ଟ ମୁଖ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲା ଜର୍ଜଙ୍କ କୋର୍ଟ ପରିସରରେ କଳାହାଣ୍ଡି ଜିଲ୍ଲା ଜଜ୍‌ଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରକାଳୀନ ଉତ୍ସବରେ ଅନୁପ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଓ ଦୌରା ଜର୍ଜ, କଳାହାଣ୍ଡିଙ୍କ ସହିତ ସମସ୍ତ ପଦାଧିକାରୀ ଏବଂ ଜିଲ୍ଲା ନ୍ୟାୟିକ କର୍ମଚାରୀଗଣ ତଥା ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଜଜ୍ ଶ୍ରୀ ପଟ୍ଟନାୟକ ଅବସର ଗ୍ରହଣ କରୁଥିବା ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ଉତ୍ତରୀୟ, ଗଣପତି ବାବାଙ୍କ ମୂର୍ତ୍ତି ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିବା ସହ ତାଙ୍କ ଅବସର ଗ୍ରହଣ ପରବର୍ତ୍ତୀ ସମୟ ସୁଖମୟ ହେଉ ବୋଲି ଈଶ୍ୱରଙ୍କୁ ପ୍ରାର୍ଥନା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଦାଧିକାରୀ ଯଦୁମଣି ମିଶ୍ର, ଏଫ୍‌ଟିଏସ୍‌ସି, ବଦ୍ରୀ ନାରାୟଣ ନନ୍ଦ, ଭିଜିଲାନ୍ସ ଜଜ୍ କଳାହାଣ୍ଡି, ରାଜୀବ ଲୋଚନ ସାହୁ, ପୋକ୍ସୋ ଜଜ୍ କଳାହାଣ୍ଡି ପ୍ରମୁଖ ପ୍ରସନ୍ନ କୁମାରଙ୍କ ଅବଶିଷ୍ଟ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସୁସ୍ଥ ଜୀବନ ନିମନ୍ତେ ମାଁ ମାଣିକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ବିଶ୍ୱନାଥପୁର ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତା

## ଡଙ୍ଗରୀ ଗାଁକୁ ହରାଇ ୧-୦ ଗୋଲରେ ହରିହରପୁର ବିଜୟୀ

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଫୁଟ୍‌ବଲ ଆସୋସିଏସନ ଆନୁକୂଲ୍ୟରେ ଆଜି ଏକ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ପିଇଡବ୍ଲ୍ୟୁ ମିଡିଆ ଏସୋସିଏସନର କୋଷାଧ୍ୟକ୍ଷ ନୀଲେଶ କୁମାର ନାଗ ଯୋଗ ଦେଇଥିଲେ। ଏହି ଅବସରରେ ହରିହରପୁର ଓ ଡଙ୍ଗରୀ ଗାଁ ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ହରିହରପୁର ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ତରଫରୁ ଆନନ୍ଦ ମାଝୀ ଗୋଲ ସ୍କୋର କରିବା ସହିତ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ରେଫରୀ ଭାବେ କିଶୋର କୁମାର ଘଡେଇ ମ୍ୟାଚ ପରିଚାଳନା କରିଥିବାବେଳେ ସୁନୀଲ ବେହେରା ଓ ଫାଲଗୁନୀ ବାଗ ଲାଇନ୍ସମେନ ଦାୟିତ୍ୱ ତୁଲାଇଥିଲେ। ସେହିପରି ବିଶ୍ୱନାଥପୁର ଫୁଟବଲ ଏସୋସିଏସନ ତରଫରୁ ଦେବଦତ୍ତ ମାଝୀ, ଅଲେଖ ବେହେରା, କ୍ରିଷ୍ଣା ପ୍ରଧାନୀ, କୀର୍ତ୍ତିମୟ ପ୍ରଧାନୀ, କୀର୍ତ୍ତିମୟ ସାହୁ, ଜଗା ସୂର୍ଯ୍ୟ, ସେନାପତି ଗଉଡ଼ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

## ମହୁମାଛି ଆକ୍ରମଣରେ ଶ୍ରମିକ ଆହତ

କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଅଁଳାଗୁଡା ଗ୍ରାମର ଚାଷ କାର୍ଯ୍ୟରେ ନିୟୋଜିତ ଥିବା ୮ରୁ ଉର୍ଦ୍ଧ୍ୱ ଶ୍ରମିକ ମଙ୍ଗଳବାର ମହୁମାଛି ଆକ୍ରମଣ ଶିକାର ହୋଇଥିବା ଜଣାପଡିଛି। ସମସ୍ତ ଆହତ ଶ୍ରମିକଙ୍କୁ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏବଂ ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣାପଡିଛି। ସୂଚନା ଅନୁସାରେ, ଲଡୁଗାଁ ପଞ୍ଚାୟତ ମୁଟୁରାବାହାଲି ଗ୍ରାମର ଶ୍ରମିକ ମାନେ ଅଁଳାଗୁଡାଠାରେ ଚାଷ କାର୍ଯ୍ୟରେ ନିୟୋଜିତ ଥିଲେ। ତେବେ ହଠାତ୍ ମହୁ ମାଛି ଆସି ସେମାନଙ୍କୁ ଆକ୍ରମଣ କରିଥିଲା। ଶ୍ରମିକମାନେ ନିଜକୁ ବଞ୍ଚାଇବାକୁ ଯାଇ ଇତସ୍ତତ ଦୌଡ଼ି ଥିଲେ ସୁଦ୍ଧା ମହୁମାଛି ଆକ୍ରମଣର ଶିକାର ହୋଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଆମପାଣି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଶିଶୁ ମନ୍ଦିରର ମୋଟ ୧୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ତଥା ଉଦଯାପନୀ ଉତ୍ସବରେ ରଏନଗୁଡା ସ୍ଥିତ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କପିଳେନ୍ଦ୍ର ସିଂ, ପରିଚାଳନା କମିଟି ସଭାପତି ତ୍ରିନାଥ ପ୍ରଶନ୍ନ ରାୟ, ଉପସଭାପତି ନକୁଳ ବାଣୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ଏହି କ୍ରମରେ ୫୫ ଜଣ କୃତି ଶିକ୍ଷାର୍ଥୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୀମନ୍ତିନୀ ପଣ୍ଡା ସଂଯୋଜନା କରିଥିବାବେଳେ ଗିରିଧାରୀ ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମାଁ ଓ ସେବିକା ମାନେ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

### ।।। ଅନ୍ଧବିଶ୍ୱାସର କୁପରିଣତି ।।।

## ଗୁଣି ଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଅଭିଯୋଗରେ ୨ଅଭିଯୁକ୍ତ କୋର୍ଟଚାଲାଣ



ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ୍): ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ବାପାଙ୍କ ମୃତ୍ୟୁର ପ୍ରତିଶୋଧ ନେଇଛି ପୁଅ। ନୃଶଂସ ଭାବରେ କରିଛି ଜଣେ ବୃଦ୍ଧଙ୍କ ହତ୍ୟା। ଲୋକଙ୍କ ନଜର ହଟାଇବାକୁ କରିଦେଇଛି ଶବ ଗାୟବ। ପୁରା ସିନେମା କାହାଣୀ ଭଳି, ପୁରା ସିନେମା ଷ୍ଟାଇଲରେ ଘଟିଛି ଏ ହତ୍ୟାକାଣ୍ଡ। ତେବେ ଘଟଣାର ଛଅଦିନ ପରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେବା ପରେ ସାମ୍ନାକୁ ଆସିଛି ସବୁଯାକ ସତ। ଆଉ ବୃଦ୍ଧଙ୍କ ଶବ ଉଦ୍ଧାର ସହିତ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଅଗଷ୍ଟ ମାସ ୩୦ ତାରିଖ। ସନ୍ଧ୍ୟା ସମୟରେ ନିଜ ଚାଷଜମିରେ ବେଉଷଣ ପାଇଁ ହଳ ବଳଦ ଯୋଗାଡ଼ କରିବାକୁ ନିଜ ଗାଁ କାଣ୍ଡାମାରୁ ପାଖ ଗାଁ ବଣ୍ଡେଲକୁ ଯାଇଥିଲେ ବୃଦ୍ଧ ରଘୁ ପାତ୍ର। ଘରୁ ଗୋଡ଼ କାଢ଼ି ଯାଇଥିବା ରଘୁ ସେଇ ରାତିରୁ ଆଉ ଫେରିଲେନି। ନିଖୋଜ ହୋଇଗଲେ। ଆଖପାଖ ଗାଁ, ବନ୍ଧୁବାନ୍ଧବ ସମସ୍ତଙ୍କ ପାଖରେ ଖୋଜାଖୋଜି ପରେ ବାପାଙ୍କ ନିଖୋଜ ସମ୍ପର୍କରେ ବିଶ୍ୱନାଥପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ରଘୁଙ୍କ ପୁଅ ମୂରଲୀ ପାତ୍ର। ବାପାଙ୍କ ନିଖୋଜ ଘଟଣାରେ ଅଞ୍ଚଳର ଚାରିଜଣ ଯୁବକ ସମ୍ପୃକ୍ତ ଥିବା ସେ ଅଭିଯୋଗ କରିଥିଲେ। ରଘୁଙ୍କ ନିଖୋଜ ହେବା, ଗାଁ ଶେଷମୁଣ୍ଡରେ ଥିବା ଏକ ପଡ଼ିଆରେ ରକ୍ତଛିଟା ପଡ଼ିଥିବା ଓ ପୂର୍ବରୁ ଗାଁର ଜଣକର ମୃତ୍ୟୁ ପରେ ରଘୁଙ୍କ ନାଁରେ ଗୁଣି ଗାରେଡି ଆରୋପ ଲଗାଯିବା ଘଟଣାକୁ ନେଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ ମୂରଲୀ ଓ ତାଙ୍କ ପରିବାର ଲୋକେ। ବୃଦ୍ଧ ରଘୁ ନିଖୋଜ ହେବାର ଛଅ ଦିନ ପରେ ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହିତ ଗାଁରେ ପହଞ୍ଚିବା ପରେ ମାମଲା ସାମ୍ନାକୁ ଆସିଥିଲା। ସନ୍ଧାନୀ କୁକୁର ଗାଁର ନରେଶ ଦୋରା ଓ ବଣ୍ଡେଲ ଗାଁର ପ୍ରଦୀପ ହରିଜନଙ୍କୁ ଚିହ୍ନଟ କରିବା ପରେ ପୋଲିସ ସେମାନଙ୍କୁ ଅଧିକ ପଚରାଉଚୁରା ପାଇଁ ଥାନାକୁ ନେଇଥିଲା। ସେମାନେ ବୃଦ୍ଧଙ୍କୁ ହତ୍ୟା କରିବା ସ୍ୱୀକାର କରିବା ପରେ ମୁଖ୍ୟ ଅଭିଯୁକ୍ତ ନରେଶ ଓ ପ୍ରଦୀପକୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ଯିବାକୁ ପଡ଼ିଛି। ସୂଚନା ଅନୁଯାୟୀ, ମାସକ ତଳେ କାଣ୍ଡାମା ଗାଁର ଦୁଃଶାସନ ଦୋରା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ସେତେବେଳେ ଦୁଃଶାସନଙ୍କୁ ଗାଁର ରଘୁ ପାତ୍ର ଗୁଣି କରି ମାରିଦେଇଥିବା ସନ୍ଦେହ କରିଥିଲେ ପରିବାର ଲୋକେ। ସେଇଦିନଠୁ ବାପାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ପଣ କରିଥିଲା ମୃତ ଦୁଃଶାସନଙ୍କ ପୁଅ ନରେଶ। କେରଳ ଫେରନ୍ତା ନରେଶ ବାପାଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲା। ବାପାଙ୍କ ମୃତ୍ୟୁର ଠିକ୍ ମାସେ ପୁରିବା ଦିନ ସେ ତାର ଉଦ୍ଦେଶ୍ୟରେ ସଫଳ ହେଲା। ବଣ୍ଡେଲ ଗାଁରୁ ଘରକୁ ଫେରୁଥିବା ବୃଦ୍ଧ ରଘୁଙ୍କୁ ଗାଁ ଶେଷମୁଣ୍ଡ ପଡ଼ିଆରେ ନିଜର ସହଯୋଗୀ ସହିତ ମିଶି ହତ୍ୟା କରିଥିଲା। ତେବେ ଧରା ପଡ଼ିଯିବା ଭୟରେ ମୃତଦେହକୁ ଏକ ବସ୍ତାରେ ଭରି ବାଇକ ଯୋଗେ ରାୟଗଡ଼ା ଜିଲ୍ଲା ଅମ୍ବାଦଳା- ଦହିଖାଲ ଷ୍ଟେସନ ନିକଟସ୍ଥ ରେଳ ଧାରଣାରେ ଫିଙ୍ଗି ଚାଲି ଆସିଥିଲା। ତେବେ ପୋଲିସ ଘଟଣାର ପର୍ଦ୍ଦାଫାସ କରିବା ସହିତ ରେଳବାଇ ପୋଲିସ ଦ୍ୱାରା ରାୟଗଡାରେ ସଂରକ୍ଷିତ ଥିବା ଶବ ଜବତ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ସେହିପରି ଅଭିଯୁକ୍ତ ନରେଶକୁ ନେଇ ଘଟଣାସ୍ଥଳରେ ସିନ ରିକ୍ରିଏସନ କରାଇଥିଲା ପୋଲିସ। ଏହାସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଠେଙ୍ଗା ଓ ଶବ ଫିଙ୍ଗିବାକୁ ବ୍ୟବହାର କରିଥିବା ଏକ ଆପାଚି ବାଇକ ଜବତ କରିଥିଲା। ଏନେଇ ବିଶ୍ୱନାଥପୁର ଥାନା କେସ ନଂ ୫୩/୨୦୨୫ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ତୁଳସୀରାମ ଶବର ତଦନ୍ତ କରୁଛନ୍ତି। ଗୁଣି ଗାରେଡି ସନ୍ଦେହରୁ ବୃଦ୍ଧଙ୍କ ନିର୍ମମ ହତ୍ୟା ଘଟଣାଟି ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

### ବର୍ଷା ଲାଗି ସରଗ୍ ମାଉଲୀଙ୍କୁ ଉପାସନା

## ପୂଜା ସରୁଣୁ ଆରମ୍ଭ ହେଲା ବର୍ଷା : ଖୁସିରେ ନାଚିଲେ ଗ୍ରାମବାସୀ



କୋକସରା, (ଭାସ୍କର ନ୍ୟୁଜ୍) : ଆଦିବାସୀ ଅଧ୍ୟୁଷିତ କଳାହାଣ୍ଡି ଜିଲ୍ଲାରେ ଦେବାଦେବୀ ମାନଙ୍କ ପୂଜାପାଠରେ ସ୍ୱତନ୍ତ୍ରତା ରହିଛି। ଏହି ଅଞ୍ଚଳର ଲୋକମାନେ ଦେବାଦେବୀଙ୍କ ଉପରେ ପ୍ରଗାଢ଼ ବିଶ୍ୱାସ ରଖନ୍ତି। ତେବେ ଭଲ ବର୍ଷା ହେବା ପାଇଁ ୩ ଦିନ ଧରି କୋକସରା ବ୍ଲକ ମହିମା ଦଣ୍ଡପାଟିଆଣୀ ଦେବୀଙ୍କ ପୀଠରେ ଲୋକେ ବର୍ଷାର ଆଗମନ ପାଇଁ ଧରିଣୀ ଉପାସନା କରିଥିଲାବେଳେ ମଙ୍ଗଳବାର ପାହାଡ଼ ଉପରକୁ ଯାଇ ସରଗ ମାଉଳୀ ଦେବୀଙ୍କ ଶରଣ ନେଇଛନ୍ତି। ଏବଂ ୧୨ ଖଣ୍ଡ ଗାଁର ଦେବାଦେବୀ ଓ ଲୋକେ ପାହାଡ଼ ଚଢ଼ି ଶୀର୍ଷ ସ୍ଥାନରେ ପହଞ୍ଚି ଦେବୀଙ୍କ ଉପାସନା କରିଛନ୍ତି। ଆଶ୍ଚର୍ଯ୍ୟର କଥା ଅଞ୍ଚଳରେ ଅନେକ ଦିନରୁ ଆବଶ୍ୟକ ହିସାବରେ ବର୍ଷା ହୋଇ ନଥିବାବେଳେ ପାହାଡ଼ ଉପରେ ସରଗ ମାଉଳୀଙ୍କ ପୂଜା ସରୁ ସରୁ ବର୍ଷା ଆରମ୍ଭ ହୋଇଥିଲା। ଯାହା ଫଳରେ ଉପସ୍ଥିତ ୧୨ ଖଣ୍ଡ ଗାଁର ଲୋକେ ଖୁସିରେ ନାଚି ନାଚି ବର୍ଷାରେ ଭିଜିବା ସହ ଦେବୀ ଦନ୍ତପାଟିଣୀଙ୍କ ସ୍ୱରୂପା ସରଗ ମାଉଳୀ ଭକ୍ତମାନଙ୍କ ଭକ୍ତିରେ ପ୍ରୀତ ହୋଇ ବର୍ଷା କରାଇଲେ ବୋଲି ପ୍ରକାଶ କରିଛନ୍ତି। ମହିମା ଗାଁ ମୁଣ୍ଡରେ ଥିବା ଦଣ୍ଡପାଟିଆଣୀ ଦେବୀଙ୍କ ପୀଠରେ ଗତ ରବିବାରଠାରୁ ୩ ଦିନଧରି ବର୍ଷାର ଆଗମନ ପାଇଁ ଧରିଣୀ ଉପାସନା ଚାଲିଥିଲା। ମଙ୍ଗଳବାର ସକାଳୁ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଦେବା ଦେବୀଙ୍କ ଶିରା, ପୂଜକ ଓ ଶତାଧିକ ଲୋକ ମନ୍ଦିର ପରିସରରୁ ଡଙ୍ଗର ଅଭିମୁଖେ ବିରାଟ ପଟୁଆରରେ ପାରମ୍ପରିକ ବାଜା ଘଣ୍ଟ, ଶଙ୍ଖର ଧ୍ୱନି ଦେଇ ଆଗେଇ ଥିଲେ। ସେଠାରେ ପହଞ୍ଚିବା ପରେ ପ୍ରଥମେ ଡଙ୍ଗର ଦେବୀଙ୍କ ପାଦପୂଜା କରାଯାଇ ପାହାଡ଼ ଚଢ଼ିବା ପାଇଁ ଅନୁମତି ନେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ପାହାଡ଼ ଚଢ଼ା କାର୍ଯ୍ୟ। ସେଠାରେ ପହଞ୍ଚି ଗୁମ୍ଫା ସଦୃଶ୍ୟ ଏକ ବିରାଟ କାୟ ପଥର ନିକଟରେ ମା' ସରଗ ମାଉଳୀ ଦେବୀଙ୍କଠାରେ ଆଦିବାସୀ ପରମ୍ପରାରେ ପୂଜା କାର୍ଯ୍ୟ ଆରମ୍ଭ କରି ହୋମ୍ କରାଯାଇଥିଲା। ଏହି ସମୟ ମଧ୍ୟରେ ଶିରାଙ୍କ ଦେହରେ ପୂର୍ବରୁ ଦେବୀଙ୍କ କାଳିଶୀ ଚଢିଥିବାବେଳେ ବର୍ଷା ଆଗମନର କଥା ଦେବୀଙ୍କ ପ୍ରତିନିଧିତ୍ୱ କରୁଥିବା ପୁଝାରୀ ମାନେ ପଚାରି ବୁଝିଥିଲେ। ଉପସ୍ଥିତ ଚାଷୀ ଓ ୧୨ଖଣ୍ଡ ଗାଁର ଲୋକ ମଧ୍ୟ ଦେବା ଦେବୀଙ୍କୁ ବର୍ଷା ପାଇଁ ଗୁହାରି କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳୀ କାର୍ଯ୍ୟ। ରକ୍ତ ଭୋଗରେ ବୋଦା (ଗଡରା), କୁକୁଡା ଆଦି ବଳୀ ପ୍ରଦାନ କରାଯାଇଥିଲା। ଏବଂ ଶୁକ୍ଳ ଭୋଗରେ ମୁହାଁ ନୈବେଦ୍ୟ ଆଦି ପ୍ରଦାନ କରାଯାଇଥିଲା। ପାର୍ଶ୍ୱରେ ବାରଭାଇ ଭିମାଦେବ, ଶୋଳ ଭଉଣୀ ଠାକୁରାଣୀ, ବିଜଳୀମତି, ରାହା ଡୁମା, ବାଗଡୁମା ଓ ଡଙ୍ଗର ଦେବତା, ବାରୀଦାୟିନି ଆଦିଙ୍କ ପୂଜା ହୋଇଥିଲା। ସରଗ ମାଉଳୀଙ୍କ ଆସ୍ଥାନ ଗୁମ୍ଫା ସଦୃଶ୍ୟ ପଥର ଉପରେ ସାମିଲ ହୋଇଥିବା ୧୨ଖଣ୍ଡ ଗ୍ରାମର ଦେବାଦେବୀଙ୍କ ପୂଜକ, ଶିରା ମାନଙ୍କୁ ସୂତା ବନ୍ଧା ଯାଇ ସରଗ ମାଉଳୀଙ୍କ ନାଁରେ ୧୨ ଗରା (ଛୋଟ ହାଣ୍ଡି)ରେ ପାଣି, କ୍ଷୀର ଓ ମାଦକ ଲାଗି କରାଯାଇଥିଲା। ପରେ ସର୍ଗ ମାଉଳୀଙ୍କ ଆସନରୁ ଭଲ ବର୍ଷାର କାମନା କରି ଇନ୍ଦ୍ର ଦେବଙ୍କୁ ସନ୍ଦେସ ପାଇଁ ପୂର୍ବ ଦିଗକୁ ଏକ ପାରାକୁ ଉଡା ଯାଇଥିଲା। ଉଡ଼ି ଯାଇଥିବା ପାରା ପୁର୍ନଃବାର ଫେରିଥିଲା। କୁହାଯାଏ ପାରା ଫେରିଲେ ନିଶ୍ଚୟ ବର୍ଷା ହୋଇଥାଏ ବୋଲି କେଉଁ ଏକ ଆବାହମାନ କାଳରୁ ବିଶ୍ୱାସ ହୋଇ ଆସୁଛି ବୋଲି ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ପୂଜାର ତତ୍‌କ୍ଷଣାତ୍ ଡଙ୍ଗର ଉପରେ ହିଁ ବର୍ଷା ଝରି ପଡ଼ିଥିଲା। ଯାହାକୁ ନେଇ ଚାଷୀ ଓ ଗ୍ରାମବାସୀ ଏକ ପ୍ରକାର ଉତ୍ସାହିତ ହୋଇ ଉଠି ବର୍ଷାରେ ଭିଜି ଭିଜି ନାଚି ଉଠିଥିଲେ। ପରେ ଅନ୍ୟଏକ ସ୍ଥାନର ପଥର ସଯ୍ୟାରେ ପୂଜା କାର୍ଯ୍ୟ କରିଥିଲେ। ଏବଂ ସେଠାରେ ମଧ୍ୟ ବଳୀ ପ୍ରଦାନ କରାଯାଇ ଥିଲା। ଏହାପରେ ପ୍ରରମ୍ଭରେ ଚଢିଥିବା ପଶ୍ଚିମ ଦିଗକୁ ନ ଓହ୍ଲେଇ ପାହାଡ଼ର ପୂର୍ବ ଦିଗକୁ ଓହ୍ଲାଇ ଆସି ଦେବୀଙ୍କ ଆସ୍ଥାନ ସ୍ଥଳକୁ ଫେରିଥିଲେ। ସନ୍ଧ୍ୟାରେ ପିଠରେ ଦେବାଦେବୀ ମାନଙ୍କୁ ଶୀତଳା କାର୍ଯ୍ୟ କରାଯାଇ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ପୂଜା କାର୍ଯ୍ୟରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସାମିଲ ହୋଇ ଅଞ୍ଚଳର ଲୋକଙ୍କ ମଙ୍ଗଳ କାମନା କରି ଦେବୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପୂଜା କାର୍ଯ୍ୟକୁ ଦେବୀଙ୍କ ମୁଖ୍ୟ ପୁଝାରୀ ରତନ ପୁଝାରୀ, ଚିତ୍ରସେନ ପୁଝାରୀ, ଶିରା ତୁମେଶ୍ୱର ପୁଝାରୀ ଓ ସୁରେଶ ଚନ୍ଦ୍ର ପୁଝାରୀ ସମ୍ପାଦନ କରିଥିଲେ।

## ରାଶିଫଳ

ଗୁରୁବାର, ୦୭ ଅଗଷ୍ଟ ୨୦୨୫



**ମେଷ:** ବ୍ୟବସାୟ ଆଶା କରାଯାଉଥିବା ସଫଳତା ହାସଲ କରିବାର ସମ୍ଭାବନା ଅଧିକ। ଆୟ ବୃଦ୍ଧି ପାଇବ। ମଜା ଏବଂ ମଜାଦାର ଧାରା ଦିନସାରା ଜାରି ରହିବ। ଆଜି ଆପଣ ଘର ସାଜସଜ୍ଜାରେ ନୂତନତା ଆଣିବେ। ଆଜି ଘର ସଜାଇବା ପାଇଁ ବ୍ୟବସ୍ଥା ମଧ୍ୟ ପରିବର୍ତ୍ତନ ହେବ।



**ବୃଷ:** ଆଜି ଆପଣ ବ୍ୟବସାୟର ବିକାଶ ପାଇଁ ଅଧିକ ଧ୍ୟାନ ଦେବେ। ନୂତନ ଯୋଜନା ଏବଂ ଚିନ୍ତାଧାରାର ନୂତନତ୍ୱ ସହିତ ବ୍ୟବସାୟ ପ୍ରଗତି ଆଡକୁ ଗତି କରିବ। ତଥାପି, ସଫଳତା ବିଳମ୍ବ ହୋଇପାରେ । ମଧ୍ୟାହ୍ନ ଭୋଜନ ପରେ ଏକ ବ୍ୟବସାୟ ଅନୁକୂଳ ପରିବେଶ ସୃଷ୍ଟି ହେବ।



**ମିଥୁନ:** ମନରୁ ନକାରାତ୍ମକ ଚିନ୍ତାଧାରାକୁ ହଟାଇ ଆପଣ ନିରାଶାରୁ ବାହାରି ଆସିବେ। ଅନୈତିକ କାର୍ଯ୍ୟଗୁଡ଼ିକ ଚିନ୍ତାର କାରଣ ହୋଇପାରେ। ତେଣୁ ଯଦି ସମ୍ଭବ ସେସବୁରୁ ଦୂରରେ ରୁହନ୍ତୁ । ବ୍ୟବସାୟରେ ବିକାଶ ସହିତ ନୂତନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେବ।



**କର୍କଟ:** ମନ ଆନନ୍ଦ ଏବଂ ମଜା ସହିତ ଆନନ୍ଦିତ ହେବ। ଏହି ଧାରାରେ, ସାଙ୍ଗମାନଙ୍କ ସହିତ ମନୋରଞ୍ଜନର ଉପଭୋଗକୁ ଦ୍ୱିଗୁଣିତ କରିବ। ମଧ୍ୟାହ୍ନ ଭୋଜନ ପରେ ଆପଣଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପାରେ। ଗାଡ଼ି ଚଳାଇବା ସମୟରେ ଯତ୍ନ ନିଅନ୍ତୁ ଏବଂ ଆପଣଙ୍କ କ୍ରୋଧକୁ ନିୟନ୍ତ୍ରଣ କରନ୍ତୁ। ମନେରଖନ୍ତୁ ଯେ ବକ୍ତବ୍ୟ ଆକ୍ରମଣାତ୍ମକ ନୁହେଁ।



**ସିଂହ:** ଆପଣଙ୍କର ଅଧକ୍ଷତାରେ ବୃତ୍ତିଗତ ଲୋକମାନେ ବୃତ୍ତିଗତ ଭାବରେ ଉପକୃତ ହେବେ। ଧନ ପାଇବା ପାଇଁ ଦୃଢ ସମ୍ଭାବନା ଅଛି। ଆୟ ହେତୁ ଆର୍ଥିକ ଦୃଷ୍ଟିରୁ ସୁଧ ପେରସ୍ତ ହେବ। ସେୟାର ଇତ୍ୟାଦି ମାଧ୍ୟମରେ ଆୟ ବୃଦ୍ଧି ହେବାର ସମ୍ଭାବନା ଅଛି।



**କନ୍ୟା:** ପୋଷାକ ସପିଂ ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ଉପଭୋଗ୍ୟ ହେବ। କଳା ପ୍ରତି ତୁମର ଆଗ୍ରହ ବିଶେଷ ହେବ। ବ୍ୟବସାୟରେ ବିକାଶ ହେତୁ, ମନରେ ସୁଖ ରହିବ। ବ୍ୟବସାୟରେ ସମୟ ଅନୁକୂଳ ହେବ। ପ୍ରତିଯୋଗୀମାନେ ଜିତିବେ।



**ତୁଳା:** ଆଜି ଆପଣଙ୍କ ପାଇଁ ମଧ୍ୟମ ଫଳପ୍ରଦ ହେବ। ପ୍ରକୃତ ସମ୍ପତ୍ତି ଦଲିଲଗୁଡ଼ିକର ଯତ୍ନ ନିଅନ୍ତୁ। ମା'ଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ହେବ। ଧ୍ୟାନ ଦିଅନ୍ତୁ ଯେ ପରିବାରରେ କୈଣସି ବିବାଦ ହେବ ନାହିଁ। କିନ୍ତୁ ମଧ୍ୟାହ୍ନ ପରେ ସୁସ୍ଥ ଅନୁଭବ କରିବେ। ସୃଜନଶୀଳ ପ୍ରବୃତ୍ତି ପ୍ରତି ଧ୍ୟାନ ଦେବ। ଛାତ୍ରମାନଙ୍କ ପାଇଁ ସମୟ ଅନୁକୂଳ ଅଟେ।



**ବିଛା:** ଘରୋଇ ଜୀବନରେ ଜଟିଳ ପ୍ରଶ୍ନର ସମାଧାନ ହେବ। ଏହା ସହିତ, ଆପଣ ପ୍ରକୃତ ସମ୍ପତ୍ତି ସହିତ ଜଡିତ କାର୍ଯ୍ୟ ସହିତ ମୁକାବିଲା କରିବାକୁ ପାଇବେ। ଭାଇଭଉଣୀଙ୍କ ସହିତ ସମ୍ପର୍କରେ ରହିବ। ମଧ୍ୟାହ୍ନ ଭୋଜନ ପରେ କାର୍ଯ୍ୟରେ ଅସୁବିଧା ବୃଦ୍ଧି ପାଇବ। ଆପଣ ଶାରୀରିକ ଏବଂ ମାନସିକ ସ୍ତରରେ ଚିନ୍ତା ଅନୁଭବ କରିବେ।



**ଧନୁ:** ଆଜି, ମନ ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ପ୍ରବୃତ୍ତିରେ ନିୟୋଜିତ ହେବ। ତଥାପି, ଛାତ୍ରମାନେ ପଢିବା ଏବଂ ଲେଖିବାରେ ଏକାଗ୍ରତା ବଜାୟ ରଖିବା ଆବଶ୍ୟକ। ମଧ୍ୟାହ୍ନ ଭୋଜନ ପରେ, ଚିନ୍ତା କମାଇବା ପାଇଁ ସମାଧାନ ଖୋଜି ମାନସିକ ଶାନ୍ତି ଅନୁଭବ କରିବେ। ଶାରୀରିକ ଏବଂ ମାନସିକ ସ୍ତରରେ ସୁସ୍ଥ ରହିବ।



**ମକର:** ଆଜି ପ୍ରତ୍ୟେକ କାର୍ଯ୍ୟ ବିନା ବାଧାରେ ସଂପୂର୍ଣ୍ଣ ହେବ। ଘରୋଇ ଜୀବନରେ ଅତ୍ୟଧିକ ସୁସ୍ଥ ପରିବେଶ ରହିବ। ଆପଣ ଆଧ୍ୟାତ୍ମିକ ପ୍ରବୃତ୍ତି ପାଇଁ ଆଗ୍ରହୀ ହେବେ। ମଧ୍ୟାହ୍ନ ପରେ, ଆପଣଙ୍କ ମନରେ ନକାରାତ୍ମକ ଚିନ୍ତାଧାରାର ଆକ୍ରମଣ ହେତୁ, ନିରାଶାର ମେଘ ଦେଖାଯିବ। ନିଷ୍ପତ୍ତି ଶକ୍ତିର ଅଭାବ ରହିବ। ଘରୋଇ କାମ ପଛରେ ଟଙ୍କା ଖର୍ଚ୍ଚ କରିବାର ସମ୍ଭାବନା ଅଛି।



**କୁମ୍ଭ:** କୋର୍ଟ କାର୍ଯ୍ୟରେ ସଫଳତା ମିଳିବ। ପରୋପକାରୀ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ହେବ। ଭଗବାନଙ୍କୁ ଉପାସନା କରିବା ଆପଣଙ୍କ ମନରେ ଶାନ୍ତି ଆଣିବ। ମଧ୍ୟାହ୍ନ ପରେ ଆପଣଙ୍କର ପ୍ରତ୍ୟେକ କାର୍ଯ୍ୟ ସହଜରେ ସମାପ୍ତ ହେବ। ପାରିବାରିକ ଜୀବନରେ ସମନ୍ୱୟ ରହିବ। ଶାରୀରିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ।



**ମୀନ:** ବିବାହ କରିବାକୁ ଯୋଗ ଫିଟିବ। ବାଣିଜ୍ୟିକ କ୍ଷେତ୍ରରେ ମଧ୍ୟ ଲାଭ ହେବ। ପାରିବାରିକ ଜୀବନରେ ସୁଖ ଏବଂ ଶାନ୍ତି ରହିବ। ହୁଏତ କିଛି ସୁନ୍ଦର ସ୍ଥାନରେ ରହିବାକୁ ପଡିପାରେ। ସାଙ୍ଗମାନେ ମଧ୍ୟ ଉପକୃତ ହେବେ। ମଧ୍ୟାହ୍ନ ଭୋଜନ ପରେ, ଆପଣ କୈଣସି କାରଣରୁ ମାନସିକ ସ୍ତରରେ ଚିନ୍ତିତ ହେବେ। ଧାର୍ମିକ କାର୍ଯ୍ୟ ପଛରେ ଟଙ୍କା ଖର୍ଚ୍ଚ ଅଧିକ ରହିବ।



ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯